ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଜୁନ୍ ୪/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Dhenkanal, Saturday, June 4/2022 Page 16 ₹ 7.00 ★★★★★

୧୮ଶ ଭାଗ ୧୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




# ଦୂର ହେବ ପାର୍କିଂ, ଚୋରି ଚିନ୍ତା

**ଅନୁଗୋଳ ଅଫିସ,୩।୬**
**ଅମିତ କୁମାର ସାମଲ**

- ଅନୁଗୋଳ, ଛେଣ୍ଡିପଦାରେ ହେବ ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ
- ଶାବଳଭଙ୍ଗାରେ ୫ ଏକର, କତଡ଼ାର ୭ ଏକର ଜାଗା ଚିହ୍ନଟ
- ଟ୍ରକ୍ ମାଲିକ ସଂଘକୁ ମିଳିଲା ବଡ଼ ଧରଣର ଆଶ୍ୱସ୍ତି

ରାସ୍ତାପାର୍ଶ୍ୱ କି ଘର ସମ୍ମୁଖରେ ଆଉ ପାର୍କିଂ ହେବନି ଟ୍ରକ୍। ଚୋରି ହେବନି ପରିବହନ ସାମଗ୍ରୀ, ଯନ୍ତ୍ରାଂଶ କିମ୍ବା ଗାଡ଼ି। ରାଜପଥରେ ଦେଖାଦେବନି ଅଯଥା ଟ୍ରାଫିକ ସମସ୍ୟା। ଦୈନିକ ଘଟୁଥିବା ଟ୍ରକ୍‌ଜନିତ ଦୁର୍ଘଟଣା ସଂଖ୍ୟା ମଧ୍ୟ ହ୍ରାସ ପାଇବ। ଅନୁଗୋଳ ଜିଲ୍ଲାର ଟ୍ରକ୍ ମାଲିକ ଓ ଚାଳକମାନଙ୍କୁ ଏପରି ବଡ଼ଧରଣର ଆଶ୍ୱସ୍ତି ଦେବାକୁ ଯାଉଛି ଜିଲ୍ଲା ପ୍ରଶାସନ। କାରଣ ଅନୁଗୋଳର ଶାବଳଭଙ୍ଗା ଓ ଛେଣ୍ଡିପଦାର କତଡ଼ାଠାରେ ୨ଟି ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ ନିର୍ମାଣର ନିଷ୍ପତ୍ତି ହୋଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ଦ୍ୱାରା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଶିଳ୍ପରେ ପରିପୂର୍ଣ୍ଣ ଅନୁଗୋଳ ଜିଲ୍ଲାରେ ସହସ୍ରାଧିକ ଟ୍ରକ୍ ରହିଛି। ଦୈନିକ ରାଜ୍ୟ ବାହାରୁ ଅନେକ ଟ୍ରକ୍ ଯାତାୟାତ କରୁଥିବା ବେଳେ ଜିଲ୍ଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ସହ ଅନ୍ୟ ରାଜପଥଗୁଡ଼ିକରେ ମଧ୍ୟ ବହୁ ସଂଖ୍ୟକ ଟ୍ରକ୍ ମାଲ୍ ପରିବହନ କରୁଛି। ଫଳରେ ପାର୍କିଂ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏତେ ସଂଖ୍ୟକ ଟ୍ରକ୍ ରଖିବାକୁ ଉପଯୁକ୍ତ ରହଣିସ୍ଥଳ ନ ଥିବାରୁ ଟ୍ରକ୍ ମାଲିକ ଓ ଚାଳକମାନେ ବିଭିନ୍ନ ରାସ୍ତା ପାର୍ଶ୍ୱରେ ପାର୍କିଂ କରିବାକୁ ବାଧ ହେଉଛନ୍ତି। ଫଳରେ ରାଜପଥରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ଅନେକ ସମୟରେ ପାର୍କିଂ ହୋଇଥିବା ଗାଡ଼ିରୁ ପରିବହନ ସାମଗ୍ରୀ, ଯନ୍ତ୍ରାଂଶ ଚୋରି କରାଯାଉଛି। ବେଳେବେଳେ ଦୁର୍ବୃତ୍ତମାନେ ଚାଳକଙ୍କୁ ଆକ୍ରମଣ କରି ଟ୍ରକ୍ ମଧ୍ୟ ଲୁଟି ନେଉଥିବା ଦେଖାଯାଉଛି। ତେଣୁ ଏସବୁ ସମସ୍ୟାକୁ ନେଇ ଗାଡ଼ି ମାଲିକ ଓ ଚାଳକମାନେ ସର୍ବଦା ଚିନ୍ତାରେ ରହୁଥିବା ବେଳେ ଟ୍ରାଫିକ ଓ ଦୁର୍ଘଟଣା ହ୍ରାସ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରି ଆସିଛି। ତେଣୁ ଅନୁଗୋଳରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ପରି ଟ୍ରକ୍ ଟର୍ମିନାଲର ପରିକଳ୍ପନାକୁ ବାସ୍ତବ ରୂପ ଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୨ଟି ଟ୍ରକ୍ ଟର୍ମିନାଲ କରାଯିବାକୁ ସ୍ଥିର କରାଯାଇଛି। ସେଥିରୁ ଅନୁଗୋଳ ଶରଧାପୁର ନିକଟସ୍ଥ ଶାବଳଭଙ୍ଗା ଠାରେ ୪.୯୮ ଏକର ଜାଗାରେ ଗୋଟିଏ ଓ ଅନ୍ୟଟି ଛେଣ୍ଡିପଦା ବ୍ଲକ କତଡ଼ା ଠାରେ ୭ ଏକର ଜାଗାରେ କରାଯିବାର ଯୋଜନା ହୋଇଛି। ଏ ନେଇ ଜମି ଚିହ୍ନଟ କାର୍ଯ୍ୟ କରାଯାଇଥିବା ବେଳେ ଅନୁଗୋଳ ଟ୍ରକ୍ ଟର୍ମିନାଲକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୋହର ମାରି ସାରିଛନ୍ତି। ଅନୁଗୋଳ ପରିବହନ ବିଭାଗ, ତହସିଲଦାର, ଆର୍‌ଆଇ ଓ ଅନୁଗୋଳ ଟ୍ରକ୍ ମାଲିକ ସଂଘ ଶାବଳଭଙ୍ଗାରେ ଚିହ୍ନଟ କରିଥିବା ଜାଗାରେ ୪ଶହରୁ ଊର୍ଦ୍ଧ୍ୱ ଟ୍ରକ୍ ପାର୍କିଂ କରାଯାଇପାରିବ। ସେହିଭଳି ଛେଣ୍ଡିପଦାର କତଡ଼ାଠାରେ ଟର୍ମିନାଲ ଜାଗା ଚିହ୍ନଟ ସମ୍ପର୍କିତ ବୃତ୍ତାନ୍ତ ଫାଇଲ ଆର୍‌ଡିସିଙ୍କ ନିକଟକୁ ପଠାଯିବ ବୋଲି ସୂଚନା ମିଳିଛି। ଏଠାରେ ସ୍ଥାନୀୟ ଟ୍ରକ୍ ମାଲିକଙ୍କ ଗାଡ଼ି ସହ ରାଜପଥରେ ଯାତାୟାତ କରୁଥିବା ଟ୍ରକ୍‌ଗୁଡ଼ିକ ରହିବାର ବ୍ୟବସ୍ଥା କରାଯିବ। ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ଟ୍ରକ୍‌ଗୁଡ଼ିକୁ ଏଠାରେ ରଖି ଚାଳକ ଓ ହେଲପର ବିଶ୍ରାମ ନେବେ। ଏହାହେଲେ ଟ୍ରକ୍‌ଗୁଡ଼ିକ ସୁରକ୍ଷିତ ରହିବା ସହ ପାର୍କିଂ ପାଇଁ କୌଣସି ସମସ୍ୟା ହେବ ନାହିଁ। ଦୁର୍ଘଟଣା ରୋକାଯିବା ସହ ଟ୍ରକ୍ ପାର୍କିଂକୁ ନେଇ ବିଭିନ୍ନ ସମୟରେ ଉଠୁଥିବା ସମସ୍ୟା ଆଉ ରହିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଟର୍ମିନାଲ ଅତ୍ୟାଧୁନିକ ଶୈଳୀରେ ନିର୍ମାଣ କରାଯିବ। ଏଠାରେ ରେଷ୍ଟୁରାଣ୍ଟ ଠାରୁ ଆରମ୍ଭ କରି ବିଶ୍ରାମ ଗୃହ, ଆମୋଦପ୍ରମୋଦ ଗୃହ, ସେଲୁନ୍, ଗ୍ୟାରେଜ୍ ଆଦି ରହିବ। ମାଲିକମାନେ ଟ୍ରକ୍‌ଗୁଡ଼ିକର ପଞ୍ଜୀକରଣ କରିବା ପରେ ଟର୍ମିନାଲରେ ପାର୍କିଂ ପାଇଁ ଅନୁମତି ପ୍ରଦାନ କରାଯିବ। ତେବେ ଟର୍ମିନାଲର ରୂପରେଖ କିଭଳି ହେବ, ତାହା ଏସ୍‌ଟିଏର ଅନୁମୋଦନ ପରେ ନିଷ୍ପତ୍ତି ନିଆଯିବ।



କତଡ଼ାସ୍ଥିତ ଟ୍ରକ୍ ଟର୍ମିନାଲର ନକ୍ସା

### ଜାଗା ଚିହ୍ନଟ ସରିଛି



"ଅନୁଗୋଳର ଶରଧାପୁରଠାରେ ୫ ଏକର ଜାଗାରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରାଯିବ। ଏ ନେଇ ଜାଗା ଚିହ୍ନଟ ସରିଥିବାବେଳେ ଖୁବ୍‌ଶୀଘ୍ର ନିର୍ମାଣ ଆରମ୍ଭ ହେବ। ଛେଣ୍ଡିପଦା ବ୍ଲକରେ ୭ ଏକର ଜାଗାରେ ଆଉ ଏକ ଟ୍ରକ୍ ଟର୍ମିନାଲ କରାଯିବ। ଏସ୍‌ଟିଏ ଅନୁମୋଦନ ଦେବା ପରେ ରୂପରେଖ ପ୍ରସ୍ତୁତ ହେବ।

**-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲାପାଳ, ଅନୁଗୋଳ**

### ପାର୍କିଂ ସୁବିଧା ସହ ଦୁର୍ଘଟଣା ହ୍ରାସ ପାଇବ



"ଅନୁଗୋଳର ୨ଟି ସ୍ଥାନରେ ଟ୍ରକ୍ ଟର୍ମିନାଲ ନିର୍ମାଣ ହେଲେ ପାର୍କିଂ ସମସ୍ୟାର ସମାଧାନ ସହ ରାଜପଥରେ ଦୁର୍ଘଟଣା ହ୍ରାସ ପାଇବ। ଟ୍ରାଫିକ ସମସ୍ୟାକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ। ଏହାଦ୍ୱାରା ସାଧାରଣ ଲୋକମାନେ ଯାତାୟାତ କ୍ଷେତ୍ରରେ ଆଉ ଅଧିକ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

**-ବିଭବ ରଞ୍ଜନ ସାମନ୍ତରାୟ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ**

### ଦୀର୍ଘଦିନର ଦାବି ପୂରଣ ହୋଇଛି



"ଟର୍ମିନାଲ ନିର୍ମାଣ ପାଇଁ ଅନୁଗୋଳ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲା, ଯାହା ଏବେ ପୂରଣ ହେବାକୁ ଯାଉଛି। ଏହି ଟର୍ମିନାଲ କାର୍ଯ୍ୟକ୍ଷମ ହେଲେ ପାର୍କିଂ ଓ ଗାଡ଼ିର ସୁରକ୍ଷା ଜନିତ ସମସ୍ୟା ରହିବ ନାହିଁ। ପ୍ରଶାସନ ଜାଗା ପ୍ରଦାନ କଲେ ସଂଘ ନିର୍ମାଣ କାର୍ଯ୍ୟ କରିବାର ପ୍ରସ୍ତାବ ମଧ୍ୟ ଦେଇଛି।

**-ଅମ୍ବିକା ଭଞ୍ଜ, ସଭାପତି, ଅନୁଗୋଳ ଟ୍ରକ୍ ମାଲିକ ସଂଘ**

## ସଂକ୍ଷେପରେ

### ଠିକା ସଂସ୍ଥାର କାର୍ଯ୍ୟକୁ ନେଇ ଅସନ୍ତୋଷ
## ରାସ୍ତାରେ ଯାତାୟାତରେ ହେଉଛି ସମସ୍ୟା

**ଖମାର,୩।୬(ଡି.ଏନ.ଏ.):** ପାର୍ବତୀଗିରି ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ପାଇପ୍ ବିଛାଉଥିବା ଏକ ଠିକା ସଂସ୍ଥାର କାର୍ଯ୍ୟକୁ ନେଇ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ବିଶେଷକରି ଉକ୍ତ ଠିକା ସଂସ୍ଥା ବିଭିନ୍ନ ରାସ୍ତା ତଳେ ପାଇପ୍ ନେଉଥିବାରୁ ପୂର୍ତ୍ତ ବିଭାଗ, ଆର୍‌ଡି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଓ ପଞ୍ଚାୟତ ପାଣ୍ଠିରେ ନିର୍ମିତ ହୋଇଥିବା କଂକ୍ରିଟ ରାସ୍ତାକୁ ଖୋଳିଦେଉଛି। ହେଲେ ପାଇପ୍ ବିଛାଇବା ପରେ ରାସ୍ତାରେ ହୋଇଥିବା ଖାତକୁ ଠିକ୍ ଭାବେ ମରାମତି କରୁ ନ ଥିବାରୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅନେକ ବାଇକ୍ ଚାଳକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଉଥିବା କୁହାଯାଉଛି। ଅଭିଯୋଗ ସମ୍ପର୍କରେ ଠିକା ସଂସ୍ଥାର ସ୍ଥାନୀୟ ଅଧିକାରୀ ବିଦ୍ୟୁତ୍ ଦେବ କହିଛନ୍ତି, କୌଣସି କାମ ବେଆଇନ ଭାବେ କରାଯାଉ ନାହିଁ। ଖମାର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ କହିଛନ୍ତି, ଏହି ଜନକଲ୍ୟାଣ କାର୍ଯ୍ୟ ପାଇଁ ଠିକା ସଂସ୍ଥାକୁ ଜିଲ୍ଲାସ୍ତରରୁ ଅନୁମତି ମିଳିଛି। ହେଲେ ରାସ୍ତା ଖୋଳିବା ପୂର୍ବରୁ ସମ୍ପୃକ୍ତ ବିଭାଗ ନିକଟରୁ ଅନୁମତି ନେବା କଥା। କିନ୍ତୁ ଠିକା ସଂସ୍ଥା ତାହା କରୁନାହିଁ। ରାସ୍ତାରେ ଖୋଳାଯାଇଥିବା ଖାତ ଠିକ୍ ଭାବେ ମରାମତି କରି ନ ଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବିଧାୟକଙ୍କ ନୂଆ ବ୍ଲକ ପ୍ରତିନିଧି



**ଆଠମଲ୍ଲିକ/ ମାଧପୁର, ୩।୬:** ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଆଠମଲ୍ଲିକ ବ୍ଲକର ନୂଆ ପ୍ରତିନିଧି ଭାବେ ଲୁଣହାଣ୍ଡି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ବିଜେଡି ନେତା ରତନ ରଥ ନିଯୁକ୍ତ ହୋଇଛନ୍ତି। ଏ ନେଇ ବିଧାୟକ ଚିଠି ମାଧମରେ ଅନୁଗୋଳ ଜିଲ୍ଲାପାଳଙ୍କୁ ଅବଗତ କରିବା ସହିତ ଆଠମଲ୍ଲିକ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଏବଂ ଅନ୍ୟସମସ୍ତ ଅଧିକାରୀଙ୍କୁ ଚିଠିର ନକଲ ପ୍ରଦାନ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ



**ମାଧପୁର,୩।୬:** ଆଠମଲ୍ଲିକ ବ୍ଲକ ମାଧପୁର ବଜାର ନିବାସୀ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ମିଶ୍ର (୬୭)ଙ୍କ ଶୁକ୍ରବାର ଭୁବନେଶ୍ୱରଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ ଏବଂ ଧର୍ମ ପରାୟଣା ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## 'ବିକାଶରେ ସହାୟକ ହୁଅନ୍ତୁ ସରକାର'

**କଣିହାଁ,୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲ୍ଲା କଣିହାଁ ଭାଜପା ମଣ୍ଡଳର ୮ଟି ପଞ୍ଚାୟତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଙ୍କୁ ନେଇ ଏକ ବୈଠକ ଜରଡାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ କେନ୍ଦ୍ର ସରକାର ତାଳଚେରର ବିକାଶ ପାଇଁ ଅନେକ କାର୍ଯ୍ୟ କରୁଥିବାବେଳେ ରାଜ୍ୟ ସରକାର ସେଥିରେ ବାଧକ ସାଜୁଛନ୍ତି ବୋଲି ଅଭିଯୋଗ କରିଥିଲେ। ତେଣୁ ବିକାଶ କାର୍ଯ୍ୟରେ ରାଜ୍ୟ ସରକାର ବାଧକ ନ ହୋଇ ସହାୟକ ହୁଅନ୍ତୁ ବୋଲି ସାମଲ କହିଥିଲେ। ବରିଷ୍ଠ ନେତା ତଥା ଜିଲ୍ଲା ମିଡିଆସେଲ ଅଧ୍ୟକ୍ଷ ଓ କଣିହାଁ ମଣ୍ଡଳ ପ୍ରଭାରୀ ପର୍ଶୁରାମ ବାରିକ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଦଳର ଆଗାମୀ ୧୫ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଅଧ୍ୟକ୍ଷତା କରୁଥିବା ବରିଷ୍ଠ ନେତା ଜିଲ୍ଲା ଉପସଭାପତି ନୃସିଂହ ବରାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ସୁଶାନ୍ତ ସାମଲ, ଲୋକ ନାଥ ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ଜଗନ୍ନାଥ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ କର୍ଣ୍ଣ ଭୂତିଆ, ସୁଲେନ ଧର, ଜରଡ଼ା ସମିତି ମେମ୍ବର କୁମୁଦିନୀ ମହାନ୍ତି, ତୁଷାର ବେହେରା, ଅଭୟ ସାହୁ, ସୁବୁଲି ସାହୁ, ବଡଗୁଣ୍ଡୁରି ସରପଞ୍ଚଙ୍କ ସହ ସମସ୍ତ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ଆଇଏଏସ୍ ସୌମ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା

**ପାଲଲହଡା,୩।୬(ଡି.ଏନ.ଏ.)**

ସିଭିଲ ସର୍ଭିସ ପରୀକ୍ଷାରେ ୩୦୬ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିବା ଅନୁଗୋଳ ଜିଲ୍ଲା ପାଲଲହଡାର ଛାତ୍ର ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ପାଲଲହଡା ଅଞ୍ଚଳର ପ୍ରଥମ ଆଇଏଏସ୍ ହୋଇଥିବାରୁ ସୌମ୍ୟରଞ୍ଜନଙ୍କ ଘରକୁ ଯାଇ ବିଧାୟକ ମୁକେଶ କୁମାର ପାଲ ପାଲଲହଡା ବାସୀଙ୍କ ତରଫରୁ ଅଭିନନ୍ଦନ ଜଣାଇଥିଲେ। ନିଃସ୍ୱାର୍ଥ ଭାବେ ଲୋକଙ୍କ ସେବା କରିବା ପାଇଁ ପରାମର୍ଶ ଦେବା ସହିତ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତାଙ୍କ ସମେତ ବହୁ ବିଜେଡି କର୍ମୀ ସୌମ୍ୟଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।


ଆଇଏଏସ୍ ସୌମ୍ୟରଞ୍ଜନଙ୍କ ସହ ସମ୍ବର୍ଦ୍ଧିତ କରିବାକୁ ଆସିଥିବା ବିଧାୟକ ଓ ଅନ୍ୟମାନେ।

## ଚୋରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୩।୬**

ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାଇକ୍ ଚୋରି କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଶୁକ୍ରବାର ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା କମଳାଙ୍ଗ ଗ୍ରାମର ସମୀର ନାଏକ(୨୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଚୋରି ବାଇକ୍ ତାଙ୍କ ନିକଟରୁ ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଲୋଧଣୀ ଅଞ୍ଚଳର ଅଲେଖ ବେହେରା ତାଙ୍କ ଭାଉଜଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମେଡିକାଲ ପାର୍କିଂ ସ୍ଥାନରେ ତାଙ୍କ ବାଇକ୍ (ନଂ. ଓଡି୦୬ଏଚ-୯୫୧୫) ରଖି ଆଉଟ୍‌ଡୋରକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ପାଇ ନ ଥିଲେ। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ତଦନ୍ତ କରି ଚୋରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

## ପରିବେଶ ସମ୍ବନ୍ଧୀୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

**ଅନୁଗୋଳ ଅଫିସ,୩।୬**

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅନୁଗୋଳ ସରକାରୀ ବାଳିକା ବିଦ୍ୟାଳୟରେ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଅଫିସ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲାବେଳେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସହଯୋଗରେ ବକ୍ତୃତା, ଚିତ୍ରାଙ୍କନ ଓ ଜଣାଅଜଣା ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ସଭାପତିତ୍ୱରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ବିଜ୍ଞାନୀ ରିଙ୍କି ମେହେର୍, ନିୟୁଜ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ସହକାରୀ ଶିକ୍ଷୟିତ୍ରୀ ସ୍ନେହଲତା ସାମଲ, ଶିକ୍ଷକ ପ୍ରତାପ ଚନ୍ଦ୍ର ସାହୁ ଏବଂ କୀର୍ତ୍ତି ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ମନୋଜ କୁମାର ସାହୁ ଜଣାଅଜଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲ ପରିସରରେ ପଲିଥିନ ବ୍ୟବହାରରୁ ନିବୃତ୍ତ ରହିବା ଏବଂ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ନେଇ ଛାତ୍ରୀମାନେ ଶପଥପାଠ କରିଥିଲେ। ନିୟୁଜ୍‌ର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ଯଶୋବନ୍ତ ସାହୁ ଏବଂ ପ୍ରିୟବ୍ରତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ଶ୍ରମିକ ନିୟୋଜନ ବନ୍ଦ ପାଇଁ ଶୋଭାଯାତ୍ରା

**ବନ୍ତଳା,୩।୬(ଡି.ଏନ.ଏ.)**

ଶିଶୁ ଶ୍ରମିକ ନିୟୋଜନକୁ ବନ୍ଦ କରିବା ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଅନୁଗୋଳ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଶୁକ୍ରବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁଗ୍ମ ଶ୍ରମ କମିଶନର ପ୍ରଶାନ୍ତ କୁମାର ବଳିଆର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ ନ କରି ତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବା ଓ ଏହାର ପ୍ରସାର ପ୍ରଚାର ସହରରେ କିପରି ହେବ ତାହା ଉପରେ ଶ୍ରମ କମିଶନର ଆଲୋକପାତ କରିଥିଲେ। ଏହି ଶୋଭାଯାତ୍ରା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟଠାରୁ ବାହାରି ସହରର ନୂଆ ମଉଜାଠାରେ ପହଞ୍ଚିଥିଲା। ସେଠାରେ ଶିଶୁ ଶ୍ରମିକଙ୍କ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ, ସହକାରୀ ଶ୍ରମ ଅଧିକାରୀ ଦେବଦତ୍ତ ମହାନ୍ତି, ଗ୍ରାମୀଣ ଶ୍ରମ ନିରୀକ୍ଷକ ଦୀପ୍ତିମୟୀ ରାଉଳ, ଚାଇଲ୍ଡ ଲାଇନ ସଦସ୍ୟ ଓ ଶ୍ରମିକ ସଙ୍ଗଠନ ପ୍ରତିନିଧିମାନେ ସହଯୋଗ କରିଥିଲେ।



ଶୋଭାଯାତ୍ରାକୁ ଅତିଥି ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଶିକ୍ଷକ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

**ଅନୁଗୋଳ ଅଫିସ/ ବନ୍ତଳା, ୩।୬**

ଅନୁଗୋଳ ବ୍ଲକ ବାରସିଂହା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକମାତ୍ର ଗଣିତ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଶୁକ୍ରବାର ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦରେ ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ଗ୍ରାମବାସୀ ଦର୍ଶାଇଛନ୍ତି, ବାରସିଂହା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଛି। ଏଠାରେ ମୋଟ ୨୧୬ ଛାତ୍ରୀଛାତ୍ର ପଢୁଛନ୍ତି। ତେବେ ପିଲାଙ୍କ ତୁଳନାରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ମାତ୍ର ୭ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରୁ ୬ ଜଣ କଳା ଶିକ୍ଷକ ଥିବାବେଳେ ଜଣେ ମାତ୍ର ବିଜ୍ଞାନ ଓ ଗଣିତ ଶିକ୍ଷକ ରହିଛନ୍ତି। ତେବେ ବିଜ୍ଞାନ ଓ ଗଣିତ ପଢ଼ାଉଥିବା ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅନ୍ୟ ଜଣେ କଳା ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଫଳରେ ଗ୍ରାମବାସୀ ଏହି ବଦଳିକୁ ବିରୋଧ କରିଛନ୍ତି। ଗଣିତ ଶିକ୍ଷକଙ୍କ ସ୍ଥାନରେ କଳା ଶିକ୍ଷକ ନିଯୁକ୍ତ ହେଲେ ଛାତ୍ରୀଛାତ୍ରମାନେ ବିଜ୍ଞାନ ଓ ଗଣିତ ଶିକ୍ଷା ଠିକ୍ ଭାବେ ପାଇପାରିବେ ନାହିଁ। ତେଣୁ ନିର୍ଦ୍ଦେଶନାମାକୁ ତୁରନ୍ତ ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି କି, ବଦଳି ବାତିଲ ନ ହେବା ପର୍ଯ୍ୟନ୍ତ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ନୂଆ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ବିଦ୍ୟାଳୟ ହତାକୁ ପୂରାଇ ଦିଆଯିବ ନାହିଁ ବୋଲି ବାରସିଂହା ଗ୍ରାମର ରଞ୍ଜନ ପାତ୍ର, ଅମୂଲ୍ୟ ସାହୁ, ଡଲି ବେହେରା, ଲକ୍ଷ୍ମୀଧର ସାହୁ, ଅଙ୍କିତା ଦଳବେହେରା, ଅମିତା ସାହୁ, ଅଶ୍ୱିନୀ ବେହେରା, ସୁଜାତା ସ୍ୱାଇଁ, ରୁନି କଟାର ପ୍ରମୁଖଙ୍କ ସହ ଅନ୍ୟମାନେ କହିଛନ୍ତି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଦାବି ସମ୍ପର୍କରେ ଅବଗତ କରିଛନ୍ତି। ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।


ବିଦ୍ୟାଳୟ ଫାଟକରେ ତାଲା ପକାଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବସିଛନ୍ତି।

ଧରିତ୍ରୀ
DHARITRI
ଶନିବାର, ଜୁନ୍ ୪/୨୦୨୨ | Saturday, June 4/2022 | ପୃଷ୍ଠା-୧



**ନାଡାଲ ଫାଇନାଲରେ**

ରାଫାଲ ନାଡାଲ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୦୬

୦୫

**ଶାହରୁଖଙ୍କ ଟ୍ରିପଲ୍ ଧମାଲ୍**

ଚାରିବର୍ଷର ବ୍ୟବଧାନ ପରେ ୨୦୨୩ରେ ବଲିଉଡ୍ ସୁପରଷ୍ଟାର ଶାହରୁଖଙ୍କ ୩ଟି ଫିଲ୍ମ ମୁକ୍ତିଲାଭ କରିବ।



# ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ବିଜୟ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ





- ଭକ୍ତଙ୍କ ସୁବିଧା ପାଇଁ ନିର୍ମାଣ କାର୍ଯ୍ୟ ଜାରି ରହିବ
- ଦୁଇ ଆବେଦନକାରୀଙ୍କୁ ଲକ୍ଷେ ଲେଖାଏ ଜରିମାନା
- ଛତୁ ଫୁଟିଲା ଭଳି ଦାଖଲ ହେଉଛି ପିଆଇଏଲ୍: ଖଣ୍ଡପୀଠ

ନୂଆଦିଲ୍ଲୀ,୩।୬

ପୁରୀର ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଚାରିପଟେ ଚାଲିଥିବା ନିର୍ମାଣ କାର୍ଯ୍ୟ ଜାରି ରହିବ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱରେ କରାଯାଉଥିବା ଖନନ ଓ ନିର୍ମାଣ କାର୍ଯ୍ୟ ବିରୋଧରେ ଆଗତ ଦୁଇଟି ପିଟିଶନକୁ ତୁଚ୍ଛ ଏବଂ ଜନହିତରେ ନ ଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହ କୋର୍ଟଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ଆବେଦନକାରୀ ଅର୍ଦ୍ଧେନ୍ଦୁ କୁମାର ଦାସ ଓ ସୁମନ୍ତ କୁମାର ଘଡ଼େଇଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦିଆଯାଇଛି।

ଜଷ୍ଟିସ୍ ବି.ଆର୍. ଗବାଇ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ନିର୍ମାଣକୁ ବିରୋଧ କରି ଦାଖଲ ପିଟିଶନଗୁଡ଼ିକୁ ଖାରଜ କରି କହିଛନ୍ତି, ମନ୍ଦିରକୁ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ଆସିଥାଆନ୍ତି। ସେମାନଙ୍କୁ ଶୌଚାଳୟ ଭଳି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଓଡ଼ିଶା ସରକାର ଆବଶ୍ୟକ ବନ୍ଦୋବସ୍ତ କରୁଛନ୍ତି। ତେଣୁ ନିର୍ମାଣ କାର୍ଯ୍ୟରୁ ସରକାରଙ୍କୁ ବାରଣ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟରେ ମୃଣାଳିନୀ ପାଢ଼ୀଙ୍କ ମାମଲାରେ ୩ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶକ୍ରମେ ମହିଳା ଓ ପୁରୁଷମାନଙ୍କ ପାଇଁ ଟଏଲେଟ୍ ଓ ଇଲେକ୍ଟ୍ରିସିଟି ରୁମ୍ ନିର୍ମାଣ କରାଯାଉଛି। ଏହା ପ୍ରାଚୀନ ସ୍ମାରକ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ (ଏଏମ୍ଏଏସ୍ଆର୍) ଆଇନ, ୧୯୫୮ର ବିରୁଦ୍ଧାଚରଣ କରୁନାହିଁ। ଉକ୍ତ ନିର୍ମାଣ କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ପାଇଁ ଉଦ୍ଦିଷ୍ଟ ପୂର୍ବ ନିର୍ଦ୍ଦେଶନାମାର ଅନୁରୂପ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ଆମେ ଏହି ଯୁକ୍ତି ଉପରେ ବିଚାର କରିଛୁ ଯେ, କେବଳ ଜଣେ ବ୍ୟକ୍ତିଙ୍କୁ ଶୌଚାଳୟ ନିର୍ମାଣ ପାଇଁ ମନା କରାଯାଇପାରିବ। କିନ୍ତୁ ଭକ୍ତମାନଙ୍କ ବୃହତ୍ ସ୍ୱାର୍ଥରେ ରାଜ୍ୟ ସରକାର ସେମାନଙ୍କୁ ମୌଳିକ ସୁବିଧା ପ୍ରଦାନ ପାଇଁ ଏହି ନିର୍ମାଣ କରୁଥିବାରୁ ବାରଣ ☞ପୃଷ୍ଠା-୨




## ‘ତୁମ ଇଚ୍ଛା ବିନା ପତ୍ରଟେ ହଲେନି, ଆହେ ଜଗନ୍ନାଥ’

ଭୁବନେଶ୍ୱର,୩।୬(ବ୍ୟୁରୋ)

‘ତୁମ ଇଚ୍ଛା ବିନା ପତ୍ରଟେ ହଲେନି, ଆହେ ଜଗନ୍ନାଥ।’ ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏପରି ଟୁଇଟ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ସୁପ୍ରିମକୋର୍ଟଙ୍କ ରାୟ ରାଜ୍ୟ ସରକାରଙ୍କ ସପକ୍ଷରେ ଯାଇଛି। ଏହି ରାୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କିଛି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ଇସାରା, ଇସାରାରେ ☞ପୃଷ୍ଠା-୨

# ବ୍ରଜରାଜନଗର: ବିଜେଡି ବିଜୟୀ

- ୬୬,୧୨୨ ଭୋଟରେ ଜିତିଲେ ଅଳକା
- ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୩।୬(ବ୍ୟୁରୋ)

ବ୍ରଜରାଜନଗର ଉପନିର୍ବାଚନରେ ବିଜେଡି ପୁଣି ବାଜିମାତ କରିଛି। ଶୁକ୍ରବାର ହୋଇଥିବା ଭୋଟ ଗଣତିରେ ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର କିଶୋର ପଟେଲଙ୍କୁ ୬୬,୧୨୨ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଅଳକା ମହାନ୍ତି ସମୁଦାୟ ୯୩,୯୫୩ ଖଣ୍ଡ ଭୋଟ ପାଇଥିବା ବେଳେ କିଶୋରଙ୍କୁ ୨୭,୮୩୧ ଖଣ୍ଡ ଭୋଟ ମିଳିଛି। ୨୦୧୯ ସାଧାରଣ ନିର୍ବାଚନରେ ଦ୍ୱିତୀୟ ଆସନରେ ଥିବା ଭାଜପା ତୃତୀୟ ସ୍ଥାନକୁ ଖସିଯାଇଛି। ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡାଙ୍କୁ ମାତ୍ର ୨୨,୬୩୦ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସିପିଆଇ ପ୍ରାର୍ଥୀ ରମେଶ କୁମାର ତ୍ରିପାଠୀଙ୍କୁ ୩୧୦୫ ଭୋଟ ମିଳିଥିବା ବେଳେ ହିନ୍ଦୁସ୍ଥାନ ନିର୍ମାଣ ଦଳର ବିଜୟ କୁମାର ଜଲାନଙ୍କୁ ୨୮୪, ସ୍ୱାଧୀନ ପ୍ରାର୍ଥୀ ଅଭୟଭାରତୀ ଶେଖାୱତ ରାଜପୁତ ଜୈନଙ୍କୁ ୩୭୧, ଆଦିତ୍ୟ ପଧାନଙ୍କୁ ୧୮୮୪, ଦୀନବନ୍ଧୁ ବିଶ୍ୱାଳଙ୍କୁ ୪୨୫, ମନୋଜ ମେହେରଙ୍କୁ ୪୧୭, ସୀତାରାମ ବେହେରାଙ୍କୁ ୩୧୨ ଓ ସୁପ୍ରିତ୍ କୁମାର ବେହେରାଙ୍କୁ ୬୭୫ ଭୋଟ ମିଳିଛି। ଅନ୍ୟପକ୍ଷରେ ନନ୍ ଅଫ୍ ଦ ଏବୋଭ୍ ବା ନୋଟାରେ ପଡ଼ିଛି ୧୫୧୧ ଭୋଟ ଅର୍ଥାତ୍ ନୋଟାରେ ଜଣେ ଦଳୀୟ ଓ ୫ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ଅଧିକ ଭୋଟ ପଡ଼ିଛି।


ଅଳକା ମହାନ୍ତି

ଫଳାଫଳ ଘୋଷଣା ପରେ ବିଜୟୀ ପ୍ରାର୍ଥୀ ଅଳକା ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଭରସା ଓ କର୍ମୀଙ୍କ ଉତ୍ସାହ ଯୋଗୁ ସେ ବିପୁଳ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏବେ ସ୍ୱାମୀଙ୍କ ଅଧୁରା କାମ ପୂରଣ କରିବାକୁ ପ୍ରାଥମିକତା ଦେବେ। ଲୋକମାନଙ୍କର ଆଶା ପୂରଣ କରିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ☞ପୃଷ୍ଠା-୨

# ଅନୁସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ଗିରଫ

- ୩୦ ହଜାର ଲାଞ୍ଚ ନେବାବେଳେ ଧରିଲା ଭିଜିଲାନ୍ସ
- କାର୍ଯ୍ୟାଳୟ ସମେତ ୪ ସ୍ଥାନରେ ଚଢ଼ାଉ


ପୂର୍ଣ୍ଣଚନ୍ଦ୍ର ସାହୁ

ଭୁବନେଶ୍ୱର,୩।୬(ବ୍ୟୁରୋ)

ଭିଜିଲାନ୍ସ ଜାଲରେ ଆଉଜଣେ ବଡ଼ ବାବୁ। ସେ ହେଲେ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗର ଅନୁସଚିବ ପୂର୍ଣ୍ଣଚନ୍ଦ୍ର ସାହୁ। ଶୁକ୍ରବାର ଜଣେ କମ୍ପ୍ୟୁଟର ଫାର୍ମ ମାଲିକଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ତାଙ୍କ ନାମରେ ଏକ ମାମଲା (ନଂ.୧୩/୨୦୨୨) ରୁଜୁ କରାଯାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରାଯାଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ୟୁନିଟ-୧ସ୍ଥିତ ତାଙ୍କ ସରକାରୀ ବାସଭବନ, ଭରତପୁର ଥାନା ଦୁର୍ଗାମାଧବ ନଗରସ୍ଥିତ ଘର, ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଞ୍ଚଳରେ ପୈତୃକ ଘର ଓ ଲୋକସେବା ଭବନରେ ଥିବା ତାଙ୍କ କାର୍ଯ୍ୟାଳୟ ସମେତ ୪ ସ୍ଥାନରେ ଚଢ଼ାଉ କରାଯାଇଛି। ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏକ ସରକାରୀ କାର୍ଯ୍ୟରେ ୧୦ଟି କମ୍ପ୍ୟୁଟର ଯୋଗାଇବାକୁ ଲୁଇସ୍ ରୋଡ୍‌ର ଜଣେ ଫାର୍ମ ମାଲିକ ଟେଣ୍ଡର ପାଇଥିଲେ। ଏହାର ବିଲ୍ ସହ ଅନ୍ୟ ଏକ ଟେଣ୍ଡର ଅର୍ଡର ଦେବାକୁ ଅନୁସଚିବ ୬୫ହଜାର ୫୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରତି କମ୍ପ୍ୟୁଟର ପାଇଁ ୩ ହଜାର ଟଙ୍କା ଲେଖାଏ ମୋଟ ୩୦ ହଜାର ଟଙ୍କା ନେବାକୁ କହିଥିଲେ। ଏଥିସହ ୫୫ଟି ୟୁପିଏସ୍ ଟେଣ୍ଡରର ଅର୍ଡର ପାଇଁ ୨୬ ହଜାର ୫୦୦ ଟଙ୍କା ମାଗିଥିଲେ। ଟଙ୍କା ନ ମିଳିଲେ ୫୫ଟି ୟୁପିଏସ୍‌ର ଟେଣ୍ଡର ଅର୍ଡରକୁ ରୋକିଦେବାକୁ ପୂର୍ଣ୍ଣଚନ୍ଦ୍ର ଧମକ ଦେଇଥିଲେ। ଏନେଇ କମ୍ପ୍ୟୁଟର ଫାର୍ମ ମାଲିକ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଲାଞ୍ଚ କାରବାର ଧରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣଚନ୍ଦ୍ର ତାଙ୍କ ସରକାରୀ ବାସଭବନରେ ଉକ୍ତ ଫାର୍ମ ମାଲିକଙ୍କଠାରୁ ୩୦ ହଜାର ଲାଞ୍ଚ ନେଉଥିବାବେଳେ ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।

## ସଞ୍ଜୟ କୁମାର ମିଶ୍ର ଓଡ଼ିଶା ହାଇକୋର୍ଟ ବିଚାରପତି ନିଯୁକ୍ତ



ନୂଆଦିଲ୍ଲୀ,୩।୬

ଆଇନଜୀବୀ ସଞ୍ଜୟ କୁମାର ମିଶ୍ରଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ବିଧାନର ଅନୁଚ୍ଛେଦ ୨୧୭ ଅନ୍ତର୍ଗତ ଧାରା ୧ର କ୍ଷମତା ବଳରେ ଏହି ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ସମେତ ପାଟନା ଏବଂ ରାଜସ୍ଥାନ ହାଇକୋର୍ଟର ୫ ବିଚାରପତିଙ୍କ ନିଯୁକ୍ତି ସମ୍ପର୍କରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ୪ ଜଣ ଆଇନଜୀବୀଙ୍କୁ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ପଦୋନ୍ନତି ଦେବା ପ୍ରସ୍ତାବକୁ ଗତ ଜାନୁୟାରୀରେ ସୁପ୍ରିମକୋର୍ଟ କଲେଜିୟମ ଗ୍ରହଣ କରିଥିଲେ। ୧୯୯୦ରେ ଏମ୍.ଏସ୍. ଲ’ କଲେଜରୁ ଏଲ୍ଏଲ୍‌ବି ପାସ୍ କରିବା ପରେ ସଞ୍ଜୟ ଜଣେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଓଡ଼ିଶା ହାଇକୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି।

# ପୋଲିସ ଅଧିକାରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍

- ଟ୍ରାଫିକ୍ ଜାମ୍ ହଟାଇ ରାସ୍ତା ପାର୍ ବେଳେ ଦୁର୍ଘଟଣା
- ଗାଡ଼ି ଜବତ, ଡ୍ରାଇଭର ଗିରଫ


ସୁଜିତ ପାଣ୍ଡବ

ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ, ୩।୬ (ସ୍ୱ.ପ୍ର.)

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ନଳାଙ୍ଗ ଚିଙ୍ଗୁଡ଼ିପୁର ଛକଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାଫିକ ଜାମ୍ ହଟାଇବାକୁ ଯାଇ ଜଣେ ପୋଲିସ ଅଧିକାରୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ୱତନ୍ତ୍ର ପୋଲିସ ଅଧିକାରୀ ସୁଜିତ ପାଣ୍ଡବ (୪୭)। ତାଙ୍କ ଘର ଭଦ୍ରକ ଚରମ୍ପା ଅଞ୍ଚଳରେ। ଧାମନଗର ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର କେ.ଜି. ସୁବ୍ରମଣ୍ୟମଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୬/୨୨) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଚିଙ୍ଗୁଡ଼ିପୁର ଛକଠାରେ ଟିମ୍ ପାଟ୍ରୋଲିଂ ଡ୍ୟୁଟିରେ ଥିବାବେଳେ ରାସ୍ତା ଜାମ୍ ହୋଇଥିଲା। ସେନାନିବୃତ୍ତ ସ୍ୱତନ୍ତ୍ର ପୋଲିସ ଅଫିସର ପାଣ୍ଡବଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ରାସ୍ତା ଜାମ୍ ହଟାଇଥିଲେ। ଏହାପରେ ଡାଇଭର୍ଶନଠାରେ ରାସ୍ତା ପାର୍ ହେଉଥିବା ବେଳେ କୋଲକାତାରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଟ୍ରକ୍ ପାଣ୍ଡବଙ୍କ ଉପରେ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ପାଣିକୋଇଲିଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ନିକଟସ୍ଥ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଆଜିର ସମ୍ପାଦକୀୟ**

**ଚାହିଁ ବସିଛନ୍ତି ଅର୍ଥମନ୍ତ୍ରୀ**

**ଆଜିର ମନ୍ତବ୍ୟ**

“ଦେଶରେ ଏକ ଦୃଢ଼ ବିରୋଧୀ ଦଳ ଆବଶ୍ୟକ। ଦଳଗୁଡ଼ିକ ଗଣତନ୍ତ୍ର ପ୍ରତି ଉତ୍ସର୍ଗୀକୃତ ହେବା ଦରକାର। ପରିବାର ରାଜନୀତି ସହ ସମ୍ପୃକ୍ତ ଦଳ ଏଥିରୁ ନିଜକୁ ମୁକ୍ତ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୪୩,୦୩,୨୧୬ | ୬୩,୧୭,୯୦୨ | ୫୦,୫୨,୦୬,୧୪୪ |
| ଭାରତ | ୪,୩୧,୬୯,୫୯୯ | ୫,୨୪,୬୫୧ | ୪,୨୬,୨୨,୭୫୭ |
| ଓଡ଼ିଶା | ୧୨,୮୮,୪୭୩ | ୯୧୨୬(+୫୩) | ୧୨,୭୯,୨୨୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଲିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାର ପାଲିଙ୍କି ଉପରେ ପାଟଛତା
କାହାର ବେଢ଼ି ଉପରେ କୋରଡ଼ା।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିରସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କପା କର୍ପୂର ଏକ ଭାଉ,
ଅବୁଝାମଣା ରାଜ୍ୟକୁ କିମ୍ପା ଯାଉ ?**

କପାଠାରୁ କର୍ପୂରର ମୂଲ୍ୟ ଓ ଗୁଣ କାହିଁ କେତେ ଅଧିକ। ଦୁହିଙ୍କୁ ଏକା ସାଙ୍ଗରେ ତୁଳନା କରିବା ମୂର୍ଖାମିର ପରିଚୟ ହୋଇଥାଏ। ଯେଉଁଠାରେ ଭଲ-ମନ୍ଦ ବା ଉତ୍କୃଷ୍ଟ-ନିକୃଷ୍ଟର ବିଚାର ନାହିଁ ସେଠାରେ ସୁଫଳ ମିଳିବାରେ କିଛି ଆଶା ରହୁନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ନୀତିରେ ବିଭ୍ରାଟ: ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ବନ୍ଦ

ପୁରୁଣା ଭୁବନେଶ୍ୱର, ୩।୬(ଡି.ଏନ୍.ଏ.)



ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗର ଅସହଯୋଗ ଯୋଗୁ ଶୁକ୍ରବାର ପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ହୋଇପାରି ନାହିଁ। ଦୈନିକ ନୀତି ମଙ୍ଗଳ ଆଳତି, ଅବକାଶ, ଦର୍ଶନ, ନିର୍ଘଣ୍ଟ ଅନୁଯାୟୀ ସମସ୍ତ ରୀତିନୀତି ଚାଲିଥିଲା। ସନ୍ଧ୍ୟା ୭ଟା ୩୦ରେ ଠାକୁରାଣୀ ଦ୍ୱିପ୍ରହର ଦୀପ କରାଯାଇ ନୀତି ବନ୍ଦ କରାଯାଇଥିଲା। ଫଳରେ ଲିଙ୍ଗରାଜଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବାରେ ଆଶଙ୍କା ଦେଖାଦେଇଛି। ଅଷ୍ଟ ଚଣ୍ଡୀ, ଅଷ୍ଟ ଶମ୍ଭୁଙ୍କୁ ନିମନ୍ତ୍ରଣ, ହାଣ୍ଡି ମଙ୍ଗୁଳା ଆଦି ସମସ୍ତ କାର୍ଯ୍ୟ ରିପୋର୍ଟ ଲେଖା ହେବା ବେଳକୁ ବନ୍ଦ ରହିଥିଲା। ମନ୍ଦିର ପ୍ରଶାସନ ଉପରୋକ୍ତ ଦୁଇ ନିଯୋଗ ସେବାୟତଙ୍କ ବିଭିନ୍ନ ସମସ୍ୟା ଓ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ସେମାନେ ନୀତିରେ ଅସହଯୋଗ କରିବେ ବୋଲି ପୂଜାପଣ୍ଡା ନିଯୋଗର ବରିଷ୍ଠ ସେବାୟତ ତଥା ସଭାପତି କାଶୀନାଥ ପୂଜା ପଣ୍ଡା କହିଛନ୍ତି।

### ଶିବ ବିବାହ ପାଇଁ ଶ୍ୱଶୁରାଳୟ ପ୍ରସ୍ତୁତି

ଶିବ ବିବାହ ନେଇ ଆଶଙ୍କା ଦେଖାଦେଇଥିବା ବେଳେ ବିବାହ ଉତ୍ସବକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ ଚଳଚଞ୍ଚଳ ହୋଇପଡ଼ିଛି। ମା'ପାର୍ବତୀ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହିତ କେଦାରଗୌରୀ ମନ୍ଦିରରେ ବିଧି ମୁତାବକ ବିବାହ, ହାତଗଣ୍ଠି ପଡ଼ିବା, କଉଡ଼ି ଖେଳ ଅନୁଷ୍ଠିତ ହେବ। ୩ଦିନ ଧରି ମନ୍ଦିରରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟ ଆୟୋଜିତ ହେବ। ଅଷ୍ଟପ୍ରହର ନାମ ଯଜ୍ଞ, ଭଜନ ସମାରୋହ ଆଦି ଶୃଙ୍ଖଳାର ସହ ଆୟୋଜିତ ହେବାକୁ ପ୍ରସ୍ତୁତି ଶେଷ ହୋଇଥିବା କେଦାରଗୌରୀ ମନ୍ଦିର ସେବାୟତ ତଥା ଶୀତଳଷଷ୍ଠୀ ସାଂସ୍କୃତିକ ପରିଷଦର ସଭାପତି ଗୌରୀ ଶଙ୍କର ମହାପାତ୍ର, ସମ୍ପାଦକ ନରେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ନୀତି ବନ୍ଦ ମନ୍ଦିର ପ୍ରଶାସନ ବୁଝିବ। ମାତ୍ର ଶ୍ରୀଜୀଉଙ୍କ ଶ୍ୱଶୁରାଳୟରେ ସମସ୍ତ କାର୍ଯ୍ୟ ପାଇଁ ଆମ୍ଭେ ପ୍ରସ୍ତୁତ ରହିଛୁ ବୋଲି ସେମାନେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମନ ଭାରାକ୍ରାନ୍ତ ରହିବ। ଯେଉଁ କାମ ଆଜି ଆରମ୍ଭ କରିବେ ସେଥିରେ ନିଶ୍ଚିତ ସଫଳତା ପାଇବା କଷ୍ଟକର ହୋଇପାରେ। ଅବଶ୍ୟ ଯାତ୍ରା, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇଯିବେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନପୂର୍ବକ କାମ ହାସଲ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ରହିବ, କିନ୍ତୁ ସମ୍ମୁଖରେ କିଛି କହିପାରିବେ ନାହିଁ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ, ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। କୌଶଳ ପ୍ରୟୋଗକରି ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ପାଇବେ।

**ମିଥୁନ** ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ କରିପାରିବେ। କଚେରି ମାମଲାର ଶୁଣାଣି ବିଳମ୍ବ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ଅସନ୍ତୁଷ୍ଟ ରହିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କର୍ମକ୍ଷେତ୍ର ସମସ୍ୟା ବହୁଳ ହୋଇପାରେ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବେ।

**ସିଂହ** ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ କରିବାରେ ଅସମର୍ଥ ହୋଇ ଚିନ୍ତିତ ରହିପାରନ୍ତି। ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବ୍ୟବସାୟ, ନିର୍ମାଣ, ଗୃହ ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ ବ୍ୟକ୍ତିଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେନି। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ଅପରାହ୍ନରେ ଜଣେ ବନ୍ଧୁଙ୍କ ଟାଣକଥାକୁ ନେଇ ଝଗଡ଼ା ଲାଗିପାରେ। ଅର୍ଥ ସଂଗ୍ରହରେ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି।

**ତୁଳା** ମନର ଭାବନାକୁ ମନରେ ରଖି ଅନ୍ୟର ନିକଟତର ହେବାକୁ ଚେଷ୍ଟା କରିବେ। କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହୋଇ ପାରନ୍ତି। ଅଫିସରେ ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସାକରି ନୀରବରେ ବସିରହିଲେ ସମସ୍ୟା ଭିତରେ ଛନ୍ଦି ହେବାକୁ ପଡ଼ିପାରେ। ସାଧାରଣ କଥାକୁ ଅସାଧାରଣ ଭାବେ କଳ୍ପନା କରି ଆଶଙ୍କାଗ୍ରସ୍ତ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବକେୟା ଅର୍ଥ ଆଜି ପାଇପାରନ୍ତି।

**ଧନୁ** ସକାଳୁ ବିଭିନ୍ନ ନକାରାତ୍ମକ ଚିନ୍ତା ମନକୁ ବ୍ୟତିବ୍ୟସ୍ତ କରିବ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କାଠିକର ପାଠ ହେବ। କେତେକ କ୍ଷେତ୍ରରେ ନିଜ ଲୋକ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ। କୌଣସି କାମ ହାସଲ କରିବା କ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ।

**ମକର** ଅଟକି ରହିଥିବା କାର୍ଯ୍ୟ ଆକସ୍ମିକ ଭାବେ ଆଜି ସମାଧାନ ହୋଇଯିବାରୁ ମନ ଖୁସି ରହିବ। କର୍ମ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।


**କୁମ୍ଭ** କର୍ମକ୍ଷେତ୍ରରେ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମନସ୍କ ନ ରହି କିମ୍ବା ଅସାବଧାନତା ସହକାରେ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାଇବା ଠିକ୍ ହେବ ନାହିଁ।

**ମୀନ** ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କିନ୍ତୁ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସା ଊଣା ହେବ ନାହିଁ। ଅଫିସରେ କିମ୍ବା ବନ୍ଧୁଙ୍କ ଗହଣରେ କିଛି ସମୟ କଟାଇ ପାରନ୍ତି। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

# ଟିଟିଲାଗଡ଼ରେ ୪୫ ଡିଗ୍ରୀ

ଭୁବନେଶ୍ୱର,୩।୬(ବ୍ୟୁରୋ)

- ୪୪ ଡିଗ୍ରୀ ଉପରେ ୬ ସହର
- ୭ ଯାଏ ଝଡ଼ବର୍ଷା



ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହେଉଥିଲେ ମଧ୍ୟ ଅନେକ ସ୍ଥାନରେ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପାରଦ ଉପରମୁହାଁ ହେବାରୁ ଶୁକ୍ରବାର ୬ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଥିବା ବେଳେ ବୌଦ୍ଧରେ ୪୪.୫, ସୋନପୁର ୪୪.୩, ବଲାଙ୍ଗୀର ୪୪.୯, ସମ୍ବଲପୁର ୪୪.୪, ଝାରସୁଗୁଡ଼ା ୪୪.୨, ଭବାନୀପାଟଣା ୪୩, ସୁନ୍ଦରଗଡ଼ ୪୧, ହୀରାକୁଦ ୪୨.୯, ନୟାଗଡ଼ ୪୦, ପାରଳାଖେମୁଣ୍ଡି ୪୦.୭, ହୀରାକୁଦରେ ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉତ୍ତର ଉପକୂଳ ଓଡ଼ିଶା ଓ ଉତ୍ତର ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୭ ତାରିଖ ଯାଏ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୬ ତାରିଖରେ କନ୍ଧମାଳ, କଳାହାଣ୍ଡି, ରାୟଗଡା, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

# ଭାରତର ପ୍ରଥମ ଲିକ୍ୟୁଡ୍ ମିରର୍ ଟେଲିସ୍କୋପ୍



ନୂଆଦିଲ୍ଲୀ,୩।୬: ଭାରତ, ବେଲଜିୟମ୍, କାନାଡାର ଜ୍ୟୋତିର୍ବିଜ୍ଞାନୀଙ୍କ ସହାୟତାରେ ଲିକ୍ୟୁଡ୍ ମିରର୍ ଟେଲିସ୍କୋପ୍ ନିର୍ମାଣ କରାଯାଇଛି। ଏହା ଭାରତର ପ୍ରଥମ ଲିକ୍ୟୁଡ୍ ମିରର ଏବଂ ଏସିଆର ସର୍ବବୃହତ ଦୂରବୀକ୍ଷଣଯନ୍ତ୍ର। ମହାକାଶର ବର୍ଜ୍ୟବସ୍ତୁ ସାଙ୍ଗକୁ ଆଷ୍ଟେରୋଏଡ୍ ସବୁ ଏହି ଟେଲିସ୍କୋପ୍ ଜରିଆରେ ଦୃଶ୍ୟମାନ ହେବ। ଇଣ୍ଟରନ୍ୟାଶନାଲ ଲିକ୍ୟୁଡ୍ ମିରର୍ ଟେଲିସ୍କୋପ୍ (ଆଇଏଲ୍ଏମ୍‌ଟି) ଦ୍ୱାରା ସୁପରନୋଭା ଏବଂ ଗାଲାକ୍ସିମାନଙ୍କ ଗତିପଥ ଉପରେ ନଜର ରଖାଯାଇପାରିବ। ଏହି ଉପକରଣ ଦେବାସ୍ଥଳ ଅବ୍‌ଜରଭେଟୋରି କ୍ୟାମ୍ପସ୍ ଅଫ୍ ଆର୍ଯ୍ୟଭଟ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅବ୍‌ଜରଭେଶନ୍ ସାଇନ୍ସେସ୍ (ଏଆର୍ଆଇଇଏସ୍)ରେ ରଖାଯିବ। ୪ ମିଟର ବ୍ୟାସ ବିଶିଷ୍ଟ ଏହି ଦୂରବୀକ୍ଷଣଯନ୍ତ୍ର ତରଳ ପାରଦରେ ତିଆରି କରାଯାଇଛି। ପାରଦକୁ ପବନରୁ ସୁରକ୍ଷା ଦେବା ପାଇଁ ଏହା ଉପରେ ଏକ ଅତିପତଳା ଟ୍ରାନ୍ସପରେଣ୍ଟ ମିଳାର ପ୍ରୋଟେକ୍ସନ୍ ଲଗାଯାଇଛି। ଅନେକ ସମୟରେ ବହୁ ଉପଗ୍ରହ ଆକାଶପଥ ଦେଇ ଗତିକରୁଥିବାବେଳେ ଏହି ଦୂରବୀକ୍ଷଣଯନ୍ତ୍ର ସାହାଯ୍ୟରେ ଉପଗ୍ରହମାନଙ୍କ ଗତିବିଧି ଉପରେ ନଜର ରଖିବା ସହ ଏହି ତଥ୍ୟ ଗବେଷଣାରେ ସହାୟକ ହେବ ବୋଲି ଆଇଏଲ୍ଏମ୍‌ଟି ପ୍ରୋଜେକ୍ଟର ବୈଜ୍ଞାନିକ ଡା. ବ୍ରଜେଶ କୁମାର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସୁପ୍ରିମକୋର୍ଟରେ ରାଜ୍ୟ ...

କରାଯାଇପାରିବ ନାହିଁ। ନିକଟ ଅତୀତରେ ଛତୁ ଫୁଟିଲା ଭଳି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଥିବା ଦେଖିବାକୁ ମିଳିଛି। ଏଭଳି ଅନେକ ପିଟିଶନ ପ୍ରଚାର ହିତରେ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ଆବେଦନଗୁଡ଼ିକୁ ମୂଳରୁ ଖାରଜ ନ କଲେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଜଷ୍ଟିସ୍ ଗବାଇ ରାୟ ଶୁଣାଇ କହିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଇନ୍ସପେକ୍ସନ ରିପୋର୍ଟକୁ ଅବଜ୍ଞା କରି ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ଅନେକ ବିବାଦ ହୋଇଛି। ତେବେ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କ ବିବରଣୀ ସମସ୍ତ ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରିଛି। କୌଣସି ପ୍ରତ୍ନତାତ୍ତ୍ୱିକ ଅବଶେଷକୁ ନଷ୍ଟ କରାଯାଇ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲଙ୍କ ମତାମତକୁ ଓଡ଼ିଶା ହାଇକୋର୍ଟ ରେକର୍ଡ କରିଥିଲେ। ଉକ୍ତ ଦୁଇ ଆବେଦନ ନିରାଧାର ବୋଲି ସ୍ପଷ୍ଟ ହୋଇଥିବାରୁ ଏହାକୁ ଖାରଜ କରାଯାଉଛି। ଏଥିସହ ସୁପ୍ରିମକୋର୍ଟଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ଆବେଦନକାରୀ ଦ୍ୱୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦିଆଯାଉଛି। ରାୟର ୪ ସପ୍ତାହ ମଧ୍ୟରେ ଆବେଦନକାରୀମାନେ ଜରିମାନା ରାଶି ପଇଠ କରିବେ।

ପ୍ରକାଶ ଯେ, ଶ୍ରୀମନ୍ଦିର ଚାରିପଟେ ହେଉଥିବା ନିର୍ମାଣ ଉପରେ ସ୍ଥଗିତାଦେଶ ଜାରି ପାଇଁ ନିର୍ଦ୍ଦେଶ ଦେବାକୁ ଗତ ୯ରେ ଓଡ଼ିଶା ହାଇକୋର୍ଟ ମନା କରିଦେଇଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ୨୩ ତାରିଖରେ ଅର୍ଦ୍ଧେନ୍ଦୁ କୁମାର ଦାସ ଏବଂ ୨୭ ତାରିଖରେ ସୁମନ୍ତ କୁମାର ଘଡ଼େଇ ସୁପ୍ରିମକୋର୍ଟରେ ୨ଟି ପୃଥକ୍ ସ୍ପେଶାଲ ଲିଭ୍ ପିଟିଶନ (ଏସ୍ଏଲ୍‌ପି) ଦାଖଲ କରିଥିଲେ। ରାଜ୍ୟ ସରକାର ଏଏସ୍ଆଇ କର୍ତ୍ତୃପକ୍ଷଙ୍କଠାରୁ ଏନ୍ଓସି ନ ନେଇ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚଳାଇଥିବାରୁ ଏହି ପ୍ରାଚୀନ ମନ୍ଦିରର ଢାଞ୍ଚା ପ୍ରତି ବିପଦ ସୃଷ୍ଟି ହୋଇଛି। ପରିକ୍ରମା ପ୍ରକଳ୍ପ ଅଧୀନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପ୍ରାଚୀନ ସ୍ମାରକ ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ (ଏଏମ୍ଏସ୍ଆର୍) ଆଇନ, ୧୯୫୮କୁ ଉଲ୍ଲଂଘନ କରୁଥିବାରୁ ଏହା ଉପରେ ସ୍ଥଗିତାଦେଶ ଜାରି କରାଯାଉ ବୋଲି ଗୁରୁବାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମହାଲକ୍ଷ୍ମୀ ପାଭାନି ଖଣ୍ଡପୀଠରେ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଯୁକ୍ତି ଉପସ୍ଥାପନ କରି କହିଥିଲେ, ଏଏମ୍ଏସ୍ଆର ଆଇନ ଅନୁସାରେ ନ୍ୟାଶନାଲ ମନୁମେଣ୍ଟସ ଅଥରିଟି (ଏନ୍ଏମ୍ଏ) ହେଉଛନ୍ତି ଉପଯୁକ୍ତ କର୍ତ୍ତୃପକ୍ଷ। ଏନ୍ଏମ୍ଏ ଦ୍ୱାରା ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଉପଯୁକ୍ତ ଯୋଗ୍ୟ କର୍ତ୍ତୃପକ୍ଷ ବୋଲି ଘୋଷଣା କରାଯାଇଛି। ତେଣୁ ନିର୍ମାଣ କାର୍ଯ୍ୟ ଆଇନ ଅନୁସାରେ ଚାଲିଥିବା ପରିଜା କହିଥିଲେ। ସମସ୍ତ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ପରେ ଖଣ୍ଡପୀଠ ଗୁରୁବାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ, ଯାହା ଶୁକ୍ରବାର ପ୍ରକାଶ ପାଇଛି।

### 'ତୁମ ଇଚ୍ଛା ବିନା ପତ୍ରଟେ ...

ଟୁଇଟ୍ କରିଛନ୍ତି । ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଦୀର୍ଘଦିନ ଧରି ସମାଲୋଚନାର ଶିକାର ହୋଇ ଆସୁଥିଲେ। ସର୍ବୋଚ୍ଚ ଅଦାଲତଙ୍କ ରାୟ ରାଜ୍ୟ ସରକାରଙ୍କୁ ଆଶ୍ୱସ୍ତି ଦେଇଛି। ଗୁରୁବାର ଏହି ମାମଲାର ଶୁଣାଣି ହୋଇଥିଲେ ମଧ୍ୟ ରାୟ ସଂରକ୍ଷିତ ରହିଥିଲା। ଶୁକ୍ରବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ସପକ୍ଷରେ ରାୟ ଦେବା ପରେ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ଏପରି ଟୁଇଟ୍ କରିଛନ୍ତି।

### ବ୍ରଜରାଜନଗର: ବିଜେଡି ...

ପ୍ରାର୍ଥୀ କିଶୋର ପଟେଲ କହିଛନ୍ତି, ନିର୍ବାଚନରେ ସରକାରୀ କଳକୁ ବ୍ୟବହାର କରି ଶାସକ ଦଳ ବିଜୟୀ ହୋଇଛି। ବ୍ୟାପକ ଟଙ୍କା କାରବାର ସହିତ ଶାସକ ଦଳ ଏସ୍ଏଚ୍‌ଜିଗୁଡ଼ିକୁ ପ୍ରଚାର ପାଇଁ ବ୍ୟବହାର କରିଥିଲା। ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା କହିଛନ୍ତି ଯେ ତାଙ୍କୁ ଦଳର ସମସ୍ତ ସହଯୋଗ ମିଳିଛି। ବିଜେଡି ଓ କଂଗ୍ରେସ ପଇସା ଘରେ ଘରେ ବାଣ୍ଟିଛନ୍ତି। ଇଭିଏମ୍‌ରେ ଟାମ୍ପରିଂ କରାଯାଇଛି। ଯେଉଁଠି ୧୮୦ ଭୋଟ ପାଇବା କଥା ସେଠି ୪୦ଟି ଭୋଟ ପାଇଛି। ୬୬ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିବାରୁ ବିଜେଡି ପ୍ରାର୍ଥୀ ଅଳକାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଅକୁଣ୍ଠ ଭଲପାଇବା ଦେଇଥିବାରୁ ବ୍ରଜରାଜନଗରବାସୀ ଓ ନିଷ୍ଠାପର ଉଦ୍ୟମ କରିଥିବା କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବିଜୟ ସେବା ସଂକଳ୍ପକୁ ଆହୁରି ଦୃଢ଼ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରଜରାଜନଗରରେ ବିଜେଡି କର୍ମୀ ପରସ୍ପରକୁ ମିଠା ଖୁଆଇ ବିଜୟ ଉତ୍ସବ ମନାଇଛନ୍ତି।


# classifieds

**Everyday**
0674-2580101, 2549302

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-643

LIG house for sale Dumduma Phase-II 1125sqft. Orissa State Housing Board. Mob: 9937208241. D-634

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରଯୋଗ୍ୟ ପ୍ଲଟ୍ ମିଳୁଛି। 9348232008, 9556055607. D-642

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

GA Freehold 50X75=3750sqft. West Facing at Bharatpur for immediate sale. Owner- 7978214375. D-71642

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

7 Guntha Gharabari SC land near Salepur , Highway side . Clear title. SC customers only. Brokers Excuse . Owner contact: 9900677338 / 7829553888. D-593

Readymade new 3BHK flat, 1st floor, 3 wash room at BJB Nagar 1600sqft. @1cr. 10lac. including all. 7978584549 (only buyer contact). D-73810

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

construction

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73254

## GENERAL

## SALE

ଶାଢ଼ି ୧୦୦୦ରୁ ୨୦୦୦ଟଙ୍କା ମୂଲ୍ୟର ୨୦୦ଖଣ୍ଡ ପ୍ରତ୍ୟେକ ୫୦୦ଟଙ୍କାରେ ବିକ୍ରିହେବ। 9090057547. D-70278

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

2BHK ground at SBI Lane Oldtown rent Rs- 8000/-. Contact: 9556791383. D-59895

1BHK, Ground Floor close to Hotel VITS, Cuttack road, Bhubaneswar. Rs- 8000/-. Contact: 9937961430. D-636

healthcare

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

Newly open SPA positively health benefit with expert. Contact: 7749976301. D-73809

Newly open SPA positively health benefits by expert therapist. 8455987557. D-73611

Mesmerizing, energetic body, mind qualitative, relaxing massage experienced therapists, 9668374480. D-73610

business

WORK FROM HOME Business Opportunity Part-Time/Full-Time, 8093131317 . D-641

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଯାଜପୁର ଜିଲାପାଳଙ୍କୁ ରିପୋର୍ଟ ତଲବ

## ଅପପୁଷ୍ଟି, ବାଲ୍ୟବିବାହ ସମସ୍ୟାରୁ ମୁକୁଳୁନି ନଗଡ଼ା

**ଯାଜପୁର ଅଫିସ,୩।୬**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନଗଡ଼ାରେ ୨୦୧୬ ଏପ୍ରିଲରେ ଅପପୁଷ୍ଟି କାରଣରୁ ୨୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାପରେ ରାଜ୍ୟ ସରକାର ନଗଡ଼ାକୁ ଫୋକସ ଗ୍ରାମ ଭାବେ ଗ୍ରହଣ କରି ସେଠାକାର ବାସିନ୍ଦା ତଥା ଜୁଆଙ୍ଗ ଆଦିବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେତେକ ସ୍ୱଳ୍ପ ଏବଂ ଦୀର୍ଘମିଆଦୀ ଯୋଜନା ହାତକୁ ନେଇଥିଲେ। ହେଲେ ଶିଶୁମୃତ୍ୟୁ ଘଟଣାର ପ୍ରାୟ ୬ ବର୍ଷ ପରେ ମଧ୍ୟ ନଗଡ଼ାରେ ସାମାଜିକ ଏବଂ ଅର୍ଥନୈତିକ ବିକାଶ ଯେଭଳି ହେବା କଥା ତାହା ହୋଇପାରିନାହିଁ। ପୂର୍ବଭଳି ବାଲ୍ୟବିବାହ ଚାଲିଛି। ଭାତ ଓ ଲୁଣ ଏବେ ବି ମୁଖ୍ୟ ଖାଦ୍ୟ ହୋଇଥିବାରୁ ଅପପୁଷ୍ଟିରୁ ଏହି ଅଖ୍ୟାତ ପଲ୍ଲୀ ମୁକୁଳିପାରୁନାହିଁ। ଶିକ୍ଷା ଓ ସଚେତନତାର ଅଭାବରୁ ସେଠାରେ ଅଜ୍ଞାନର ଅନ୍ଧକାର ରହିଛି। ପରିବାର ନିୟନ୍ତ୍ରଣ ହୋଇପାରୁନାହିଁ। ଏନେଇ ମାନବାଧିକାର କର୍ମୀ ଅଖଣ୍ଡ ଗତ ମେ ୧୨ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ସେଥିରେ ସେ 'ଓଡ଼ିଶା ପୋଷ୍ଟ'ରେ ଗତ ମେ ୧୧ ତାରିଖରେ ପ୍ରକାଶିତ ନଗଡ଼ାର ସାମ୍ପ୍ରତିକ ସ୍ଥିତି ସମ୍ପର୍କିତ ଖବରକୁ ଯୋଡ଼ିଥିଲେ। କମିଶନ ଏହି ପିଟିଶନର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦେବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ନଗଡ଼ାରେ ପାନୀୟ ଜଳ ଯୋଗାଣ ଓ ରାସ୍ତା ନିର୍ମାଣରେ ବହୁ ଅନିୟମିତତା ହୋଇଥିବା ଲୋକାୟୁକ୍ତରେ ମାମଲା ତଦନ୍ତାଧୀନ ରହିଛି। ଏହି ଆଦିବାସୀ ଗାଁର ଉନ୍ନୟନ ଉପରେ ସରକାରୀ ସ୍ତରରେ କେତେକାଂଶରେ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ସଚେତନତା କ୍ଷେତ୍ରରେ ଅଧିକାରୀମାନେ ହାତ ଟେକି ଦେଇଛନ୍ତି। ଫଳରେ ଏହି ଅଞ୍ଚଳରେ କିଛିଦିନ ମଧ୍ୟରେ ୧୬ ଜଣ ନାବାଳିକାଙ୍କ ବିବାହ ହୋଇଛି। ସେହିପରି ୨୦୧୬ ଜୁନ ସୁଦ୍ଧା ଏଠାରେ ୫୪୩ ଜନସଂଖ୍ୟା ରହିଥିଲାବେଳେ ଏବେ ତାହା ୭୬୦ରେ ପହଞ୍ଚିଛି। ଗୋଟିଏ ଗୋଟିଏ ପରିବାରରେ ୫ରୁ ଊର୍ଦ୍ଧ୍ୱ ଶିଶୁ ଜନ୍ମ ନେଉଛନ୍ତି। ସଚେତନତାର ଘୋର ଅଭାବ ଯୋଗୁ ବାଲ୍ୟ ବିବାହ ସହ ଜନସଂଖ୍ୟା ନିୟନ୍ତ୍ରଣରେ ଅଙ୍କୁଶ ଲାଗିପାରୁନାହିଁ।

ନଗଡ଼ାକୁ ନେଇ ମାନବାଧିକାର କର୍ମୀ ଅଖଣ୍ଡଙ୍କ ପକ୍ଷରୁ ପୂର୍ବରୁ ଏନ୍‌ଏଚ୍‌ଆର୍‌ସିରେ ରୁଜୁ ହୋଇଥିବା ୨ଟି ମାମଲାରେ ସରକାରଙ୍କୁ ନୋଟିସ ହୋଇଥିଲା। କାମ କରିବାର ପ୍ରତିଶ୍ରୁତି ଦେଇ ପ୍ରଶାସନ ଉକ୍ତ ୨ ମାମଲାରୁ ଖସିଯାଇଥିଲା। ଏବେ ପୁଣି ଥରେ ଜିଲାପାଳଙ୍କୁ ରିପୋର୍ଟ ତଲବ ହୋଇଛି। ଅଖଣ୍ଡ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ନଗଡ଼ାରେ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଥିବା ଏବେ ମଧ୍ୟ ଦେଖିବାକୁ ମିଳୁଛି। ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ଠିକ ଭାବେ ଚାଲୁ ନାହିଁ। ପାହାଡ଼ ଉପରେ ଥିବା ଏହି ଗାଁରେ କାଁ ଭାଁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ପାଦ ପଡୁଛି। ଫଳରେ ଉନ୍ନୟନ କାର୍ଯ୍ୟ ତଦାରଖ ଓ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସ୍ୱପ୍ନ ହୋଇଛି। ତିଆରି ହୋଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାବେଳେ ସୁକିନ୍ଦାରୁ ନଗଡ଼ାକୁ ଗଡ଼ିଥିବା 'ବିଜୁ ବସ୍' କିଛିଦିନ ମଧ୍ୟରେ ବନ୍ଦ ହୋଇଯାଇଛି। ଏନ୍‌ଆର୍‌ଇଜିଏସ୍‌ରେ ଲୋକଙ୍କୁ କାମ ମିଳିପାରୁ ନାହିଁ। ଏ ବାବଦରେ ଆସୁଥିବା ଟଙ୍କା ଖର୍ଚ୍ଚ ହୋଇପାରିଥିଲେ ଲୋକଙ୍କ ଖାଦ୍ୟ ସୁରକ୍ଷା ଓ ଜୀବନଧାରଣ ସୁଦୃଢ଼ ହୋଇପାରିଥାନ୍ତା। ତେଣୁ କମିଶନ ଏ କ୍ଷେତ୍ରରେ ହସ୍ତକ୍ଷେପ କରି ନିଜସ୍ୱ ତଦନ୍ତ ଟିମ୍ କିମ୍ବା ରାପୋର୍ଟିୟରଙ୍କ ଦ୍ୱାରା ନଗଡ଼ାର ସ୍ଥିତି ସମ୍ପର୍କରେ ଅନୁସନ୍ଧାନ କରିବାକୁ ଅଖଣ୍ଡ ନିବେଦନ କରିଛନ୍ତି। ସେହିପରି ଲୋକଙ୍କ ଖାଦ୍ୟ ଓ ଜୀବନଧାରଣ ପାଇଁ ଆବଶ୍ୟକ ଅର୍ଥ ନିମନ୍ତେ ସେଠାରେ ବର୍ଷ ସାରା ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ ଭୁବନେଶ୍ୱରରୁ ଏକ ମନିଟରିଂ ଟିମ୍ ଦ୍ୱାରା ସମସ୍ତ ପ୍ରକଳ୍ପ କାର୍ଯ୍ୟର ଟିକିନିକି ତଦାରଖ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅଖଣ୍ଡ କମିଶନଙ୍କ ନିକଟରେ ନିବେଦନ କରିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ୫-ଟି ସଚିବ, ବିଜେଡି ସାଙ୍ଗଠନିକ ସମ୍ପାଦକ




ମହାପ୍ରଭୁଙ୍କ ଦର୍ଶନ ସାରି ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଫେରୁଛନ୍ତି।

**ପୁରୀ ଅଫିସ, ୩।୬**

## ମହାପ୍ରଭୁଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ହେଉଛି

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉଭୟଙ୍କୁ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ବିଶାଲ କନଓ୍ୱର ସିଂ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ସେବାୟତମାନେ ସ୍ୱାଗତ ଜଣାଇଥିଲେ। ୫-ଟି ସଚିବ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ସେବାୟତମାନେ ମହାପ୍ରଭୁଙ୍କଲାଗି ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଦୁହେଁ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିବା ସହ କିଛି ସମୟ ବିତାଇବା ପରେ ଫେରିଥିଲେ। ଏହି ଅବସରରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଦାସ କହିଥିଲେ, ମହାପ୍ରଭୁ ତାଙ୍କ କାର୍ଯ୍ୟ କରୁଛନ୍ତି। ଆମେ କିଛି ନୁହଁ। ମହାପ୍ରଭୁଙ୍କ ମାର୍ଗଦର୍ଶନରେ ହିଁ ସମସ୍ତ କାର୍ଯ୍ୟ ହେଉଛି। ସେ ହେଉଛନ୍ତି ଭକ୍ତର ଭଗବାନ। ଭକ୍ତଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରାଯାଉଛି ଓ ଖୁବ୍‌ଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ। କେହି ଏହାକୁ ଅଟକାଇ ପାରିବେନି ବୋଲି ଦାସ ପ୍ରକାଶ କରିଥିଲେ।

# ଘରୋଇ ନର୍ସିଂହୋମକୁ ୨ ଲକ୍ଷ ଜରିମାନା

## ଅବହେଳାରୁ ଶିଶୁ ମୃତ୍ୟୁ ଘଟଣା

ଭୁବନେଶ୍ୱର,୩।୬(ବ୍ୟୁରୋ)-ଅବହେଳା ଯୋଗୁ ଏକ ଶିଶୁ ମୃତ୍ୟୁ ଘଟଣା ପାଇଁ ଓଡ଼ିଶା ମାନବାଧିକାର କମିଶନ ପୁରୀସ୍ଥିତ ଏକ ଘରୋଇ ନର୍ସିଂହୋମ/ହସ୍ପିଟାଲକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅର୍ଥ ମୃତ ଶିଶୁଙ୍କ ପିତା କାଳିକାଦେବୀ ସାହିସ୍ଥିତ ଅଭିଜିତ ମହାପାତ୍ରଙ୍କୁ ପ୍ରଦାନ କରିବାକୁ ପୁରୀ ଜିଲାପାଳଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ କମିଶନ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ମୃତ୍ୟୁ ମାମଲାର ଶୁଣାଣି କରି ସମ୍ପୃକ୍ତ ନର୍ସିଂହୋମର ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଦର୍ଶାଇ କମିଶନ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।



ପୁରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ସାମୂହିକ ଦୀପ ଦାନ କରୁଛନ୍ତି।

# ବ୍ରାଉନସୁଗାର ସହ ଟଙ୍କା ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୩।୬:** ଖୋର୍ଦ୍ଧା ଟାଉନ ପୋଲିସ ଶୁକ୍ରବାର ଜବଦସ୍ତିପୁର ସ୍ୱପ୍ନେଶ୍ୱର ସାହିରେ ଚଢ଼ାଉ କରି ୧୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ କୃଷ୍ଣଚନ୍ଦ୍ର ଧଳ। ତାଙ୍କ ଘର କଟକ ବାଙ୍କୀ ଥାନା ନୂଆଗାଁ ହୋଇଥିବା ବେଳେ ସେ ଜବଦସ୍ତିପୁରରେ ରହି ଏହି କାରବାର କରୁଥିଲେ। ତାଙ୍କ ନିକଟରୁ ୨୮ହଜାର ୫୪୦ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ। କୃଷ୍ଣଚନ୍ଦ୍ର ଜବଦସ୍ତିପୁରରେ ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଏବଂ ଟାଉନ ଥାନାଧିକାରୀ ଡିଏସପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାହକ ବେଶରେ ଉକ୍ତ ସାହିରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଏହି ଚଢ଼ାଉରେ ଆଡିସିନାଲ ଆଇଆଇସି ପ୍ରଜ୍ଞା ରିତାମ୍ଭର କର, ଏସ୍‌ଆଇ ସସ୍ମିତା ବେହେରା, ଦିପଲିସା ନାୟକ, ଏଏସ୍‌ଆଇ ଅକ୍ଷୟ କୁମାର ସେଠୀ ପ୍ରମୁଖ ସାମିଲ ଥିଲେ।

# ୫ରେ ଆଇସିଏସ୍ ପ୍ରାରମ୍ଭିକ ପରୀକ୍ଷା

## ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକ

- ଦୁଇଟି ପର୍ଯ୍ୟାୟରେ କରାଯିବ ପରୀକ୍ଷା
- ୩୯ କେନ୍ଦ୍ରରେ ପରୀକ୍ଷା ଦେବେ ୧୬,୭୨୪ ପରୀକ୍ଷାର୍ଥୀ
- ଡିଏଭି ପବ୍ଲିକ ସ୍କୁଲରେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା

**କଟକ ଅଫିସ, ୩।୬**

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ସିଭିଲ ସର୍ଭିସ (ଆଇସିଏସ୍) ପ୍ରାରମ୍ଭିକ ପରୀକ୍ଷା-୨୦୨୨ ଆସନ୍ତା ରବିବାର ଅନୁଷ୍ଠିତ ହେବ। ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପୂର୍ବାହ୍ନ ୯ଟା ୩୦ ମିନିଟରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ୨ଟା ୩୦ ମିନିଟ୍‌ରୁ ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ହେବ। ଓଡ଼ିଶାର ୧୬,୭୨୪ ଜଣ ପରୀକ୍ଷାର୍ଥୀ ସହରରେ ସ୍ଥିରୀକୃତ ୩୯ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସିଡିଏସ୍ଥିତ ସେକ୍ଟର-୬ (ନିଉ ବ୍ଲକ) ଡିଏଭି ପବ୍ଲିକ ସ୍କୁଲରେ କେବଳ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ଦିନ ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଏବଂ ଓଏମ୍‌ଆର୍ ଶିଟ୍ ସକାଳ ୭ଟା ଏବଂ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ମଧ୍ୟାହ୍ନ ୧୨ଟା ମଧ୍ୟରେ ସୁରକ୍ଷାବଳୟ ମଧ୍ୟରେ ଜିଲା କୋଷାଗାରରୁ ପଠାଯିବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ, ପରୀକ୍ଷାରେ କାର୍ଯ୍ୟ ନିର୍ବାହ କରିବାକୁ ଯାଉଥିବା ପରିଦର୍ଶକ ଓ ନିରୀକ୍ଷକମାନେ ଯେପରି ୟୁପିଏସ୍‌ସିଙ୍କ ନିର୍ଦ୍ଦେଶକ୍ରମେ ନିଷ୍ଠାପର ଭାବେ ସଫଳତାର ସହ ପରୀକ୍ଷା ପରିଚାଳନା କରିପାରିବେ ସେ ବିଷୟରେ କହିଥିଲେ। ଏହି ବୈଠକରେ ୟୁପିଏସ୍‌ସି ଯୁଗ୍ମ ସଚିବ ରାହୁଲ ସିଂହ, ରାଜ୍ୟ ଖଣି ନିଗମ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବଳଓ୍ୱନ୍ତ ସିଂହ, ରାଜ୍ୟ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଜ୍ଞାନ ଦାସ, ୟୁପିଏସ୍‌ସି ଅନୁଶାସନ ସଚିବ ଶୈଳେଶ ଗୌତମ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ କଟକ ସଦର ମହକୁମାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନରେ ହେବାକୁ ଥିବା ପରୀକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଡେପୁଟି କଲେକ୍ଟର ପ୍ରସନ୍ନ ସେନାପତି ଓ ପ୍ରିୟଦର୍ଶିନୀ ଜେନା ଯୋଗଦେଇ ପରୀକ୍ଷାରେ ନିଯୁକ୍ତ ପରିଦର୍ଶକ ଓ ନିରୀକ୍ଷକମାନଙ୍କୁ ପରୀକ୍ଷା ପରିଚାଳନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ନେଇ ସୂଚନା ପ୍ରଦାନ କରିଥିଲେ। ଜିଲା କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ରାଜେଶ ସୁବୁଦ୍ଧି ଓ ସୂର୍ଯ୍ୟକାନ୍ତ ପାଣି ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ପ୍ରତିକ୍ରିୟା

## ସୁପ୍ରିମକୋର୍ଟଙ୍କ ଦ୍ୱାରା ମହାପ୍ରଭୁ ନିଜ ରାୟ ଶୁଣାଇଛନ୍ତି



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ପୁରୀ ଏମ୍‌ପି ତଥା ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର ସ୍ୱାଗତ କରିଛନ୍ତି। ପିନାକୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଦ୍ୱାରା ମହାପ୍ରଭୁ ନିଜ ରାୟ ଶୁଣାଇଛନ୍ତି। ଏହି ରାୟକୁ ସମସ୍ତେ ଅନୁପାଳନ କରିବା ଉଚିତ। ବ୍ୟକ୍ତିଗତ କିମ୍ବା ରାଜନୈତିକ ସ୍ୱାର୍ଥ ପାଇଁ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଯିବା ଅନୁଚିତ। ପୁରୀ ସହରକୁ ବିଶ୍ୱ ଐତିହ୍ୟସ୍ଥଳରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଉଦ୍ୟମ କରିଆସିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଦିନଠାରୁ ଅଦ୍ୟାବଧି ସେ ସବୁ ରାଜନୈତିକ ଦଳର ନେତାଙ୍କୁ ନିମନ୍ତ୍ରଣ କରି ସମସ୍ତ କାର୍ଯ୍ୟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଣ୍ଣାୟକ ଆଇନଗତ ରାୟର ଉପଯୁକ୍ତ ଅନୁପାଳନ ନ ହେଲେ ଇତିହାସ ଆମକୁ ବିଚାର କରିବ।

- ପିନାକୀ ମିଶ୍ର, ପୁରୀ ଏମ୍‌ପି

## ଚକ୍ରାନ୍ତକାରୀଙ୍କ ପର୍ଦ୍ଦାଫାଶ ହୋଇଛି



ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟକୁ ସ୍ୱାଗତ କରୁଛି। ଯେଉଁଭଳି ଭାବେ ଐତିହ୍ୟ କରିଡର ନିର୍ମାଣ କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ଦଳ ଚକ୍ରାନ୍ତ କରି ବନ୍ଦ କରିବା ପାଇଁ ଚେଷ୍ଟା କରୁଥିଲା ତାହାର ପର୍ଦ୍ଦାଫାଶ ହୋଇଛି। ଯେଉଁମାନେ ମହାପ୍ରଭୁଙ୍କ କାର୍ଯ୍ୟରେ ବାଧା ଦେବାକୁ ଚକ୍ରାନ୍ତ କରୁଥିଲେ, କୋର୍ଟ ସେମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହା ଏକ ଉଦାହରଣ ହୋଇଛି। ଆଗକୁ କୌଣସି ବ୍ୟକ୍ତି କିମ୍ବା ଦଳ ନିଜ ସୁବିଧା ପାଇଁ ମହାପ୍ରଭୁଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବେ ନାହିଁ। ମହାପ୍ରଭୁଙ୍କ କାର୍ଯ୍ୟ ସେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବେ। ଭକ୍ତଙ୍କ ନିମନ୍ତେ ଏହି କାର୍ଯ୍ୟ କରାଯାଉଛି। ତେଣୁ ଠିକ୍ ସମୟରେ ଶେଷ ହେବା ଆବଶ୍ୟକ।

- ବିନାୟକ ଦାସମହାପାତ୍ର, ବରିଷ୍ଠ ଦଇତାପତି ସେବାୟତ ତଥା କଂଗ୍ରେସ ନେତା

## ମହାପ୍ରଭୁଙ୍କ କାର୍ଯ୍ୟରେ ରାଜନୀତି ଠିକ୍ ନୁହେଁ



ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି ତାହା ଶ୍ରଦ୍ଧାଳୁଙ୍କ ନିମନ୍ତେ କରାଯାଉଛି। ବିକାଶ କାର୍ଯ୍ୟକୁ କେହି ବନ୍ଦ କରିବା ଉଚିତ ନୁହେଁ। ମୁଁ ପ୍ରଥମରୁ ହିଁ ନିର୍ମାଣ କାର୍ଯ୍ୟ ସପକ୍ଷରେ ରହିଥିଲି ଓ ରହିଛି। ମହାପ୍ରଭୁଙ୍କ କାର୍ଯ୍ୟରେ ରାଜନୀତି କରାଯିବା ଠିକ୍ ନୁହେଁ। ସମସ୍ତଙ୍କ ସହଯୋଗରେ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟ ହେବା ଆବଶ୍ୟକ। ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଖୁବଶୀଘ୍ର କାର୍ଯ୍ୟ ସାରିବେ ବୋଲି ଆଶା ରହିଛି। କୋର୍ଟଙ୍କ ରାୟ ଉପରେ ଏବେ କିଛି କହିବା ଠିକ୍ ହେବନାହିଁ। ଅର୍ଡର କପି ଦେଖିବା ପରେ ଜଣାପଡ଼ିବ ସେଥିରେ କ'ଣ ସବୁ ଉଲ୍ଲେଖ ରହିଛି।

- ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ବିଧାୟକ

## ଆଇନ ଅନୁଯାୟୀ କାର୍ଯ୍ୟ ଚାଲିଛି



ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଭକ୍ତ, ସେବାୟତ ଓ ସାଧାରଣ ଲୋକଙ୍କ ସୁବିଧା ଦର୍ଶନ ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି। ପୂର୍ବରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ କରିଥିବା ମାମଲାର ଶୁଣାଣି କରି କୋର୍ଟ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ନିର୍ମାଣ କାର୍ଯ୍ୟ ସର୍ବସମ୍ମତି କ୍ରମେ ଆଇନତଃ କାର୍ଯ୍ୟକାରୀ ହେଉଛି। ପ୍ରକଳ୍ପ କାର୍ଯ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ।

- ଅଜୟ କୁମାର ଜେନା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ

## ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ନୈରାଶ୍ୟଜନକ



ପରିକ୍ରମା ପ୍ରକଳ୍ପ ନେଇ ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ନୈରାଶ୍ୟଜନକ। ଏହି ରାୟ ସାଧାରଣ ଜନତାଙ୍କୁ ଆଘାତ ଦେବା ସହ ନ୍ୟାୟାଳୟ ଉପରୁ ଆସ୍ଥା ହରାଉଛି। ସାଧାରଣ ଜନତାଙ୍କ ଶେଷ ଆସ୍ଥା ହେଉଛି ନ୍ୟାୟାଳୟ। ଯଦି ନ୍ୟାୟାଳୟ ଘଟଣାକୁ ଠିକ ଭାବେ ବିଚାର ନ କରି ଏପରି ରାୟ ଦେବେ ତେବେ ଲୋକଙ୍କର ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ଉଠିଯିବ। ଯେଉଁଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିର୍ମାଣକୁ ବିରୋଧ କରିବା ସହ ତପୋଭୂମିକୁ ଭୋଗଭୂମିରେ ପରିଣତ ନ କରାଯାଉ ବୋଲି କହିଛନ୍ତି ସେଠାରେ ସୁପ୍ରିମକୋର୍ଟ ଘଟଣାକୁ ନ ବୁଝି ତରବରିଆ ଭାବେ ରାୟ ଦେବା ଠିକ୍ ନୁହେଁ। ତେଣୁ କୋର୍ଟ ଏହି ମାମଲାର ପୁନଃ ବିଚାର କରନ୍ତୁ।

- ସୂର୍ଯ୍ୟନାରାୟଣ ରଥ, ଆବାହକ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ

## କୋର୍ଟଙ୍କ ଆଦେଶ ଦ୍ୱନ୍ଦ୍ୱ ସୃଷ୍ଟି କରିବ



କୋର୍ଟଙ୍କ ଆଦେଶ ଆଗାମୀ ଦିନରେ ଜନସାଧାରଣ ଏବଂ ଏଏସ୍‌ଆଇ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଯଦି ସରକାରୀ କାର୍ଯ୍ୟରେ ରୋକ ଲଗାଇବା ପାଇଁ କୋର୍ଟ ଆଦେଶ ଦେଉନାହାନ୍ତି ତେବେ ସାଧାରଣ ଲୋକ ଯେଉଁମାନଙ୍କ ଜାଗା ୧୦୦ ମିଟର ପରିସରରେ ଅଛି ସେମାନେ ନିଜ ନିର୍ମାଣ କାର୍ଯ୍ୟ କରିବେ ତାହାହେଲେ ଏଏସ୍‌ଆଇ ପକ୍ଷରୁ କାର୍ଯ୍ୟ ବନ୍ଦ କରିବାକୁ ପଦକ୍ଷେପ ନିଆଯିବନାହିଁ ତ? ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ। ଯଦି ସରକାର ନିର୍ମାଣ କାର୍ଯ୍ୟ କରିପାରିବେ ତେବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୧୦୦ ମିଟର ମଧ୍ୟରେ ଯେଉଁ ବ୍ୟକ୍ତିଙ୍କ ଘର ବା ଜାଗା ଅଛି ସେମାନେ ନିର୍ମାଣ ବା ମରାମତି କାର୍ଯ୍ୟ କଲାବେଳେ ଏଏସ୍‌ଆଇ ପକ୍ଷରୁ କାହିଁକି ଅନୁମତି ଆଣିବେ।

- ଦିଲୀପ ବରାଳ, ସୂଚନା ଅଧିକାର କର୍ମୀ

## ଜରିମାନା ଦଣ୍ଡାଦେଶ ଗ୍ରହଣୀୟ ନୁହେଁ



ଭାରତୀୟ ଆଇନ ବ୍ୟବସ୍ଥାରେ ସୁପ୍ରିମକୋର୍ଟଙ୍କ ରାୟକୁ ସମସ୍ତେ ମାନିବାକୁ ବାଧ୍ୟ। ତେବେ କୋର୍ଟ କେଉଁ ଆଧାରରେ ରାୟ ଦେଇଛନ୍ତି ଓ କେଉଁ କେଉଁ ପଏଣ୍ଟ ଉପରେ ଆଲୋଚନା ହୋଇଛି, ତାହାର ସମ୍ପୂର୍ଣ୍ଣ ତଥ୍ୟ ବା ଅର୍ଡର ମିଳିବା ପରେ ଏ ସମ୍ପର୍କରେ ଆଲୋଚନା କରାଗଲେ ଭଲ ହେବ। ଦ୍ୱିତୀୟରେ ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ, କୋର୍ଟଙ୍କର ବହୁମୂଲ୍ୟ ସମୟ ନଷ୍ଟ ହୋଇଛି ଏବଂ ଏଥିପାଇଁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ। ଉକ୍ତ ଘଟଣାରେ ଉଚ୍ଚ ଖଣ୍ଡପୀଠ ବା ହାୟର ବେଞ୍ଚରେ ଶୁଣାଣି ହୋଇପାରିବ। ଅନ୍ୟପକ୍ଷରେ ଏସ୍‌ଡିଜେଏମ୍ କୋର୍ଟରେ ଯେଉଁ ମାମଲା ରୁଜୁ ହୋଇଛି ତାହା ଆଗକୁ ମଧ୍ୟ ଚାଲିବ।

- ଶରତ ରାୟଗୁରୁ, ଆଇନଜୀବୀ, ପୁରୀ

## ସମସ୍ତଙ୍କୁ ରାୟ ମାନିବାକୁ ପଡ଼ିବ



ସୁପ୍ରିମକୋର୍ଟ ଯାହା ରାୟ ଦେଇଛନ୍ତି ସମସ୍ତଙ୍କୁ ତାହା ମାନିବାକୁ ପଡ଼ିବ। ଶ୍ରୀଜଗନ୍ନାଥ ସେନା ବିକାଶକୁ ନୁହେଁ ବେଆଇନ କାର୍ଯ୍ୟକୁ ବିରୋଧ କରୁଛି। ଏଥିସହ ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରାଥମିକତା ଦେଉଛି। ନିୟମ ଅନୁଯାୟୀ ନିର୍ମାଣ କାର୍ଯ୍ୟ କରାଯାଉ ବୋଲି ସେନା ଦାବି କରି ଆସୁଥିଲା। କୋର୍ଟ ମଧ୍ୟ ସେହିଭଳି ରାୟ ଦେଇଛନ୍ତି। ନୂତନ ନିର୍ମାଣ କରିବେ ନାହିଁ ବୋଲି ସରକାର ମଧ୍ୟ କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସରକାର ଯଦି ହାଇକୋର୍ଟରେ ଏପରି ପ୍ରତିଶ୍ରୁତି ଦେଇଥାନ୍ତେ ତେବେ ମାମଲା ସୁପ୍ରିମକୋର୍ଟକୁ ଯାଇ ନ ଥାନ୍ତା। ଆଇନ ଅନୁଯାୟୀ କାର୍ଯ୍ୟ ହେବା ଆବଶ୍ୟକ।

- ପ୍ରିୟଦର୍ଶନ ପଟ୍ଟନାୟକ, ଆଇନଜୀବୀ ତଥା ଶ୍ରୀଜଗନ୍ନାଥ ସେନା ଆବାହକ

# ବର୍ଷାଙ୍କୁ ୩୦ ହଜାର ଟଙ୍କା ଦେଲେ ଅନୁଭବ

## ଆକାଉଣ୍ଟରେ ଜମା କରିବା ସମ୍ପର୍କରେ କୋର୍ଟଙ୍କୁ ଜଣାଇଲେ

**କଟକ ଅଫିସ,୩।୬**



କଟକ ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ୩୦,୦୦୦ ଟଙ୍କା ଦେଇଛନ୍ତି କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି। ବର୍ଷାଙ୍କ ବିକଳ୍ପ ରହଣି ପାଇଁ ସେ ଏହି ଟଙ୍କା ତାଙ୍କ ଆକାଉଣ୍ଟରେ ଶୁକ୍ରବାର ଜମା କରିଛନ୍ତି। ଟଙ୍କା ଜମା କରିବା ସମ୍ପର୍କରେ ଅନୁଭବ କୋର୍ଟଙ୍କୁ ମଧ୍ୟ ଜଣାଇଛନ୍ତି। ପ୍ରଥମ କିସ୍ତି ଟଙ୍କା ପାଇଥିବାରୁ ଏବେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଷାଙ୍କୁ ୨ ମାସ ମଧ୍ୟରେ ଅନୁଭବଙ୍କ କଟକ ନନ୍ଦିସାହିସ୍ଥିତ ପୈତୃକ ଘର ଛାଡିବାକୁ ପଡିବ। ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ପାରିବାରିକ ବିବାଦ ଦୀର୍ଘଦିନ ହେବ ଲାଗି ରହିଛି। ବିବାଦ ପରଠାରୁ ଅନୁଭବ ତାଙ୍କ ମାଆ, ବାପା ଓ ସାନଭାଇଙ୍କ ସହ ଅନ୍ୟତ୍ର ଘର ଭଡା ନେଇ ରହୁଛନ୍ତି। ମାତ୍ର ବର୍ଷା ରହୁଥିବା ଘର ଅନୁଭବଙ୍କ ପୈତୃକ ଘର। ଏହା ତାଙ୍କ ଜେଜେବାପା ଓ ଅନ୍ୟମାନଙ୍କ ନାଁରେ ରହିଛି। ବିଶେଷକରି ତାଙ୍କ ବାପା ଅସୁସ୍ଥ ରହୁଥିବାରୁ ସେମାନେ ପୈତୃକ ଘରକୁ ଫେରିବାକୁ ଚାହୁଁଛନ୍ତି। ସେଥିପାଇଁ ବର୍ଷାଙ୍କୁ ସେହି ଘର ଛାଡିବାକୁ ନିର୍ଦ୍ଦେଶ ଦେବାକୁ ଅନୁଭବ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ। ବର୍ଷାଙ୍କ ଅନ୍ୟତ୍ର ରହଣି ପାଇଁ ଭଡ଼ାଘରର ବ୍ୟବସ୍ଥା କରିବେ ଏବଂ ସେ ବାବଦ ଖର୍ଚ୍ଚ ଭରଣା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ ଆବେଦନରେ ଦର୍ଶାଇଥିଲେ। ଗତମାସ ୨୪ ତାରିଖରେ ଏହି ଆବେଦନର ଶୁଣାଣି ଶେଷ ହୋଇଥିବାବେଳେ ଗୁରୁବାର ରାୟ ପ୍ରକାଶ ପାଇଥିଲା। କୋର୍ଟ ତାଙ୍କ ରାୟରେ କହିଥିଲେ, ବର୍ଷା ଅନୁଭବଙ୍କ ଘର ଛାଡିବେ। ସେ ଅନ୍ୟତ୍ର ରହିବା ପାଇଁ ଅନୁଭବ ତାଙ୍କୁ ପ୍ରତିମାସର ୧୦ ତାରିଖ କିମ୍ବା ଏହା ପୂର୍ବରୁ ୩୦,୦୦୦ ଟଙ୍କା ଦେବେ। ପ୍ରଥମ ମାସରେ ୩୦,୦୦୦ ଟଙ୍କା ପାଇବାର ୨ ମାସ ମଧ୍ୟରେ ବର୍ଷା ଘର ଛାଡିବେ। ଏବେ ବର୍ଷା ଏସ୍‌ଡିଜେଏମ୍ କୋର୍ଟଙ୍କ ରାୟକୁ ପାଳନ କରିବେ ନା ଏହାକୁ ଚ୍ୟାଲେଞ୍ଜ କରି ଉପର କୋର୍ଟକୁ ଯିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଫେସ୍‌ବୁକ୍‌କୁ ତଥ୍ୟ ମାଗିଲା ସାଇବର ଥାନା ପୋଲିସ

### ବର୍ଷାଙ୍କୁ ଅସମ୍ମାନଜନକ ଟିପ୍ପଣୀ ଦେବା ଘଟଣା

ସୋସିଆଲ ମିଡିଆରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଅସମ୍ମାନଜନକ ଟିପ୍ପଣୀ ଦେବା ଅଭିଯୋଗ ମାମଲାରେ କଟକ ସାଇବର ଥାନା ପୋଲିସ ଫେସ୍‌ବୁକ୍‌କୁ ଚିଠି ଲେଖି ତଥ୍ୟ ମାଗିଛି। ଅନୁଭବ ମହାନ୍ତି ରିୟଲ ହିରୋ ଅଫ୍ କେନ୍ଦ୍ରାପଡା ନାମକ ଏକ ଫେସ୍‌ବୁକ ଆକାଉଣ୍ଟରୁ ବିଭିନ୍ନ ଅସମ୍ମାନଜନକ ଟିପ୍ପଣୀ ଦିଆଯାଉଥିବା ନେଇ ଗତମାସ ୨୫ ତାରିଖରେ ବର୍ଷା ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ଫେସ୍‌ବୁକ୍ ଆକାଉଣ୍ଟ କେଉଁଠାରୁ ଓ କିଏ ଏହାକୁ ଅପରେଟ୍ କରୁଛି ତାହା ଜାଣିବା ପାଇଁ ପୋଲିସ ଫେସ୍‌ବୁକ୍‌କୁ ଚିଠି ଲେଖିଥିବା ଜଣାପଡିଛି। ତଥ୍ୟ ପାଇବା ପରେ ଆକାଉଣ୍ଟଧାରୀଙ୍କୁ ଧରିବା ପାଇଁ ପୋଲିସ ପଦକ୍ଷେପ ନେବ। ସୂଚନାଥାଉ କି, ସୋସିଆଲ ମିଡିଆରେ ବର୍ଷାଙ୍କ ବିରୋଧରେ ଦିଆଯାଇଥିବା ଅସମ୍ମାନଜନକ ଟିପ୍ପଣୀର ତଦନ୍ତ ପାଇଁ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଗୋଟିଏ ପରେ ଗୋଟିଏ ମୋଟ୍ ୩ଟି ଭିଡିଓ କରି ସୋସିଆଲ ମିଡିଆ ଓ ୟୁ୍ୟଟ୍ୟୁବରେ ଛାଡିବା ପରେ ବର୍ଷା ଏହି ଏତଲା ଦେଇଥିଲେ।

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। **–ଶ୍ରୀଅରବିନ୍ଦ**



# ଚାହିଁ ବସିଛନ୍ତି ଅର୍ଥମନ୍ତ୍ରୀ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଭବିଷ୍ୟତକୁ ଚାହିଁ ମୋଦି ସରକାର କିଛି ନୂଆ ଚିନ୍ତା କରିବାକୁ ସକ୍ଷମ ବୋଲି ଜଣାଇ ଦେବାକୁ ଚାହାନ୍ତି। ନିକଟରେ ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ପରାମର୍ଶଦାତାଙ୍କ ଭୂମିକାରେ ଉନ୍ନତି ଆଣିବା ସକାଶେ ବ୍ୟୟ ବିଭାଗ ସଚିବ ଟି.ଭି. ସୋମନାଥନଙ୍କ ଅଧୀନରେ ଏକ ଆଭ୍ୟନ୍ତରୀଣ ୱାର୍କିଂ ଗ୍ରୁପ୍ ଗଠନ କରି ଏହା ଦର୍ଶାଇଛି। ଅର୍ଥ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ଆର୍ଥିକ ପରାମର୍ଶଦାତାଙ୍କ ଭୂମିକାରେ ଉନ୍ନତି ଆଣିବା ଲାଗି ୱାର୍କିଂ ଗ୍ରୁପ୍ କାମ କରିବ ବୋଲି କୁହାଯାଉଛି। ବିଭିନ୍ନ ମନ୍ତ୍ରଣାଳୟ ଏବଂ ବ୍ୟୟ ବିଭାଗ ମଧ୍ୟରେ ସମ୍ପର୍କ ରକ୍ଷା କରିବାରେ ଆର୍ଥିକ ପରାମର୍ଶଦାତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ତେବେ ଏହି ପ୍ରସ୍ତାବିତ ସୁଧାର ବା ପରିବର୍ତ୍ତନ ଦେଶର ବ୍ୟୟ କ୍ଷମତାକୁ ନିରୀକ୍ଷଣ କରି ତ୍ୱରିତ ନୀତି ନିର୍ଦ୍ଧାରଣ କରିବା ଲକ୍ଷ୍ୟରେ କରାଯାଇଛି। ଏହା ମଧ୍ୟ ଆର୍ଥିକ ପରାମର୍ଶଦାତାମାନଙ୍କୁ ଅଧିକ କ୍ଷମତା ଦେବା ସହ ମନ୍ତ୍ରଣାଳୟଗୁଡ଼ିକର ବ୍ୟୟ ନକ୍ସା ପ୍ରସ୍ତୁତ କରିବା ପାଇଁ ବାଟ ଦେଖାଇବ। ବହୁସମୟରେ ଯୋଜନାଗୁଡ଼ିକର ପରିଣାମକୁ ନେଇ ପ୍ରତ୍ୟେକ ମନ୍ତ୍ରଣାଳୟର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ହେଉଥିବାରୁ, ଆର୍ଥିକ ବ୍ୟୟ ଓ ଆର୍ଥିକ ପରାମର୍ଶଦାତାମାନଙ୍କ ଭୂମିକା ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆର୍ଥିକ ସୁଧାର ସରକାରଙ୍କ 'ଭିଜନ ୨୦୪୭'ର ଏକ ଅଂଶ ବୋଲି ଜଣାପଡ଼ିଛି। ଏହି ମିଶନ୍‌ରେ ଭାରତକୁ ବିଶ୍ୱର ଶୀର୍ଷ ୩ଟି ଅର୍ଥ ବ୍ୟବସ୍ଥା ମଧ୍ୟରେ ସ୍ଥାନିତ କରିବାର ଲକ୍ଷ୍ୟ ରଖାଯାଇଛି। ତେବେ ୱାର୍କିଂ ଗ୍ରୁପ କେବେ ତାହାର ପରାମର୍ଶ ଉପସ୍ଥାପନ କରିବ ତାହାର ସଂକେତ ଏଯାବତ ମିଳିନାହିଁ। କିନ୍ତୁ ଏଥିରେ ଆଉ ଅଧିକ ବିଳମ୍ବ ହେବାର ସମ୍ଭାବନା ନାହିଁ। ତେବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଯଥା ଶୀଘ୍ର କିଛି ଅଗ୍ରଗତି ଦେଖିବା ଲାଗି ବି ଉତ୍ସୁକତାର ସହ ଚାହିଁବସିଛନ୍ତି।

### ରାସ୍ତା ଶେଷ ହୋଇଯିବ କି

ଅନେକ ବାବୁ ରାଜନୀତିକୁ ଯାଇଛନ୍ତି ଏବଂ ସେଥିରେ ତାଙ୍କ ଯାତ୍ରା ଭଲ ରହିବା ସହ କ୍ଷମତା ମଧ୍ୟ ଉପଭୋଗ କରିଛନ୍ତି। କିନ୍ତୁ ଖୁବ୍ ଶୀଘ୍ର ରାଜନୈତିକ ପ୍ରସିଦ୍ଧି ପାଇଥିବା ସବୁ ବାବୁମାନେ ସେହି ଚମକକୁ ଧରି ରଖିପାରନ୍ତି ନାହିଁ, ଯାହା ଏବେ ଘଟିଛି ଜନତା ଦଳ(ୟୁ) ବା ଜେଡି(ୟୁ)ର ଆର୍.ସି.ପି. ସିଂଙ୍କ କ୍ଷେତ୍ରରେ। ସିଂ କେନ୍ଦ୍ର କ୍ୟାବିନେଟ୍‌ର ସଦସ୍ୟ ରହିଛନ୍ତି। ଆଶା କରାଯାଉଥିଲା ଯେ, ପାର୍ଟି ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କୁ ରାଜ୍ୟ ସଭାକୁ ପଠାଇବେ। କିନ୍ତୁ ରାଜ୍ୟ ସଭା ପାଇଁ ତାଙ୍କର ନାମାଙ୍କନ ହୋଇପାରିଲା ନାହିଁ। ଏହା ଯୋଗୁ ସିଂଙ୍କ ମନ୍ତ୍ରିତ୍ୱ ମଧ୍ୟ ସନ୍ଦେହ ଘେରକୁ ଚାଲିଯାଇଛି। ଆଇନ ଅନୁଯାୟୀ, ଜଣେ ମନ୍ତ୍ରୀ ଶପଥ ନେବାର ୬ ମାସ ମଧ୍ୟରେ ଲୋକ ସଭା କିମ୍ବା ଉଭୟ ଗୃହର ସଦସ୍ୟ ଦେବାକୁ ପଡ଼ିବ। ଏହା ନ ହେଲେ, ମୁଖ୍ୟତଃ ସିଂଙ୍କ କ୍ଷେତ୍ରରୁ ଏହା ବୁଝାପଡ଼ିଛି ଯେ, ତାଙ୍କୁ କ୍ୟାବିନେଟରୁ ଇସ୍ତଫା ଦେବାକୁ ପଡ଼ିବ। କିଛି ଦିନ ପୂର୍ବେ ନୀତୀଶ କୁମାରଙ୍କ ସହ ନିବିଡ଼ ସମ୍ପର୍କ ଲାଗି ସିଂ ବେଶ୍ ଜଣାଶୁଣା ଥିଲେ। କେନ୍ଦ୍ରରେ ନୀତୀଶ ରେଳମନ୍ତ୍ରୀ ଥିବାବେଳେ ସିଂ ତାଙ୍କ ବ୍ୟକ୍ତିଗତ ସଚିବ ରହିଥିଲେ। ଏହି ଘନିଷ୍ଠତା ଯୋଗୁ ସେ ବିହାର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଥିଲେ। ସିଂ ଅମଲାତନ୍ତ୍ରରୁ ରାଜନୀତିକୁ ଯିବା ପରେ ଜେଡି(ୟୁ)ର ଅଧ୍ୟକ୍ଷ ମଧ୍ୟ ହୋଇଥିଲେ। ବାବୁ ଓ ନେତାମାନେ ତାଙ୍କୁ ନୀତୀଶଙ୍କ ଡାହାଣ ହାତ ବୋଲି କହୁଥିଲେ ଓ ସେହି ସମୟରେ ସେ ଦୁଇ ଥର ରାଜ୍ୟ ସଭା ସଦସ୍ୟ ହୋଇପାରିଥିଲେ। ସିଂ ଏବେ ଏଭଳି ଅନୁଗ୍ରହରୁ ବଞ୍ଚିତ ହେବା ପଛର କାରଣ ୨୦୨୦ ବିଧାନସଭା ନିର୍ବାଚନ ବୋଲି କୁହାଯାଉଛି। ଏହି ନିର୍ବାଚନରେ ଜେଡି(ୟୁ) ଏହାର ମେଣ୍ଟ ଦଳ ଭାଜପା ଠାରୁ କମ୍ ସିଟ୍ ପାଇଥିଲା। ରାଜ୍ୟସଭା ନାମାଙ୍କନ ପାଇଁ ମନା କରାଯିବାରୁ ବୁଝାପଡ଼ିଛି ଯେ, ସିଂଙ୍କ ଉଜ୍ଜ୍ୱଳ ଭାଗ୍ୟର ରାସ୍ତା ସବୁଦିନ ପାଇଁ ଶେଷ ହୋଇଯାଇପାରେ। କିନ୍ତୁ ରାଜନୀତିରେ କିଛି ନିଶ୍ଚିତତା ନାହିଁ। ହୁଏତ ଆମ ପାଇଁ ଆଉ କିଛି ବିସ୍ମୟ ଆସିପାରେ।

### କଠୋର କାର୍ଯ୍ୟାନୁଷ୍ଠାନ

ଚଳିତବର୍ଷ ଶେଷ ଆଡକୁ ହେବାକୁ ଥିବା ଗୁଜରାଟ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ଅନ୍ୟମାନଙ୍କ ତୁଳନାରେ ଅଧିକ ସକ୍ରିୟ ଜଣାପଡୁଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ପଙ୍କଜ କୁମାର ଏବଂ ପୋଲିସ ମହାନିର୍ଦ୍ଦେଶକ ଆଶିଷ ଭାଟିଆଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଛି। ଏହାସହ ସରକାର ସିଭିଲ ସର୍ଭ୍ୟାଣ୍ଟ ମାନଙ୍କୁ କଡ଼ା ବର୍ତ୍ତା ଦେବା ଏବଂ ସାଧାରଣରେ ପ୍ରଶାସନର ସ୍ୱଚ୍ଛ ଭାବମୂର୍ତ୍ତି ଉପସ୍ଥାପନ କରିବା ପାଇଁ ଏକ ସମନ୍ୱିତ ଦୁର୍ନୀତି ବିରୋଧୀ ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନ ଦିଲ୍ଲୀରୁ ମୋଦି ନେତୃତ୍ୱାଧୀନ ହାଇକମାଣ୍ଡଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହାଯୋଗୁ ଜମି ଘୋଟାଲା ଓ ଅସ୍ତ୍ରଶସ୍ତ୍ର ଲାଇସେନସ୍ ସମ୍ପର୍କିତ ଆର୍ଥିକ ଅନିୟମିତତା ଅଭିଯୋଗରେ ୨୦୧୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ.ରାଜେଶଙ୍କ ଉପରେ ସିବିଆଇ ଚଢାଉ କରାଯାଇଥାଇପାରେ ବୋଲି ବାବୁ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ଏପ୍ରିଲରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଏସ୍. କେ. ଲାଙ୍ଗାଙ୍କ ବିରୋଧରେ ଭୁଲ ଜମି ରେକର୍ଡ ପ୍ରସ୍ତୁତ କରିଥିବା ଅଭିଯୋଗରେ କେସ୍ ଦାଏର ହୋଇଥିଲା। ଏହାର ଗୋଟିଏ ମାସ ପୂର୍ବରୁ ଜଣେ ଗୁଜରାଟ କ୍ୟାଡର ଆଇଏଫ୍‌ଏସ(ଭାରତୀୟ ବନ ବିଭାଗ) ଅଧିକାରୀ ଆର୍ଥିକ ଅନିୟମିତତା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ତେବେ ସବୁ କାର୍ଯ୍ୟାନୁଷ୍ଠାନଗୁଡ଼ିକ ଆଇଏଏସ୍ , ଆଇପିଏସ୍ ଏବଂ ଅନ୍ୟ ଅଧିକାରୀମାନେ,ବିଶେଷକରି ନିର୍ବାଚନ ବର୍ଷରେ ପଥଚ୍ୟୁତ ହେଲେ କ'ଣ ଘଟିପାରେ,ଏହି କଠୋର କାର୍ଯ୍ୟାନୁଷ୍ଠାନଗୁଡ଼ିକ ଏକ ସ୍ପଷ୍ଟ ଓ କଡ଼ା ଚେତାବନୀ ଦେଇଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 8 | | 7 | | 4 | 5 | 9 | |
| | 2 | | | | | | | 3 |
| | | | | | | | | 7 |
| | | | 4 | | | | 5 | |
| | 7 | | | | 8 | | | 6 |
| | 9 | | 1 | | 3 | | 2 | 8 |
| | 6 | | 8 | | 1 | | | |
| | | | 6 | 2 | | 8 | | |
| | | 2 | | 4 | 9 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 6 | 5 | 1 | 3 | 7 | 2 | 9 |
| 3 | 1 | 9 | 6 | 7 | 2 | 8 | 5 | 4 |
| 7 | 5 | 2 | 4 | 9 | 8 | 6 | 3 | 1 |
| 8 | 7 | 4 | 2 | 3 | 6 | 9 | 1 | 5 |
| 1 | 2 | 5 | 9 | 4 | 7 | 3 | 6 | 8 |
| 6 | 9 | 3 | 1 | 8 | 5 | 4 | 7 | 2 |
| 9 | 3 | 1 | 7 | 5 | 4 | 2 | 8 | 6 |
| 5 | 6 | 8 | 3 | 2 | 9 | 1 | 4 | 7 |
| 2 | 4 | 7 | 8 | 6 | 1 | 5 | 9 | 3 |

ଗତକାଲିର ଉତ୍ତର

# ଖାଦ୍ୟ ସୁରକ୍ଷା ଆଇନ ଓ ବାସ୍ତବତା



**ରାଜୀବ କର୍ମୀ**

ସଦ୍ୟ ନିର୍ବାଚିତ ସରପଞ୍ଚମାନଙ୍କ ପାଇଁ ଏକ ଆହ୍ୱାନ ହେଉଛି ସାଧାରଣ ବଣ୍ଟନ ବ୍ୟବସ୍ଥାର ସଫଳ ରୂପାୟନ। ନିର୍ବାଚନ ପୂର୍ବବର୍ତ୍ତୀ ପ୍ରତିଶ୍ରୁତିକୁ ପୂରଣ କରିବାକୁ ଯାଇ କେତେଜଣ ସରପଞ୍ଚ ପିଡିଏସ୍ ସାମଗ୍ରୀକୁ ଅପହଞ୍ଚ ଗାଁଗୁଡ଼ିକରେ ଯୋଗାଇ ଦେବାର ବ୍ୟବସ୍ଥା କରିଥିବାର ଖବର ପ୍ରକାଶ ପାଉଛି। ଜନପ୍ରତିନିଧିମାନେ ଜନସାଧାରଣଙ୍କ ନିକଟରେ ଖାଦ୍ୟସାମଗ୍ରୀ ପହଞ୍ଚାଇ ପାରିଛନ୍ତି, ଏହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ। କାରଣ ଏହା ଜନସାଧାରଣଙ୍କ ନ୍ୟାଯ୍ୟ ଅଧିକାର। ଲୋକଙ୍କ ଦୁଆରମୁହଁରେ ଖାଦ୍ୟସାମଗ୍ରୀ ପହଞ୍ଚାଇବାକୁ ହେଲେ ଅନେକ ଆହ୍ୱାନ ରହିଛି, ମାତ୍ର ଜଣେ ସରପଞ୍ଚ ଚାହିଁଲେ ଅସମ୍ଭବ ନୁହେଁ।

ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଫଳପ୍ରଦ କରିବା ଏବଂ ଲୋକଙ୍କୁ ଖାଦ୍ୟ ଅଧିକାର ଦେବା ପାଇଁ କେନ୍ଦ୍ର ସରକାର ୨୦୧୩ ସେପ୍ଟେମ୍ବର୧୦ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କଲେ। ଏହି ଆଇନର ପ୍ରଥମ ଧାଡ଼ିରେ ସରକାର କହିଛନ୍ତି ଯେ ଏହା ଏମିତି ଏକ ଆଇନ ଯାହା ଲୋକମାନଙ୍କୁ ଜୀବନସାରା ସ୍ୱଳ୍ପ ମୂଲ୍ୟରେ ଏବଂ ଉପଯୁକ୍ତ ପରିମାଣରେ ଖାଦ୍ୟ ଏବଂ ପୁଷ୍ଟିର ସୁରକ୍ଷା ଯୋଗାଇ ଦେବ। ଯାହା ଫଳରେ ଲୋକମାନେ ସମ୍ମାନର ସହ ବଞ୍ଚିବେ। ଆମଦେଶରେ ଅନେକ ଗରିବଗୁରୁବା ଲୋକ ଖାଦ୍ୟ ଅଭାବରେ ଦିନ କାଟୁଥିବାର ନଜିର ରହିଛି। କେତେବେଳେ ଖାଦ୍ୟ ନ ପାଇ ଆମ୍ବଟାକୁଆ ଖାଉଛନ୍ତି ତ କେତେବେଳେ ଖାଦ୍ୟ ଅଭାବରୁ ଶିଶୁ ବିକ୍ରି ଏବଂ କେତେବେଳେ ଖାଦ୍ୟ ଅଭାବୀ ମୃତ୍ୟୁମୁଖରେ ପଡୁଥିବାର ଉଦାହରଣ ରହିଛି। ତେଣୁ ସରକାର ଲୋକଙ୍କ ପାଖରେ ଚାଉଳ ଏବଂ ଗହମ ପହଞ୍ଚାଇ ଖାଦ୍ୟକୁ ସୁରକ୍ଷିତ କରିବାକୁ ଏହି ଆଇନରେ ପ୍ରତିଶ୍ରୁତି ଦେଇଛନ୍ତି।

ଖାଦ୍ୟକୁ ନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଖାଦ୍ୟସାମଗ୍ରୀକୁ ପିଡିଏସ୍ ଦୋକାନ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରିବା ଉପରେ ଆଇନରେ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ଆମ ଦେଶର ଦୁଇ ତୃତୀୟାଂଶ ଲୋକ ଏହି କାର୍ଯ୍ୟକ୍ରମର ଲାଭ ଉଠାଉଛନ୍ତି। ଯେଉଁଥିରେ ଗର୍ଭବତୀ ମହିଳାଙ୍କଠୁ ଆରମ୍ଭ କରି ଛୋଟ ଛୋଟ ଶିଶୁ ଏବଂ ବିଦ୍ୟାଳୟରେ ପଢୁଥିବା ପିଲାମାନେ ମଧ୍ୟ ଏଥିରୁ ଉପକୃତ ହେଉଛନ୍ତି। ସରକାର ଯଦି କାହାକୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାରେ ବିଫଳ ହୁଅନ୍ତି ତେବେ ତା' ବଦଳରେ ଖାଦ୍ୟ ସୁରକ୍ଷା ଭତ୍ତା ଦେବା ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା ଅଛି। ଏହା ସହିତ ସରକାର ନିଜ ଖର୍ଚ୍ଚରେ ଖାଦ୍ୟସାମଗ୍ରୀ ବଣ୍ଟନ କେନ୍ଦ୍ରକୁ ଖାଦ୍ୟଶସ୍ୟ ପହଞ୍ଚାଇବାର ବ୍ୟବସ୍ଥା କରିବେ ଏବଂ ବଣ୍ଟନ ସମ୍ପର୍କିତ ସମସ୍ତ କାଗଜପତ୍ର ସହିତ ଅନ୍ୟାନ୍ୟ ତଥ୍ୟ ସରକାର ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବେ। ଖାଦ୍ୟ ସୁରକ୍ଷା ଆଇନକୁ ଛାଡ଼ି ରାଜ୍ୟ ସରକାରଙ୍କର ନିଜସ୍ୱ ଏକ ଯୋଜନା ମଧ୍ୟ ଚାଲିଛି। ଯେଉଁ ହିତାଧିକାରୀମାନେ ଖାଦ୍ୟସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି ତାଙ୍କୁ ଏହି ରାଜ୍ୟ ଯୋଜନାରେ ସାମିଲ କରାଯାଇଛି।



ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ବଣ୍ଟନ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ଖାଦ୍ୟସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ରାଜ୍ୟ ସରକାର ସତର୍କତା କମିଟି ମାନ ଗଠନ କରି ଏହି କାର୍ଯ୍ୟକ୍ରମକୁ ତଦାରଖ କରିବେ। ପଞ୍ଚାୟତର ସ୍ତରରେ ସରପଞ୍ଚ ଏହାର ଅଧ୍ୟକ୍ଷ ରହିବା ସହିତ ପଞ୍ଚାୟତ ସମିତି ସଭ୍ୟ, ୪ଜଣ ଖାଉଟି ଯେଉଁଥିରେ ଅନୁସୂଚିତ ଜାତି ଏବଂ ଉପଜାତିର ପ୍ରତିନିଧି ଭାବରେ ପୁରୁଷ ଏବଂ ମହିଳା ସଭ୍ୟ ରହିବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧିଙ୍କୁ କମିଟିରେ ସଭ୍ୟାସଭ୍ୟ ଭାବରେ ନିଆଯିବ। କମିଟିର ମୁଖ୍ୟ ଦାୟିତ୍ୱ ରହିବ ତ୍ରୟମାସିକ ବୈଠକ କରି ଖାଦ୍ୟସାମଗ୍ରୀର ସମସ୍ତ ବିବରଣୀ ସରକାରଙ୍କୁ ଅବଗତ କରାଇବା। କମିଟି ସଭ୍ୟମାନେ ନିୟମିତ ବ୍ୟବଧାନରେ ପିଡିଏସ୍ କେନ୍ଦ୍ରକୁ ତଦାରଖରେ ଯାଇ ଏହାର ସଫଳ ରୂପାୟନ, ଖାଦ୍ୟସାମଗ୍ରୀର ପରୀକ୍ଷା, ଆସବାବପତ୍ରର ଯାଞ୍ଚ, ଲୋକଙ୍କ ଅଭିଯୋଗର ସମାଧାନ ଇତ୍ୟାଦିର ବ୍ୟବସ୍ଥା କରିବେ।

ଅନେକ ପଞ୍ଚାୟତରେ ଏହି ବଣ୍ଟନ କେନ୍ଦ୍ରଗୁଡ଼ିକ ପଞ୍ଚାୟତ ପରିସରରେ ଚାଲୁଛି। ଅନେକ ପଞ୍ଚାୟତରେ ଗାଁଗୁଡ଼ିକର ଦୂରତା ଅଧିକ ଥିବାରୁ ଲୋକମାନେ ଯିବା ଆସିବାରେ ଅସୁବିଧା ହୋଇଥାଏ। ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଲୋକମାନଙ୍କୁ ୨୦/୨୫ କିଲୋମିଟରରୁ ଅଧିକ ଚାଲିଚାଲି ଆସି ଚାଉଳ, ଗହମ, କିରୋସିନ ଆଦି ନେବା ପାଇଁ ପଡ଼େ। ଯାହା ଦ୍ୱାରା ଗୋଟିଏ କାର୍ଯ୍ୟ ଦିବସର କ୍ଷତି ସହିତ ଅନ୍ୟାନ୍ୟ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଅନେକ ସମୟରେ ପିଡିଏସ୍ ସାମଗ୍ରୀ ପାଇବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ଅନେକ ପଞ୍ଚାୟତରେ ପାନୀୟ ଜଳର ବ୍ୟବସ୍ଥା ସାଙ୍ଗକୁ ଲୋକଙ୍କ ପାଇଁ ବସିବାର ଏବଂ ଛାଇର ବ୍ୟବସ୍ଥା ନ ଥିବା ଯାହା ଫଳରେ ଖରା ଏବଂ ବର୍ଷାରେ ଲୋକଙ୍କୁ ଅନେକ ହଇରାଣ ହେବାକୁ ପଡ଼େ। ଏ ଅବ୍ୟବସ୍ଥା ଦେଖିଲେ ମନେହୁଏ ସରକାର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟସାମଗ୍ରୀ ଯୋଗାଇ ଦେଇ ଦୟା କରୁଛନ୍ତି।

ଆସନ୍ତା ବର୍ଷ ଖାଦ୍ୟ ସୁରକ୍ଷା ଆଇନକୁ ୧୦ ବର୍ଷ ପୂରୁଥିବା ବେଳେ, ୨୦୨୧ର ବିଶ୍ୱ ଖାଦ୍ୟ ସୁରକ୍ଷା ସାରଣୀ ଅନୁସାରେ ଭାରତ ୧୧୩ଟି ଦେଶ ମଧ୍ୟରେ ୭୧ ତମ ସ୍ଥାନରେ ରହିଛି। କିନ୍ତୁ ଆଜି ବି ତୃଣମୂଳ ସ୍ତରରେ ଏହାର ଠିକ୍ ରୂପାୟନ ହୋଇପାରୁ ନାହିଁ। ହିତାଧିକାରୀମାନଙ୍କୁ ଖାଦ୍ୟସାମଗ୍ରୀ ବଣ୍ଟନର ମୁଖ୍ୟ ଦାୟିତ୍ୱ ହେଉଛି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର। ତାଙ୍କୁ ସହାଯ୍ୟ କରିବା ପାଇଁ ଜଣେ ଯୋଗାଣ ସହାୟକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ମାତ୍ର ଅନେକ ସ୍ଥାନରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସବୁ ଦାୟିତ୍ୱ ଯୋଗାଣ ସହାୟକଙ୍କୁ ଛାଡ଼ି ଦେଇଛନ୍ତି। ବେଳେ ବେଳେ ଖାଦ୍ୟ ସାମଗ୍ରୀ ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚି ପାରେ ନାହିଁ ଏବଂ ଅନେକ ସମୟରେ ଏଥିରେ ଆବଶ୍ୟକ ପରିମାଣଠାରୁ କମ୍ ପରିମାଣର ଚାଉଳ, ଗହମ ଆସିଥାଏ। ଯାହା ଫଳରେ କିଛି ଲୋକଙ୍କ ପାଇଁ ନିଅଣ୍ଟ ହୋଇଥାଏ।

କେବଳ ଚାଉଳ ଗହମରେ ପୁଷ୍ଟି ମିଳିପାରିବ ନାହିଁ। ଏଥିରେ ଅନ୍ୟାନ୍ୟ ଡାଲିଜାତୀୟ ଶସ୍ୟ ମଧ୍ୟ ସାମିଲ କରାଯିବା ଉଚିତ। ଅନେକ ପଞ୍ଚାୟତର ଗାଁଗୁଡ଼ିକ ଆଭ୍ୟନ୍ତରୀଣ ଏବଂ ପାର୍ବତ୍ୟ ଅଞ୍ଚଳରେ ରହିଛି। ତେଣୁ ସେହି ଗାଁ ପାଇଁ ଅତିରିକ୍ତ ବଣ୍ଟନ କେନ୍ଦ୍ରମାନ ଖୋଲିବା ଆବଶ୍ୟକ। ଏଥିପାଇଁ ହେଉଥିବା ଅତିରିକ୍ତ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିବା ଉଚିତ। ଯେଉଁ ହିତାଧିକାରୀମାନେ କେନ୍ଦ୍ରକୁ ଆସି ଖାଦ୍ୟସାମଗ୍ରୀ ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଦରକାର। ଖାଦ୍ୟସାମଗ୍ରୀ ବଣ୍ଟନ ଦିନଗୁଡ଼ିକରେ ହିତାଧିକାରୀମାନଙ୍କ ପାଇଁ ପାନୀୟ ଜଳ, ବସିବା ଲାଗି ଛାଇ ସ୍ଥାନର ବ୍ୟବସ୍ଥା ଏବଂ ଶୃଙ୍ଖଳାରେ ବଣ୍ଟନ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। କେନ୍ଦ୍ରକୁ ଆସୁଥିବା ଖାଦ୍ୟସାମଗ୍ରୀ ଗ୍ରହଣ ସ୍ଥାନରେ ଓଜନ କରି ଗ୍ରହଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଉଚିତ। ପଞ୍ଚାୟତଗୁଡ଼ିକରେ ସତର୍କତା ତଥା ତଦାରଖ କମିଟି ନାହିଁ। ତେଣୁ ତାହା ଗଠନ କରି ସକ୍ରିୟ କରାଯାଉ। ଆଜିବି ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି, ତେଣୁ ସେମାନଙ୍କୁ ନିୟମିତ ଭାବରେ ପର୍ଯ୍ୟାୟଭୁକ୍ତ କଲେ ହିଁ ସେମାନଙ୍କ ଖାଦ୍ୟ ସୁରକ୍ଷିତ ରହିବ।

**ଶଗଡ଼ା, ବୌଦ୍ଧ**
**ମୋ-୮୩୨୮୮୪୮୧୪୫**

# ବିଶ୍ୱରେ ମଙ୍କିପକ୍ସ



**ଡା. ଉମେଶ ଚନ୍ଦ୍ର ପାତ୍ର**

ମହାମାରୀ କରୋନା ସଂକ୍ରମଣ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସମଗ୍ର ବିଶ୍ୱରେ ଅବ୍ୟାହତ ରହିଥିବାବେଳେ ଏବେ ମଙ୍କିପକ୍ସ ଆତଙ୍କ ସୃଷ୍ଟି ହୋଇଛି। କାନାଡ଼ା, ସ୍ପେନ୍, ଇସ୍ରାଏଲ, ଫ୍ରାନ୍ସ, ସୁଇଜରଲାଣ୍ଡ, ଆମେରିକା ଓ ଅଷ୍ଟ୍ରେଲିଆରେ ୧୦୦ରୁ ଅଧିକ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇସାରିଲେଣି। ବିଶେଷକରି ୟୁରୋପ ଓ ଆମେରିକାରେ ମଙ୍କିପକ୍ସ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍କିପକ୍ସକୁ ରୋକିବା ପାଇଁ ଜର୍ମାନୀ କ୍ୱାରାଣ୍ଟାଇନ ବ୍ୟବସ୍ଥା କରିଛି। ଲୋକଙ୍କ ମନରୁ ମଙ୍କିପକ୍ସର ଭୟ ଦୂର କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ, ମଙ୍କିପକ୍ସ କରୋନା ଭଳି ମହାମାରୀ ରୂପ ନେବାର ଆଶଙ୍କା ଶୂନ ପ୍ରତିଶତ। ପୃଥିବୀବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା ଲାନ୍‌ସେଟ ତା'ର ଜୁନ୍ ସଂଖ୍ୟାରେ ଉଲ୍ଲେଖ କରିଛି ଯେ ମଙ୍କିପକ୍ସରେ ଅଧିକ ଲୋକ ଆକ୍ରାନ୍ତ ହେବା ଚିନ୍ତାର ବିଷୟ। କିନ୍ତୁ ଏହା ମହାମାରୀ କରୋନା ଭଳି ସ୍ଥିତି ସୃଷ୍ଟି କରିବାର ଆଶଙ୍କା ନାହିଁ। ସାର୍ସ କୋଭ-୨ ଭଳି ମଙ୍କିପକ୍ସ ଭାଇରସ ଅଭିନବ ନୁହେଁ। ବିଶ୍ୱରେ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ହେଲା ମଙ୍କିପକ୍ସ ସମ୍ପର୍କରେ ଗବେଷଣା ଚାଲିଛି। ଏହି ଭାଇରସ ବସନ୍ତ ସ୍ମଲ୍‌ପକ୍ସ ବର୍ଗର କିନ୍ତୁ କରୋନା ଭାଇରସ ଭଳି ଅଧିକ ସଂକ୍ରାମକ କିମ୍ବା ଘାତକ ନୁହେଁ। କରୋନା ପାଇଁ ଦେଢ଼ ବର୍ଷ ମଧ୍ୟରେ ଟିକା ବାହାରିଛି। ହେଲେ ମଙ୍କିପକ୍ସ ପାଇଁ ବହୁ ବର୍ଷ ତଳୁ ଟିକା ବାହାରିସାରିଛି। ଏହାକୁ ସ୍ମଲପକ୍ସ ପାଇଁ ଉପଲବ୍ଧ ହେଉଥିବା ଟିକା ଦ୍ୱାରା ରୋକା ଯାଇପାରିବ। ତେଣୁ କେହି ବି ମଙ୍କିପକ୍ସକୁ ନେଇ ଆତଙ୍କିତ କିମ୍ବା ଭୟଭୀତ ହେବା କଥା ନୁହେଁ।

ମଙ୍କିପକ୍ସ ଏକ ଭୂତାଣୁଜନିତ ସଂକ୍ରାମକ ରୋଗ, ଯାହା ୧୯୫୮ ମସିହାରେ ପ୍ରଥମଥର ପାଇଁ ଏକ ମାଙ୍କଡଠାରେ ଚିହ୍ନଟ ହୋଇଥିଲା। ମଣିଷଠାରେ ଏହାର ସଂକ୍ରମଣ ୧୯୭୦ ମସିହାରେ ପ୍ରଥମ ଥର ପାଇଁ ନିଶ୍ଚିତ କରାଯାଇଥିଲା। ଏହା ମୁଖ୍ୟତଃ କେନ୍ଦ୍ରୀୟ ଏବଂ ପଶ୍ଚିମ ଆଫ୍ରିକୀୟ ଦେଶରେ ଦେଖାଯାଏ। ସଂକ୍ରମିତ ବ୍ୟକ୍ତିଙ୍କ ପୋଷାକ, ଶଯ୍ୟା କିମ୍ବା ଟାୱେଲ ବ୍ୟବହାର କରିବା କିମ୍ବା ସ୍ପର୍ଶ କରିବା ଦ୍ୱାରା ଏହି ରୋଗ ଜଣେ ବ୍ୟକ୍ତିଙ୍କ ଠାରୁ ଅନ୍ୟକୁ ବିସ୍ତାର ହୋଇପାରେ। ସଂକ୍ରମିତ ବ୍ୟକ୍ତିଙ୍କ ଚର୍ମ କିମ୍ବା ଫୋଟକା ସ୍ଥାନକୁ ଛୁଇଁବା ଦ୍ୱାରା ମଧ୍ୟ ଏହା ବିସ୍ତାର ହୋଇପାରେ। ସଂକ୍ରମିତ ବ୍ୟକ୍ତିର କାଶ କିମ୍ବା ଛିଙ୍କ ମାଧ୍ୟମରେ ଭୂତାଣୁ ଆଖପାଖର ଲୋକଙ୍କ ନିକଟରେ ବିସ୍ତାର ହୋଇପାରେ। ଏପରି ସମୟରେ ବିଶୋଧିତ ଜଳ ପିଅନ୍ତୁ, କୌଣସି ପ୍ରକାର ଆମିଷ ଓ ବାସି ଖାଦ୍ୟ, ନିଶାଦ୍ରବ୍ୟଠାରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଡାକ୍ତରୀ ଚିକିତ୍ସା ବ୍ୟତୀତ କୌଣସି ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ଏହାର ଶିକାର ହୋଇଥିବା ଲୋକଟି ବେଳେ ବେଳେ ଧଇଁସଇଁ ହୋଇପଡ଼େ ଓ ତାକୁ ଶୋଷ ଲାଗିଥାଏ ତେବେ ଅଧିକ ମାତ୍ରାରେ ପାଣି ନ ଦେଇ ସିଝା ଯାଇଥିବା ସମ୍ପୂର୍ଣ୍ଣ ବିଶୋଧିତ ଜଳ ଅଳ୍ପ ଅଳ୍ପ ମାତ୍ରାରେ ଦିଅନ୍ତୁ। ଫୋଟକା ବା ଘାଆ ହୋଇଯାଇଥିବା ଜାଗାରେ ସେକ ବା ବରଫ ଦିଅନ୍ତୁ ନାହିଁ କିମ୍ବା ବିନା ଡାକ୍ତରୀ ପରାମର୍ଶରେ କୌଣସି ପାଉଡର ବା କ୍ରିମ ବ୍ୟବହାର କରନ୍ତୁ ନାହିଁ।



ସଂକ୍ରମଣର ୫ରୁ ୨୧ ଦିନ ମଧ୍ୟରେ ମଙ୍କିପକ୍ସର ଲକ୍ଷଣ ଦେଖାଯାଇଥାଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଫୋଟକାଯୁକ୍ତ ରାସେସ, ଥକ୍କାପଣ ଅନୁଭବ ଓ ଫୁଲା ଲସିକାଗ୍ରନ୍ଥି ଆଦି ଦେଖାଯାଏ। ପରେ ପରେ ରାସେସ ଓ ଫୋଟକା ଉପରେ କ୍ରସ୍ଟ ତିଆରି ହୋଇଯାଏ। ଏହା ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ ବ୍ୟାପିଥାଏ। ସାଧାରଣତଃ ଚର୍ମ, ଆଖି, ନାକ କିମ୍ବା ପାଟି ଦେଇ ମଙ୍କିପକ୍ସ ଭୂତାଣୁ ଶରୀରରେ ପ୍ରବେଶ କରେ। ଏହା ସଂକ୍ରମିତ ପ୍ରାଣୀ ମଣିଷକୁ କାମୁଡ଼ିବା ଦ୍ୱାରା କିମ୍ବା ଏହାର ରକ୍ତ, ଶରୀରର ତରଳ ପଦାର୍ଥ କିମ୍ବା ପଶୁକୁ ସ୍ପର୍ଶ କରିବା ଦ୍ୱାରା ସଂକ୍ରମଣ ହୋଇପାରେ। ସଂକ୍ରମିତ ପଶୁର ମାଂସ ଖାଇବା ଦ୍ୱାରା ମଧ୍ୟ ଏହି ରୋଗ ହୋଇପାରେ।

କରୋନା ପରେ ଏବେ ବିଶ୍ୱରେ ମଙ୍କିପକ୍ସ ଭୂତାଣୁକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ୧୨ଟି ରାଷ୍ଟ୍ରରେ ଏହି ଭୂତାଣୁ ପହଞ୍ଚି ସାରିଥିବା ବେଳେ ବ୍ରିଟେନରେ ଏବେ ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେଇଛି। ମଙ୍କିପକ୍ସ ଚିକେନପକ୍ସ ଭଳି ହେଉଥିଲେ ମଧ୍ୟ ଏହା ଏକ ଭିନ୍ନ ଧରଣର ଭାଇରାଲ ସଂକ୍ରମଣ । ମାଙ୍କଡଠାରୁ ମନୁଷ୍ୟ ଶରୀରକୁ ଆସିଥିବା ଏହି ରୋଗରେ ସଂକ୍ରମିତ ବ୍ୟକ୍ତିଙ୍କୁ ଜ୍ୱର ହେବା ସହ ଶରୀରର ବିଭିନ୍ନ ସ୍ଥାନରେ ଗଣ୍ଠି ଭଳି ଫୁଲିଯାଏ ଏବଂ ମାଂସପେଶୀରେ ଯନ୍ତ୍ରଣା ହୁଏ। ୨ରୁ ୪ସପ୍ତାହ ପର୍ଯ୍ୟନ୍ତ ଏହି ଭୂତାଣୁର ଲକ୍ଷଣ ଶରୀରରେ ଦେଖିବାକୁ ମିଳିଥାଏ। ଏହି ଭୂତାଣୁଜନିତ ମୃତ୍ୟୁହାର ୩ରୁ ୬ ପ୍ରତିଶତ ରହିଛି। ଏହାର ପ୍ରତିକାର ନେଇ ଅନେକ ଆଲୋଚନା ଉଠୁଛି। ତେବେ ବାସ୍ତବ କଥା ହେଉଛି ମଙ୍କିପକ୍ସର କୌଣସି ଉପଶମ ନାହିଁ। ତଥାପି ସ୍ମଲପକ୍ସ ଟିକା ଏହାକୁ ରୋକିବାରେ ୮୫ ପ୍ରତିଶତ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି। ଏହାର ଅଧିକାଂଶ ମାମଲା ସାମାନ୍ୟ ଥାଏ। କେତେକ କେସରେ ଏହା ଚିକେନପକ୍ସ ସହିତ ସମାନ ଥାଏ, ଯାହା କିଛି ସପ୍ତାହ ମଧ୍ୟରେ ଆପେ ଭଲ ହୋଇଯାଏ। କିନ୍ତୁ ସଂକ୍ରମିତ ରୋଗୀଙ୍କ ମଧ୍ୟରୁ ୧୦% ଲୋକଙ୍କର ମୃତ୍ୟୁ ଆଶଙ୍କା ଥାଏ। ତେବେ ଏହି ସଂକ୍ରମଣରୁ ରକ୍ଷାପାଇବା ଲାଗି ଜଙ୍ଗଲୀ ଜନ୍ତୁଙ୍କ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଖାସ୍‌କରି ମୃତ ପଶୁ କିମ୍ବା ସେମାନଙ୍କ ରକ୍ତ, ମାଂସ ଏବଂ ଶରୀରର ଅନ୍ୟାନ୍ୟ ଅଂଶରୁ ଦୂରେଇ ରୁହନ୍ତୁ। ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଯଥା ସମ୍ଭବ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ହାତକୁ ଭଲ ଭାବରେ ଧୋଇ ସଫା ରଖନ୍ତୁ। ସଂକ୍ରାମକ ରୋଗକୁ କିଭଳି ରୋକାଯାଇପାରିବ ତହା ଆମକୁ କରୋନା ମହାମାରୀ ଶିଖାଇ ଦେଇଛି। ଏଣୁ ପ୍ରତିକାର ବ୍ୟବସ୍ଥା ଏବଂ ସତର୍କତା ଅବଲମ୍ବନ କଲେ ମଙ୍କିପକ୍ସକୁ ଆମେ ସହଜରେ ପ୍ରତିହତ କରିବାକୁ ସକ୍ଷମ ହୋଇପାରିବ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,**
**କଟକ, ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ଝାଡ଼ଖଣ୍ଡର ଛୋଟ ଗାଁଟିଏ ପୂରବି ସିଂହଭୂମ। ଏହି ଗାଁକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ଯମୁନା ଟୁଡୁ। ଯମୁନାଙ୍କ ନେତୃତ୍ୱରେ ମହିଳାମାନେ ଗଛ ସୁରକ୍ଷାରେ ଲାଗିଛନ୍ତି। ସେମାନେ ଗଛରେ ରାଖୀ ବାନ୍ଧି ଚିରଦିନ ଲାଗି ତା' ସୁରକ୍ଷା ପାଇଁ ଶପଥ ନେଉଛନ୍ତି। ଏହି ପରମ୍ପରା ଆଧ୍ୟାତ୍ମିକତା ଜଡ଼ିତ ଥିବା ସହ ସାମାଜିକ ସ୍ତରରେ ଏହା ଜଙ୍ଗଲ ମାଫିଆ ଓ ପଶୁ ଶିକାରୀଙ୍କ ବିରୋଧରେ ଏକ ଅହିଂସା ଯୁଦ୍ଧ ଘୋଷଣାକୁ ସୂଚାଇଥାଏ। ୨୦ ବର୍ଷ ପୂର୍ବେ ଯମୁନା ଏହି ଅଭିଯାନ ଆରମ୍ଭ କରିବା ସମୟରେ ପ୍ରଥମେ ଜଣେ କାଠମାଫିଆ ସହ ମୁହାଁମୁହିଁ ହୋଇଥିଲେ। ଆଇନ ପରିସରରେ ସେ ସେହି ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇବା ପରେ ଗଛ ସୁରକ୍ଷା ଲାଗି ସଂକଳ୍ପ ନେଇଥିଲେ। ପରେ ଗାଁର ୨୫ ଜଣ ମହିଳାଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ବିଗତ ୨୦ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଅଭିଯାନରେ କେବଳ ତାଙ୍କ ଗାଁ ନୁହେଁ ବରଂ ଆଖପାଖର ଶହ ଶହ ହେକ୍ଟର ଜଙ୍ଗଲର ସୁରକ୍ଷା କରିପାରୁଛନ୍ତି। ତାଙ୍କ ସହ ଏବେ ୬୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଛନ୍ତି। ସେମାନେ ଧନୁତୀର, ଠେଙ୍ଗା ଧରି ଜଙ୍ଗଲରେ ପ୍ରବେଶ କରୁଛନ୍ତି। ବହୁ ସମୟରେ ସେମାନଙ୍କର ଶିକାରୀ ଓ କାଠମାଫିଆଙ୍କ ସହ ମୁହାଁମୁହିଁ ହେଲେ ମଧ୍ୟ ସେମାନେ ଗଛ ଓ ବନ୍ୟଜନ୍ତୁମାନଙ୍କୁ ସୁରକ୍ଷିତ ରଖିବାରେ ସଫଳ ହେଉଛନ୍ତି। ଏବେ ଯମୁନାଙ୍କୁ 'ଲେଡି ଟାର୍ଜନ' କୁହାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଜୁନ୍ ୧୯୯୭**

- ଦଳର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ ନ କରିବା ନେଇ ଦିଆଯାଇଥିବା ଅନ୍ତରୀଣ ଆଦେଶ ବିରୁଦ୍ଧରେ ଜନତା ଦଳ ସଭାପତି ଲାଲୁ ପ୍ରସାଦ ଯାଦବଙ୍କ ଦିଲ୍ଲୀ ହାଇକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ।
- ନାଲ୍‌କୋର ଶେୟାର ପରିଚାଳନା କାର୍ଯ୍ୟ ଅଧିକ ସହଜ କରିବା ପାଇଁ ନାଲ୍‌କୋ ଓ ନ୍ୟାସନାଲ ସିକ୍ୟୁରିଟିଜ୍ ଡିପୋଜିଟାରୀ ଲିଃ (ଏନ୍.ଏସ୍.ଡି.ଏଲ୍) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ୩ ଦଫା ଦାବି ନେଇ କୁଷ୍ଠ ରୋଗୀମାନେ ପୋଲିସ କର୍ଡନ ଭାଙ୍ଗି ସଚିବାଳୟ ମଧ୍ୟକୁ ଧସେଇ ପଶିବା ବେଳେ ଧସ୍ତାଧସ୍ତି ହୋଇ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ପୋଲିସର ଲାଠିଚାଳନା।

## ପାଠକ ଶ୍ରେଷ୍ଠ ବିଚାରକ

### ଅବକ୍ଷୟମୁଖୀ ଭାରତୀୟ ଗଣତନ୍ତ୍ର

ମହାଶୟ,

ଭାରତୀୟ ଗଣତନ୍ତ୍ର ବିଶ୍ୱର ବୃହତ୍ତମ ଗଣତନ୍ତ୍ର ବୋଲି ଆମେ ଗର୍ବ ଅନୁଭବ କରୁଥିବା ବେଳେ ଏହା କାଳକ୍ରମେ ଅବକ୍ଷୟମୁଖୀ ହେବା ଘୋର ଚିନ୍ତା ଓ ଉଦ୍‌ବେଗର ବିଷୟ। ଗତ କିଛି ବର୍ଷ ଧରି ଦେଖାଯାଉଛି ଯେ ଆମେ ଦେଶର ତଦନ୍ତକାରୀ ସଂସ୍ଥାଗୁଡିକ ସାମାଜିକ ବୈଧତା ଓ ନାଗରିକଙ୍କର ବିଶ୍ୱାସ ହାସଲ କରି ପାରୁନାହାନ୍ତି। କିଛି ତଥାକଥିତ ବିଦ୍ରୋହୀ ଓ ଅସନ୍ତୁଷ୍ଟ ବିଧାୟକଙ୍କ ସହାୟତାରେ ଗଣତାନ୍ତ୍ରିକ ଉପାୟରେ ଗଠିତ ରାଜ୍ୟ ସରକାରମାନଙ୍କୁ କ୍ଷମତାଚ୍ୟୁତ କରାଯାଇଛି। କିଛି ବିରୋଧୀଦଳ ଶାସିତ ରାଜ୍ୟରେ ସେଠାକାର ସରକାରଙ୍କ କାର୍ଯ୍ୟ ପରିସର ଉପରେ ରାଜ୍ୟପାଳମାନେ ଅଯଥା ହସ୍ତକ୍ଷେପ କରିବା ଫଳରେ ଗଣତନ୍ତ୍ରର ଗରିମା କ୍ଷୁର୍ଣ୍ଣ ହେଉଛି। ଦଳବଦଳକାରୀଙ୍କୁ ଉପେକ୍ଷା କରିବା ପରିବର୍ତ୍ତେ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଇ ପୁରସ୍କୃତ କରାଯାଉଛି। ବିରୋଧୀଦଳମାନେ ଗଣତନ୍ତ୍ରର ଆତ୍ମା ଓ ସୁରକ୍ଷା କବଚ। କିନ୍ତୁ ବିରୋଧୀଦଳଙ୍କୁ ଦୁର୍ବଳ କରାଯିବାକୁ ସବୁପ୍ରକାର ଉଦ୍ୟମ ହେଉଛି। ରାଜନୀତିରେ ବ୍ୟକ୍ତି ପୂଜନ ଓ ଏକନାୟକତ୍ୱ ବିସ୍ତାର ଲାଭ କରୁଛି। ନିର୍ବାଚନ ପ୍ରଚାର ସମୟରେ ପ୍ରତିପକ୍ଷଙ୍କ ପ୍ରତି ବ୍ୟାପକ ଅପଶବ୍ଦ ପ୍ରୟୋଗ ସହ ବାଚନିକ ଆକ୍ରମଣ ହେଉଛି। ନିର୍ବାଚନକୁ ବାହୁବଳ ଓ ଅର୍ଥବଳ ପ୍ରଭାବରୁ ମୁକ୍ତ କରିବା ପାଇଁ କୌଣସି ଉଦ୍ୟମ ହେଉନାହିଁ। ଅପରାଧୀ ଓ ଦାମୀ ନେତାମାନେ ଅଧିକ ସଂଖ୍ୟାରେ ନିର୍ବାଚିତ ହେଉଛନ୍ତି। ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଉଛି। ଭାରତୀୟ ଗଣତନ୍ତ୍ରର ଏହି ସବୁ ବିଲକ୍ଷଣ ଦେଶବାସୀଙ୍କୁ ବ୍ୟଥିତ କରୁଛି।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତର ଶତ ପୀଡ଼ନେ ପୀଡ଼ିତ
ଦଗ୍‌ଧ ପରାଣେ ମୋରି
ଚମ୍ପକହାସ ହସିଯାଅ ଧୀରେ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

**ଶେଷ ଦିନରେ ସେନ୍‌ସେକ୍ସରେ ହ୍ରାସ**

**ମୁମ୍ବାଇ:** ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଗୁରୁବାର ଶେୟାର ବଜାରରେ ଆରମ୍ଭ ଦମ୍‌ଦାର ଥିବା ବେଳେ ବନ୍ଦ ହେବା ବେଳକୁ ହ୍ରାସ ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୪୯ (୦.୦୮%) ଏବଂ ନିଫ୍ଟିରେ ୪୪ (୦.୨୬%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୫,୭୬୯ ଏବଂ ନିଫ୍ଟି ୧୬,୫୮୪ ଅଙ୍କରେ ବନ୍ଦ ହୋଇଥିଲା। ଦିନରେ ୧୩୮୨ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୯୯୧ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଏହାଛଡ଼ା ୧୩୩ ଶେୟାରରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ।

# ସେବା କ୍ଷେତ୍ରରେ ଆଖିଦୃଶିଆ ଅଭିବୃଦ୍ଧି

ନୂଆଦିଲ୍ଲୀ,୩।୬




■ଦରବୃଦ୍ଧି ସତ୍ତ୍ୱେ ସର୍ଭିସ୍ ସେକ୍ଟର ପିଏମ୍ଆଇ ୫୮.୯

■୨୦୧୧ ଏପ୍ରିଲ ପରଠାରୁ ସର୍ବାଧିକ ବୃଦ୍ଧି

ସେବା କ୍ଷେତ୍ରକୁ ନେଇ ଏକ ଭଲ ଖବର ସାମ୍ନାକୁ ଆସିଛି। ଚଳିତ ବର୍ଷ ଅର୍ଥାତ୍ ୨୦୨୨ ମେ' ରେ ଭାରତର ସେବା କ୍ଷେତ୍ରରେ ବ୍ୟବସାୟ ସମ୍ବନ୍ଧିତ ଗତିବିଧିରେ ଗତ ୧୧ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ଦେଖାଦେଇଛି। ମୁଦ୍ରାସ୍ଫୀତିରେ ବୃଦ୍ଧି ସତ୍ତ୍ୱେ ଚାହିଦା ଭଲ ରହିଥିବା କାରଣରୁ ମେ' ମାସରେ ଏସ୍ ଆଣ୍ଡ ପି ଗ୍ଲୋବାଲ ଇଣ୍ଡିଆ ସର୍ଭିସେସ୍ ପିଏମ୍ଆଇ ବିଜ୍‌ନେସେସ୍ ଆକ୍ଟିଭିଟି ଇନ୍‌ଡେକ୍ସ ବାର୍ଷିକ ଆଧାରରେ ୫୮.୯ ରହିଛି। ଏହାର ପୂର୍ବ ମାସ ଅର୍ଥାତ୍ ଏପ୍ରିଲରେ ଏହି ହାର ୫୭.୯ ରହିଥିଲା। ୨୦୧୧ ଏପ୍ରିଲ ପରଠାରୁ ଏହି କ୍ଷେତ୍ରରେ ସର୍ବାଧିକ ବୃଦ୍ଧି ଘଟିଛି। ପୂର୍ବରୁ ରଏଟର୍ସ ପକ୍ଷରୁ ପ୍ରକାଶିତ ତଥ୍ୟରେ ଚଳିତ ବର୍ଷ ମେ' ମାସ ପାଇଁ ସେବା କ୍ଷେତ୍ରରେ ପିଏମ୍ଆଇ ୫୭.୫ ରହିବା ନେଇ ଅନୁମାନ କରାଯାଇଥିଲା। ସର୍ଭିସ୍ ସେକ୍ଟରର ଭାରତୀୟ ଅର୍ଥବ୍ୟବସ୍ଥାରେ ବଡ଼ ଯୋଗଦାନ ରହିଛି। ସୂଚନାଯୋଗ୍ୟ, ୫୦ ସ୍ତରରୁ ଊର୍ଦ୍ଧ୍ୱ ପିଏମ୍ଆଇ (ପର୍ଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ) କାରବାରର ଗତିରେ ବିସ୍ତାର ଘଟୁଥିବା ସଙ୍କେତ ଦେଇଥାଏ। ଏହି ଇଣ୍ଡେକ୍ସ ୫୦ରୁ ତଳ ସ୍ତରରେ ରହିବା ଅର୍ଥ କାରବାର ଗତିବିଧିରେ ହ୍ରାସ ଘଟିଛି। ଏସ୍ ଆଣ୍ଡ ପି ଗ୍ଲୋବାଲ୍ ମାର୍କେଟ୍ ଇଣ୍ଟେଲିଜେନ୍ସର ପଲିୟାନା ଡି ଲିମାଙ୍କ ସୂଚନା ଅନୁସାରେ, କୋଭିଡ୍ ମହାମାରୀ ପରେ ଭାରତୀୟ ଅର୍ଥନୀତିରେ ରି-ଓପନିଂ ଦ୍ୱାରା ସର୍ଭିସ୍ ସେକ୍ଟରରେ ବୃଦ୍ଧି ପରିଲକ୍ଷିତ ହେଉଛି। ତେବେ ନିର୍ମାଣ ଖର୍ଚ୍ଚ ବୃଦ୍ଧି କାରଣରୁ ବ୍ୟବସାୟ ବିସ୍ତାର ସୀମିତ ରହିଥିବା ସେ କହିଛନ୍ତି। ସର୍ଭିସ୍ ସେକ୍ଟର ପାଇଁ ଦେଶର ଅର୍ଥବ୍ୟବସ୍ଥାରେ ଅଧିକ ଡିମାଣ୍ଡ ଦେଖିବାକୁ ମିଳୁଛି। ନୂଆ ୱାର୍କ ଅର୍ଡର ମଧ୍ୟ ଅଧିକ ସଂଖ୍ୟାରେ ଆସୁଛି। ତେବେ ମେ' ମାସରେ ଇନ୍‌ପୁଟ୍ ମୂଲ୍ୟରେ ବହୁମାତ୍ରାରେ ବୃଦ୍ଧି ଘଟିଛି। ତେଣୁ କମ୍ପାନୀଗୁଡ଼ିକ ବର୍ଦ୍ଧିତ ନିର୍ମାଣ ଦର ଗ୍ରାହକଙ୍କଠାରୁ ଆଦାୟ କରିବାକୁ ବିଭିନ୍ନ ସାମଗ୍ରୀ ଦର ବୃଦ୍ଧି କରିଛନ୍ତି। ବର୍ତ୍ତମାନ ମହଙ୍ଗା ୧୬ ବର୍ଷର ସର୍ବାଧିକ ସ୍ତରରେ ଥିବା ମଧ୍ୟ ତଥ୍ୟରେ କୁହାଯାଇଛି।

## ଗିଫ୍ଟଙ୍କୁ 'ଶିକ୍ଷା ଉତ୍କର୍ଷ-୨୦୨୨' ସମ୍ମାନ

ଭୁବନେଶ୍ୱର,୩।୬

ରାଜ୍ୟର ପ୍ରମୁଖ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ 'ଗିଫ୍ଟ'କୁ ଆଉ ଏକ ସଫଳତା ମିଳିଛି। ବିଶେଷକରି ଦୀର୍ଘ ବର୍ଷ ଧରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବାରୁ ଅନୁଷ୍ଠାନକୁ ଶ୍ରେଷ୍ଠ ଘରୋଇ ବୈଷୟିକ ମହାବିଦ୍ୟାଳୟ ବର୍ଗରେ ସାମିଲ ସହ ପୁରସ୍କୃତ କରାଯାଇଛି। ନିକଟରେ ନ୍ୟୁଜ୍ ୧୮ ଓଡ଼ିଆ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗିଫ୍ଟକୁ 'ଶିକ୍ଷା ଉତ୍କର୍ଷ-୨୦୨୨'ରେ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ବରିଷ୍ଠ ସମ୍ପାଦକ ଦୟାନିଧି ଦାଶଙ୍କ ଠାରୁ ଗିଫ୍ଟର ଅଫିସର ଇନ୍ ଚାର୍ଜ ଇଂ ସମୀର ରଞ୍ଜନ ପଣ୍ଡା ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ସମାରୋହରେ ଗିଫ୍ଟର ଅଧ୍ୟକ୍ଷ ଡ. ସି.ଏଚ୍.ଭି.ଏସ୍.ପରମେଶ୍ୱର ରାଓ,ଗିଫ୍ଟର ଭାଇସ୍ ଚେୟାରମ୍ୟାନ ଡ. ପତିତପାବନ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ।






ଧ-୭୩୮୧୧

## ଉପର ତଳ ହେଉଛି ଏସିଆର ଧନୀ ତାଲିକା

ନୂଆଦିଲ୍ଲୀ,୩।୬

ଗତ କିଛି ମାସ ହେବ ଏସିଆର ଶ୍ରେଷ୍ଠ ଧନୀ ତାଲିକା ଉପର ତଳ ହେଉଛି। ଏପରିକି ଭାରତର ୨ପ୍ରମୁଖ ଶିଳ୍ପଦ୍ୟୋଗୀ ମୁକେଶ ଅମ୍ବାନୀ ଓ ଗୌତମ ଆଦାନୀଙ୍କ ମଧ୍ୟରେ ଧନୀ ତାଲିକାର ଶୀର୍ଷ ସ୍ଥାନ ହାସଲର ପ୍ରତିଯୋଗିତା ଚାଲିଛି। ନିକଟରେ ପ୍ରକାଶିତ ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସର ତାଲିକା ଅନୁଯାୟୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୯୯.୭ ବିଲିୟନ ଡଲାରର ସମ୍ପତ୍ତି ସହ ଏସିଆର ଶ୍ରେଷ୍ଠ ଧନୀ ବ୍ୟକ୍ତି ହୋଇପାରିଛନ୍ତି। ଏପରିକି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ୯୮.୭ ବିଲିୟନ ଡଲାରକୁ ହ୍ରାସ ଘଟିଛି।

# କେନ୍ଦ୍ରୀୟ ବ୍ୟାଙ୍କର ଚିନ୍ତା ବଢ଼ାଉଛି ଡିଜିଟାଲ ମୁଦ୍ରା

ନୂଆଦିଲ୍ଲୀ,୩।୬

କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଡିଜିଟାଲ ମୁଦ୍ରା ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ଭଳି ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ଥିବା କେନ୍ଦ୍ରୀୟ ବ୍ୟାଙ୍କ୍‌ଗୁଡ଼ିକ ପାଇଁ ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। ଏହା ନିକଟରେ ଆର୍‌ବିଆଇ ଭଳି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ମୁଦ୍ରାନୀତି ଏବଂ ଶକ୍ତିକୁ କମ୍ କରିବାର କ୍ଷମତା ରହିଛି। ଏହାଛଡ଼ା ଡିଜିଟାଲ ମୁଦ୍ରା ସୁଧହାର ହ୍ରାସ କରିବାରେ ମଧ୍ୟ ସମ୍ଭାବନା ରହିଛି। ନୂତନ ଫେଡେରାଲ ରିଜର୍ଭ ଏବଂ ଅନ୍ୟାନ୍ୟ ଗବେଷଣା ତଥ୍ୟରୁ ଏହା ଜଣାଯାଇଛି। ନ୍ୟୁୟର୍କର ଏକ ଫେଡ୍ ସିମ୍ପୋଜିୟମ୍ କେନ୍ଦ୍ରୀୟ ବ୍ୟାଙ୍କ୍ ଦ୍ୱାରା କ୍ରିପ୍ଟୋ ମୁଦ୍ରା ଏବଂ ଷ୍ଟେବୁଲ୍ ମୁଦ୍ରାର ଡିଜିଟାଲ କାରବାରରେ ହେଉଥିବା ଅସୁବିଧା ପ୍ରସଙ୍ଗ ସମ୍ପର୍କରେ ପ୍ରକାଶ କରିଛି। ତେବେ ଡିଜିଟାଲ କାରବାର ପ୍ରକ୍ରିୟାରେ କମ୍ ଖର୍ଚ୍ଚ ସହିତ ଶୀଘ୍ର ଏବଂ ସହଜରେ ବ୍ୟାଙ୍କିଂ ସେବା ଉପଲବ୍ଧ ଭଳି ବିଭିନ୍ନ ସୁବିଧା ମଧ୍ୟ ରହିଛି। ତେବେ ଡିଜିଟାଲ କାରବାର ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ସିଷ୍ଟମ୍‌କୁ ଅପ୍‌ଗ୍ରେଡ୍ କରୁଛନ୍ତି। ଏହା ସୁଧ ହାର ଉପରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଭୂମିକାକୁ ନ୍ୟୂନ କରିବା ସମ୍ଭାବନା ରହିଛି। ଏ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ଡିଜିଟାଲ ଡଲାର କିମ୍ବା ୟୁରୋ ନିର୍ମାଣ କରିପାରନ୍ତି। ଏହି ଡିଜିଟାଲ୍ ମୁଦ୍ରା ପାରମ୍ପରିକ ବ୍ୟାଙ୍କ୍ ମୁଦ୍ରାକୁ ମଧ୍ୟ ଏକ୍ସଚେଞ୍ଜ କରିପାରେ। ଏହାଛଡ଼ା ଏହି ଡିଜିଟାଲ୍ ପ୍ରଣାଳୀ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ସଂସ୍ଥାଗୁଡ଼ିକୁ ଅଧିକ ଋଣ ଦେବାକୁ ହେଲେ କିମ୍ବା ସିଷ୍ଟମ୍‌କୁ ସ୍ଥିର ରଖିବା ଉଦ୍ଦେଶ୍ୟରେ ଟ୍ରେଜେରି ବଣ୍ଡରେ ସଂସ୍ଥାଗୁଡ଼ିକର ଜମା ରାଶି ବୃଦ୍ଧି ଉପରେ ଚାପ ପକାଇପାରେ।

## ଇପିଏଫ୍ ସୁଧ ହାରରେ ହ୍ରାସ

ନୂଆଦିଲ୍ଲୀ,୩।୬

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍) ଉପରେ ୮.୧% ସୁଧ ହାର ଅନୁମତି ଦେଇଛନ୍ତି। ଚାରି ଦଶକରୁ ଅଧିକ ମଧ୍ୟରେ ଏହା ସବୁଠାରୁ କମ୍ ଇପିଏଫ୍ ସୁଧ ହାର ଭାବରେ ଗଣାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୫ କୋଟି ଇପିଏଫ୍ ଉପଭୋକ୍ତା ପ୍ରଭାବିତ ହେବେ। ଏହା ପୂର୍ବରୁ ମାର୍ଚ୍ଚରେ ୨୦୨୧-୨୨ ପାଇଁ ଇପିଏଫ୍ ସୁଧ ହାରକୁ କମ୍ କରାଯାଇ ୮.୧% କରାଯିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ରେ ଏହି ହାର ୮.୫% ରହିଥିଲା। ଶୁକ୍ରବାର ଜାରି କରାଯାଇଥିବା ଇପିଏଫ୍‌ଓ ନିର୍ଦ୍ଦେଶ ଅନୁସାରେ ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ବର୍ତ୍ତମାନ ପରିବର୍ତ୍ତିତ ସୁଧ ହାର ଉପରେ ମୋହର ଲଗାଯିବା।

# 'ଦେଶ ଗଠନରେ ସିଏଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




**୨ ଦିନିଆ ଜାତୀୟ ସିଏ ସମ୍ମିଳନୀର ଶୁଭାରମ୍ଭ କଲେ ରାଜ୍ୟପାଳ**

ଭୁବନେଶ୍ୱର,୩।୬

ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟା ପରିଷଦର ପ୍ରଫେସନାଲ ଡେଭଲପମେଣ୍ଟ କମିଟି ଦ୍ୱାରା ଆୟୋଜିତ ଓ କଟକ ଶାଖା ଦ୍ୱାରା ପରିଚାଳିତ ୨ଦିନିଆ ଜାତୀୟ ସିଏ ସମ୍ମିଳନୀ ଶୁକ୍ରବାର ଆରମ୍ଭ ହୋଇଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଦେଶ ଗଠନରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ)ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲିଏହି ଅବସରରେ ରାଜ୍ୟପାଳ ମତ ଦେଇଥିଲେ। ଏଥିସହିତ ଅର୍ଥନୀତିରେ ଅସମାନତା ରହିବା ଅନୁଚିତ ଏବଂ ନୂତନ ପଦ୍ଧତିରେ ଆର୍ଥିକ ପରିଚାଳନା ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ସେହିପରି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଏବଂ ବିଶିଷ୍ଟ ଶିଳ୍ପପତି ମହେନ୍ଦ୍ର ଗୁପ୍ତା ଯୋଗଦେଇଥିଲେ । ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଷଦ ଓ ପୂର୍ବାଞ୍ଚଳ ପରିଷଦର ବରିଷ୍ଠ କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶାଖା ସଭାପତି ରାକେଶ କୁମାର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ପରିଚାଳନା କମିଟି ସଭାପତି ଲଲାଟେନ୍ଦୁ ସାହୁ ଏବଂ ଶାଖା ସମ୍ପାଦକ ରତ୍ନାରଚିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ଆୟକରର ପରିବର୍ତ୍ତିତ ମୁଖବିହୀନ କର ନିର୍ଦ୍ଧାରଣ, ଅଡିଟ୍‌ରେ ନୂତନ ପଦ୍ଧତିର ବିନିଯୋଗ ଏବଂ ନୂତନ ଯାନ୍ତ୍ରିକ, ସୂଚନା ଓ ପ୍ରଯୁକ୍ତିବିଜ୍ଞାନର ବ୍ୟବହାର ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଷଦର ପୂର୍ବତନ ସଭାପତି ସୁବୋଧ ଅଗ୍ରୱାଲ, ରଞ୍ଜିତ ଅଗ୍ରୱାଲ, ଭିସାଲ ଜୋଷୀ, କ୍ରିଷ୍ଣା କହ୍ନେୟା ବାଜୋରିଆ, ରାଜୀବ ଶେଖର ସାହୁ, ଡି.ଭି. ରମଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଯୋଗ ଦେଇଥିଲେ।

## ୧୦% କର୍ମଚାରୀ ଛଟେଇ କରିବ ଟେସ୍‌ଲା

ନୂଆଦିଲ୍ଲୀ,୩।୬

ବିଶ୍ୱର ଶ୍ରେଷ୍ଠ ଧନୀ ତଥା ଇଲେକ୍ଟ୍ରିକ କାର ନିର୍ମାଣ କରୁଥିବା କମ୍ପାନି ଟେସଲା'ର ମାଲିକ ଏଲନ ମସ୍କ ଶୁକ୍ରବାର ଏକ ବଡ଼ ଘୋଷଣା କରିଛନ୍ତି। ଏପରିକି କମ୍ପାନିର ୧୦% କର୍ମଚାରୀ ଛଟେଇ କରିବା ନେଇ ମଧ୍ୟ ଏଲନ ମସ୍କ ଘୋଷଣା କରିଛନ୍ତି। ସେହିଭଳି ବର୍ତ୍ତମାନ ସମସ୍ତ ନୂଆ ନିଯୁକ୍ତି ଉପରେ ମଧ୍ୟ ସେ ରୋକ ଲଗାଇଛନ୍ତି।

**ଫୁର୍‌ସତ୍**



# ଶାହାରୁଖଙ୍କ ଟ୍ରିପଲ୍ ଧମାଲ

**ମୁମ୍ବାଇ:** ଚାରିବର୍ଷ ଧରି ବଡ଼ପରଦାରୁ ଉଭେଇଯାଇଛନ୍ତି ବି. ଟାଉନ୍‌ର କିଙ୍ଗ୍ ଖାନ୍ କୁହାଯାଉଥିବା ଶହାରୁଖ। କିନ୍ତୁ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩ ନାୟକ ଶାହାରୁଖ ପାଇଁ ଗୁଡ୍‌ଲକ୍ ନେଇ ଆସୁଥିବାବେଳେ ପ୍ରେକ୍ଷାଳୟରେ ତାଙ୍କୁ ଦେଖିବାର ସୁଯୋଗ ପାଇବେ ତାଙ୍କ ଫ୍ୟାନ୍ସ। ଆସନ୍ତା ବର୍ଷ ଶାହାରୁଖଙ୍କ ଏକକାଳୀନ ୩ଟି ଫିଲ୍ମ ରିଲିଜ୍ ହେବ।ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଯବାନ'ର ଟିଜର ଶୁକ୍ରବାର ରିଲିଜ୍ ହୋଇଛି। ଟିଜରରେ ଶାହାରୁଖଙ୍କ ଲୁକ୍‌କୁ ଦର୍ଶକେ ଖୁବ୍ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି। ଏହାକୁ ସାଉଥ୍‌ଫିଲ୍ମ ନିର୍ଦ୍ଦେଶକ ଅତଲିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ କରାଯାଇଥିବାବେଳେ ଗୌରୀ ଖାନ୍ ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ଏହା ୨୦୨୩ ଜୁନ୍ ୨ ତାରିଖରେ ମୁକ୍ତିଲାଭ କରିବ। ସେହିପରି ପଠାନ୍ ଏବଂ ଡଙ୍କି ମଧ୍ୟ ଆସନ୍ତା ବର୍ଷ ରିଲିଜ୍ ହେବ। ଫିଲ୍ମ ପଠାନ୍ ଜାନୁୟାରୀ ୨୫ରେ ରିଲିଜ୍ ହେବାକୁ ଥିବାବେଳେ ଡଙ୍କି ଡିସେମ୍ବର ୨୨ରେ ମୁକ୍ତିଲାଭ କରିବ। ଶେଷଥର ପାଇଁ ଶାହାରୁଖ ବଲିଉଡ୍ ଫିଲ୍ମ 'ଜିରୋ'ରେ ଦେଖିବାକୁ ମିଳିଥିଲେ। ଫିଲ୍ମରେ କ୍ୟାଟ୍ରିନା କୈଫଙ୍କ ସହ ଅନୁଷ୍କା ଶର୍ମା ମଧ୍ୟ ଦେଖାଯାଇଥିଲେ। ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହୋଇ ନ ଥିବାବେଳେ ଏହା ୨୦୧୮ରେ ମୁକ୍ତିଲାଭ କରିଥିଲା।

# ଭଗବାନ ଶିବଙ୍କୁ ବାହାହେବା ଜିଦ୍‌ରେ ମହିଳା

ଡେରାଡୁନ



**ଭାରତ-ଚାଇନା ସୀମାରେ ବାସ କରୁଛନ୍ତି**

**ନିଜକୁ ପାର୍ବତୀଙ୍କ ଦ୍ୱିତୀୟ ଅବତାର କହୁଛନ୍ତି**

ସମାଜରେ ଅନେକ ପ୍ରକାର ତପସ୍ୱୀ ଦେଖାଯାଉଛନ୍ତି। କେହି ନିଜକୁ ଭଗବାନ ବିଷ୍ଣୁଙ୍କ ଅବତାର କହୁଥିବାବେଳେ ଆଉ କେହି ନିଜକୁ ଦୁର୍ଗା, ପାର୍ବତୀ, କାଳୀ ଆଦି ଠାକୁରାଣୀଙ୍କ ପୂଜକ ବୋଲି କହୁଥିବାର ଅନେକ ସମୟରେ ଦେଖାଯାଉଛି। ଏଭଳି କାରନାମା ପ୍ରତ୍ୟେକ ଦିନ ଖବରକାଗଜ ତଥା ନ୍ୟୁଜ୍‌ରେ ପରିବେଷଣ ମଧ୍ୟ ଦେଉଛି। । ତେବେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଭାରତ-ଚାଇନା ସୀମାରେ ଥିବା ନଭିଧାଙ୍ଗ ଅଞ୍ଚଳରେ। ଉତ୍ତର ପ୍ରଦେଶର ଅଲୀଗଞ୍ଜର ହରମିନ୍ଦର କୌର, ନିଜକୁ ମାତା ପାର୍ବତୀଙ୍କ ଅବତାର ବୋଲି ଦାବି କରିବା ସହ ସେ ଭଗବାନ ଶିବଙ୍କୁ ବାହା ହେବେ ବୋଲି କରୁଛନ୍ତି। ନଭିଧାଙ୍ଗ ଏକ ପ୍ରତିବନ୍ଧିତ ସ୍ଥାନ, ଏଠାରେ କେହି ବାସ କରୁ ନ ଥିବାବେଳେ ମହିଳା ଜଣଙ୍କ ବେଆଇନ୍ ଭାବେ ସେଠାରେ ଯାଇ ରହୁଛନ୍ତି। ସ୍ୱତନ୍ତ୍ର ପୋଲିସ୍ ଟିମ୍ ସେଠାରୁ ତାଙ୍କୁ ଫେରାଇ ଆଣିବାକୁ ଉଦ୍ୟମ କରିଥିଲେ ହେଁ ହରମିନ୍ଦର ନଭିଧାଙ୍ଗରୁ ଆସିବାକୁ ନାରାଜ। ଯଦି ତାଙ୍କୁ ବଳପୂର୍ବକ ସେଠାରୁ ଅଣାଯାଏ ତେବେ ସେ ଆତ୍ମହତ୍ୟା କରିବେ ବୋଲି ପୋଲିସକୁ ଧମକ୍ ଦେଉଥିବା କାରଣରୁ ପୋଲିସ ତାଙ୍କୁ ଫେରାଇଆଣିବାରେ ସଫଳ ହେଉନାହିଁ। ହରମିନ୍ଦର ଓ ତାଙ୍କ ମା' ସବ୍-ଡିଭିଜ୍‌ନାଲ ମାଜିଷ୍ଟ୍ରେଟ୍‌ଙ୍କଠାରୁ ୧୫ ଦିନଆ ଅନୁମତି ପତ୍ର ନେଇ ଗୁଞ୍ଜି (କୈଳାସ ମନସରୋବର ନିକଟରେ ଏକ ସ୍ଥାନ) ଯାଇଥିଲେ। ମେ ୧୫ ତାରିଖରେ ସେମାନଙ୍କ ଅନୁମତି ପତ୍ରର ଅବଧି ସରିଯାଇଥିଲେ ହେଁ ହରମିନ୍ଦର ନଭିଧାଙ୍ଗ ପଳାଇଥିଲେ ଓ ସେଠାରୁ ଆସିବାକୁ ଅରାଜି ହୋଇଥିଲେ। ପୋଲିସର ସୂଚନାକ୍ରମେ ମହିଳା ଜଣଙ୍କ ମାନସିକ ବିକାରଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ଆଗାମୀ ଦିନରେ ୧୨ ଜଣିଆ ସଦସ୍ୟ ବିଶିଷ୍ଟ ଏକ ଟିମ୍ ନଭିଧାଙ୍ଗ ଯାଇ ସେଠାରୁ ମହିଳାଙ୍କୁ ଧାରଚୁଲାକୁ ଫେରାଇ ଆଣିବାର ଯୋଜନା ପ୍ରସ୍ତୁତ କରିଛି ପୋଲିସ।

# ମୃତ ଘୋଷିତ ମହିଳା ପାଇଲେ ଜୀବନ

ହାଇଦ୍ରାବାଦ

ହାଇଦ୍ରାବଦର ଜହିରାବାଦ୍ ମଣ୍ଡଳର ନରସିମହୁଲୁଙ୍କ ଘର। ମେ'୭ ତାରିଖରେ ନବବିବାହିତା ଝିଅ ଅର୍ଚ୍ଚନା (୨୦)ଙ୍କ ଦେହ ଅସ୍ୱାଭାବିକ ଭାବେ ଖରାପ ହେବା କାରଣରୁ ସେ ଅଚେତ ହୋଇପଡ଼ିଲେ। ଅର୍ଚ୍ଚନାଙ୍କ ସ୍ୱାମୀ ଏହାର ସୂଚନା ନରସିମହୁଲୁଙ୍କୁ ଦେବା ସହ ସ୍ତ୍ରୀଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନେଇଗଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ସନ୍ତୋଷ ଅର୍ଚ୍ଚନାଙ୍କ ପ୍ରାଥମିକ ଚିକିତ୍ସା କଲା ପରେ ତାଙ୍କୁ ମୃତ ଘୋଷଣା କରିଦେଲେ। ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ, ଯାହାଫଳରେ ସେମାନେ ଅର୍ଚ୍ଚନାଙ୍କୁ ନିକଟରେ ଥିବା ଏକ ଘରୋଇ ଡାକ୍ତରଖାନା ନେଇଗଲେ। ସେଠାରେ ଥିବା ଡାକ୍ତର ଅର୍ଚ୍ଚନା ଜୀବିତ ଥିବା କହିଥିଲେ। କିଛି ଦିନ ଧରି ସେଠାରେ ତାଙ୍କର ଚିକିତ୍ସା କରିବା ପରେ ମେ' ୨୨ରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଯେତେବେଳେ ଅଚେତ ଅବସ୍ଥାରେ ଅର୍ଚ୍ଚନାଙ୍କୁ ଡାକ୍ତରଖାନା ଅଣାଯାଇଥିଲା ସେତେବେଳେ ଦାୟିତ୍ୱରେ ଥିବା ଡାକ୍ତର ସନୋଷ ତାଙ୍କର ଇସିଜି କରିଥିଲେ। ପ୍ରଥମ ରିପୋର୍ଟରେ ପଲ୍ସ ସିଙ୍ଗିଲ୍ ଲାଇନ୍‌ରେ ଆସିବା ଦେଖି ଡାକ୍ତର ରୋଗୀଙ୍କୁ ମୃତ ବୋଲି କହିଥିଲେ। କିନ୍ତୁ ଦ୍ୱିତୀୟ ରିପୋର୍ଟରେ ପଲ୍ସ ଦେଖାଯାଇଥିଲା। ସେଥିପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ଅର୍ଚ୍ଚନାଙ୍କୁ ଘରୋଇ ଡାକ୍ତରଖାନା ନେବାପାଇଁ ପରାମର୍ଶ ଦିଆଯାଇଥିବା ସରକାରୀ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡା. ସେଶୁ ପଦ୍ମନାଭ ରାଓ କହିଛନ୍ତି।

# ମୃତ୍ୟୁ ଭୟ କମ୍ କରିବ କଫି

**ନୂଆଦିଲ୍ଲୀ:** ଦୁନିଆରେ ଚା' ପ୍ରେମୀଙ୍କ ପରି କଫି ପ୍ରେମୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଖାଦ୍ୟ ହୁଏତ ଖାଇବା ଭୁଲିଯାନ୍ତି କିନ୍ତୁ କଫି ନୁହେଁ। ତେବେ ଏହି କଫି ଶରୀର ପାଇଁ କେତେ ଉପଯୋଗୀ ସେ ବିଷୟରେ ଧାରଣା ରହିବା ଆବଶ୍ୟକ। ବ୍ରିଟିଶ୍ କଫି ଆସୋସିଏଶନ୍ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ବ୍ରିଟେନ୍‌ରେ ପ୍ରତ୍ୟେକ ଦିନ ୯୮ ମିଲିୟନ୍ କପ୍ କଫି ଲୋକ ପିଇଥାନ୍ତି । କଫି ପିଇବା ଦ୍ୱାରା ଶରୀର ଉପରେ ସକାରାତ୍ମକ ପ୍ରଭାବ ପଡୁଥିବା ପୂର୍ବ ଦିନମାନଙ୍କରେ କରାଯାଇଥିବା ଅଧ୍ୟୟନରୁ ଜାଣିବାକୁ ମିଳିଛି। ମାନସିକ ସ୍ଥିତିର ସ୍ଥିରତା ପାଇଁ ମଧ୍ୟ କଫି ଉପଯୋଗୀ ବୋଲି କୁହାଯାଏ। ୟୁକେର ଆନାଲ୍ସ ଅଫ୍ ଇଣ୍ଟରନାଲ୍ ମେଡିସିନ୍ ପକ୍ଷରୁ କରାଯାଇଥିବା ଅଧ୍ୟୟନ ଅନୁସାରେ କଫି ପିଉଥିବା ଲୋକଙ୍କ କ୍ଷେତ୍ରରେ କମ୍ ମୃତ୍ୟୁ ଭୟ ରହିଥାଏ। ପାଖାପାଖି ୧,୭୧,୦୦୦ ଲୋକଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା। ୨୦୦୬ରୁ ପ୍ରାୟ ୫ ଲକ୍ଷ ଲୋକଙ୍କ କଫି ପିଇବା ଅଭ୍ୟାସ ଏବଂ ସେମାନଙ୍କ



ଜୀବନ ଶୈଳୀକୁ ନେଇ ଏହି ଅଧ୍ୟୟନ କରାଯାଇଛି। ଯେଉଁ ବ୍ୟକ୍ତିମାନେ ପ୍ରତ୍ୟେକ ଦିନ ୨.୫ରୁ ୪.୫ କପ୍ କଫି ପିଇଥାନ୍ତି ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଭୟ ୨୯ ପ୍ରତିଶତ କମିଥିବା ଅଧ୍ୟୟନ ରିପୋର୍ଟରେ କୁହାଯାଉଛି। ଯେଉଁମାନେ ବିନା ଚିନିରେ ତଥା ବ୍ଲକ୍ କଫି କିମ୍ବା ଟ୍ରେଙ୍ଗ୍ କଫି ପିଉଛନ୍ତି ସେମାନଙ୍କ ପାଇଁ କଫି ଲାଭପ୍ରଦ ସାବ୍ୟସ୍ତ ହେଉଥିବାବେଳେ ଚିନି ସହ କଫି ପିଉଥିବା ଲୋକଙ୍କୁ ଏହି ଅଧ୍ୟୟନରେ ସାମିଲ କରାଯାଇ ନାହିଁ। କଫି ପିଉ ନ ଥିବା ଲୋକଙ୍କ ତୁଳନାରେ କଫି ପିଉଥିବା ଲୋକ ଅଧିକ ସୁସ୍ଥ। ତେବେ କଫି ପିଅନ୍ତୁ କି ଚା ବିନା ଚିନିରେ ଏହାର ସେବନ ଦେହ ପାଇଁ ସବୁବେଳେ ଲାଭଦାୟକ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି।

# ଗଳାରେ ସାପମାଳ ପିନ୍ଧାଇ ବାହାଘର

**ମୁମ୍ବାଇ:** ସାପ ନାଁ ଶୁଣିକରି ଅନେକ ଲୋକ ଡରିଯାନ୍ତି। କିନ୍ତୁ ସାପକୁ ନେଇ ଦୁଇ ମଣିଷ ଏକାଠି ହେବାର ପରମ୍ପରା ଦେଖିବାକୁ ମିଳିଛି ମହାରାଷ୍ଟ୍ରର ବିଡ ଜିଲାରେ। ଲୋକେ ବାହାଘରରେ ଫୁଲମାଳ ଦେଇ ବାହା ହେଉଥିବାବେଳେ ବିଡ଼ରେ ବର ଏବଂ କନିଆଁ ସାପ ପିନ୍ଧାଇ ବାହା ହେଉଛନ୍ତି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ନବ ଦମ୍ପତି ଧଳା ରଙ୍ଗର ପୋଷାକ ପରିଧାନ କରିଛନ୍ତି। ପ୍ରଥମେ କନିଆ ବରଙ୍କ ଗଳାରେ ଏକ ସାପକୁ କିଛି ସମୟ ପାଇଁ ରଖୁଥିବାବେଳେ ସମାନ ଭାବେ ବର ଜଣଙ୍କ କନିଆଙ୍କ ଗଳାରେ ଏକ ବିରାଟ ଅଜଗର ସାପ ପକାଉଥିବାର ଭିଡିଓରେ ଦେଖିବାକୁ ମିଳିଛି।



**ବାକୁ ଶୁଟିଂ ବିଶ୍ୱକପ୍**

# ଅଞ୍ଜୁମ୍‌ଙ୍କୁ ରୌପ୍ୟ ପଦକ



**ନୂଆଦିଲ୍ଲୀ, ୩।୬ (ପି.ଟି.):** ଅଭିଜ୍ଞ ଭାରତୀୟ ଶୁଟର ଅଞ୍ଜୁମ ମୋଦ୍‌ଗିଲ ଆଜରବୈଜାନର ବାକୁଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଏଥି ସହିତ ଭାରତ ପଦକ ତାଲିକାରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସ୍ୱର୍ଣ୍ଣ ପଦକ ମ୍ୟାଚରେ ଅଞ୍ଜୁମ ୧୨-୧୬ରେ ଡେନମାର୍କର ରିକି ମେଙ୍ଗ୍ ଇବ୍‌ସେନଙ୍କଠାରୁ ହାରିଯାଇଥିଲେ। ଇଭେଣ୍ଟରେ ଅଞ୍ଜୁମଙ୍କର ଏହା ହେଉଛି ଦ୍ୱିତୀୟ ବ୍ୟକ୍ତିଗତ ବିଶ୍ୱକପ୍ ରୌପ୍ୟ। ପୁରୁଷ ୩ପି ତ୍ରୟ ସ୍ୱପ୍ନିଲ, ଦୀପକ କୁମାର ଓ ଗୋଲ୍‌ଡି ଗୁରଜାର ଟିମ୍ ପ୍ରତିଯୋଗିତାରେ ମଧ୍ୟ ଏକ ରୌପ୍ୟ ଜିତିଛନ୍ତି। ସେମାନେ କ୍ରୋଏସିଆ ଟିମ୍‌ଠାରୁ ୭-୧୭ରେ ପରାସ୍ତ ହୋଇଛନ୍ତି। ୟୁକ୍ରେନକୁ ବ୍ରୋଞ୍ଜ ପଦକ ମିଳିଛି। ଟୁର୍ନାମେଣ୍ଟରେ ଭାରତ ବର୍ତ୍ତମାନ ସୁଦ୍ଧା ଏକ ସ୍ୱର୍ଣ୍ଣ, ତିନି ରୌପ୍ୟ ସହ କୋରିଆ ଓ ସର୍ବିୟା ପଛକୁ ତୃତୀୟ ସ୍ଥାନରେ ରହିଛି।

# ବିଜୟ ସହ ଭାରତର ଅଭିଯାନ

**ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବାସ୍କେଟବଲ ଫେଡେରେଶନ (ଏଫ୍‌ଆଇବିଏ)ର ୧୮ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଭାରତ ବିଜୟ ସହ ଅଭିଯାନ

**୧୮ ବର୍ଷରୁ କମ୍ ଏସିଆନ ବାସ୍କେଟବଲ**

ଆରମ୍ଭ କରିଛି। ସାଉଥ୍ ଏସିଆନ ବାସ୍କେଟବଲ ଆସୋସିଏଶନ (ଏସ୍‌ଏବିଏ) କ୍ୱାଲିଫାୟର ଭାବେ ବିବେଚିତ ହେଉଥିବା ପ୍ରତିଯୋଗିତାରେ ଭାରତ ଏହାର ପ୍ରଥମ ମ୍ୟାଚରେ ମାଳଦ୍ୱୀପକୁ ବୃହତ୍ ୧୫୪-୩୨ ପଏଣ୍ଟ ବ୍ୟବଧାନରେ ହରାଇ ଦେଇଛି। ୩ ଦଳ ବିଶିଷ୍ଟ ପ୍ରତିଯୋଗିତାରେ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ହାରିଥିବାରୁ ମାଳଦ୍ୱୀପ ବିଦାୟ ନେଇଛି। ଭାରତ ଏହାର ଦ୍ୱିତୀୟ ମ୍ୟାଚ ଶନିବାର ବାଂଲାଦେଶ ବିପକ୍ଷରେ ଖେଳିବ। ଏହାପରେ ପ୍ରତିଯୋଗିତାର ବିଜେତା ନିର୍ଣ୍ଣୟ ହେବ। ଏଫ୍‌ଆଇବିଏ ଏସିଆ କପ୍ ଇରାନର ତେହେରାନଠାରେ ଆସନ୍ତା ଅଗଷ୍ଟରେ ଅନୁଷ୍ଠିତ ହେବ।



ଭାରତ ଓ ମାଳଦ୍ୱୀପ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭାରତୀୟ କୋଚ୍ ଭେସେଲିନ ମାଟିକ୍ ଓ ମୋହିତ ଭଣ୍ଡାରୀ ମ୍ୟାଚ ପୂର୍ବରୁ ଦୃଢ଼ ଆତ୍ମବିଶ୍ୱାସ ପୋଷଣ କରିଥିଲେ। ମ୍ୟାଚ ବେଳେ ଖେଳାଳିମାନେ ସେମାନଙ୍କୁ ନିରାଶ କରି ନ ଥିଲେ। ଭାରତୀୟ ବାସ୍କେଟବଲର ଭବିଷ୍ୟତ ବିବେଚିତ ହେଉଥିବା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଫଳରେ ମାଳଦ୍ୱୀପ ପ୍ରଥମ କ୍ୱାର୍ଟରରେ ଆଦୌ ସ୍କୋର କରିବାର ସୁଯୋଗ ପାଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରର ୩ୟ ମିନିଟରେ ଯାଇ ସେମାନେ ସ୍କୋରିଂ ସୁଯୋଗ ପାଇଥିଲେ। ଅଧିନାୟକ ହର୍ଷ ଡାଗର ଅଗ୍ରଭାଗରେ ଶୁଟିଂ ଗାର୍ଡଭାବେ ନେତୃତ୍ୱ ନେଇଥିବାବେଳେ ସେଣ୍ଟର ପ୍ଲେୟର ଜିତେନ୍ଦ୍ର କୁମାର ଶର୍ମା ଓ ପାୱାର ଫରୱାର୍ଡ ଲୋକେନ୍ଦ୍ର ସିଂ ସ୍କୋର କରିବାରେ ବ୍ୟସ୍ତ ରହିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଭାରତ ୩୩-୦ରେ ଅଗ୍ରଣୀଲାଭ କରିଥିଲା। ମାଳଦ୍ୱୀପ ଅସହାୟ ମନେ ହୋଇଥିବାବେଳେ ଭାରତୀୟ ଖେଳାଳିମାନେ ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସ୍କୋର କରିବା ଧାରା ଜାରି ରଖିଥିଲେ। ଏହି ପର୍ଯ୍ୟାୟରେ ୩୯ ପଏଣ୍ଟ ସ୍କୋର କରିବା ସହିତ ଭାରତ ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଅଗ୍ରଣୀ ବ୍ୟବଧାନକୁ ୭୨-୧୦ରେ ପହଞ୍ଚାଇଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତୀୟ ଖେଳାଳିଙ୍କୁ ରୋକିବାରେ ମାଳଦ୍ୱୀପ ଖେଳାଳି ଅସମର୍ଥ ହୋଇଥିଲେ। ଉଦିତ ରଭିଶ୍, ଜୟଦୀପ ରାଠୋର, ଶ୍ରେୟାଂଶୁ ରାଜ ସିଂ, ଲାଭିଶ୍ ଓ ଜନ୍ମେଜୟ ସିଂ ସ୍କୋରିଂ ତାଲିକାରେ ସାମିଲ ହୋଇ ଅନ୍ତିମ କ୍ୱାର୍ଟର ଆରମ୍ଭ ହେବା ପୂର୍ବରୁ ଭାରତକୁ ୧୧୬-୧୫ ପଏଣ୍ଟରେ ଅଗ୍ରଣୀ କରାଇଥିଲେ। ଅନ୍ତିମ କ୍ୱାର୍ଟରରେ ମଧ୍ୟ ଭାରତୀୟ ଦଳର ପ୍ରାଧାନ୍ୟ ଅବ୍ୟାହତ ରହିଥିଲା। ଭାରତ ପକ୍ଷରୁ ଲୋକେନ୍ଦ୍ର ସିଂ ୨୨, କୁଶାଲ ସିଂ ୨୪, ଜୟଦୀପ ରାଠୋର ୨୮, ହର୍ଷ ଡାଗର ୧୨, ଉଦିତ ରଭିଶ୍ ୧୨, ଶ୍ରେୟାଂଶୁ ସିଂ ୧୭ ଓ ଜନ୍ମେଜୟ ସିଂ ୧୦ ପଏଣ୍ଟ ସ୍କୋର କରିଥିଲେ। ମାଳଦ୍ୱୀପର ଅହମଦ ରଭ୍ୟାନ ଇବ୍ରାହିମ୍ ୧୩ ଓ ଅହମଦ ଲାଇଲ ଶିଫାନ ୯ ପଏଣ୍ଟ କରିବାରେ ସକ୍ଷମ ହୋଇଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚରେ ମଧ୍ୟ ଭାରତକୁ ଫେଭରାଇଟ ବିବେଚନା କରାଯାଉଛି। ଫଳରେ ଏସିଆର ଶୀର୍ଷ ୧୬ ଦଳ ମଧ୍ୟରେ ସ୍ଥାନ ପାଇ ଭାରତ ଆଗାମୀ ଏସିଆନ ପ୍ରତିଯୋଗିତା ଖେଳିବା ଆଶା କରାଯାଉଛି।

## ସ୍ପିନରଙ୍କ ଉପରେ ନଜର

**ନୂଆଦିଲ୍ଲୀ, ୩।୬ (ପି.ଟି.):** ଭାରତ ଭ୍ରମଣରେ ଆସିଥିବା ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ସମସ୍ତ ସଦସ୍ୟ କୋଭିଡ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଳର ପ୍ରଥମ ସେସନ ଏଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ସ୍ପିନ ଯୋଡ଼ି ଟାବ୍ରେଜ୍ ଶାମ୍‌ସି ଓ କେଶବ ମହାରାଜ ବୋଲିଂ କରୁଥିବା ବେଳେ କ୍ୱିଣ୍ଟନ ଡି'କକ୍ ତା' ଉପରେ ନଜର ରଖିଥିବା ଦେଖିବାକୁ ମିଳିଥିଲା। ପ୍ରାକ୍ଟିସ ସେସନରେ ଶାମ୍‌ସି, ମହାରାଜ ଏବଂ ପରେ ଏଡେନ୍ ମାରାକ୍ରାମ ବିଶେଷ କରି 'ସ୍ୱଟ୍ ବୋଲିଂ'ରେ ଅଧିକ ସମୟ ବିନିଯୋଗ କରିଥିଲେ। ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଏହି ୩ଜଣ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ସିଏସ୍‌କେ ଅଲରାଉଣ୍ଡର ଡ୍ୱେନ ପ୍ରିଟୋରିଅସ୍ ମଧ୍ୟ ନେଟ୍ସରେ ଅଭ୍ୟାସ କରିଥିଲେ। ମୁଖ୍ୟ କୋଚ୍ ମାର୍କ ବାଉଚରଙ୍କ ତତ୍ତ୍ୱାବଧାନରେ ୱେନ ପାର୍ନେଲ ଓ ରସି ଭାନ୍ ଡର ଡସେନ ଅଭ୍ୟାସ କରିଥିଲେ। ବାଉଚରଙ୍କଠାରୁ ମାର୍କୋ ଜେନସେନ୍ ବ୍ୟାଟିଂ ଟିପ୍ସ ନେଇଥିଲେ। ଦକ୍ଷିଣ ଆଫ୍ରିକାର ଆଇପିଏଲ୍ ଷ୍ଟାର ଡେଭିଡ ମିଲର ବର୍ତ୍ତମାନ ମାଳଦ୍ୱୀପରେ ଛୁଟି କଟାଉଛନ୍ତି। ସେ ଖୁବ୍ ଶୀଘ୍ର ଆସି ଦଳରେ ଯୋଗ ଦେବେ।

# ଆରାଧ୍ୟାଙ୍କୁ ଡବଲ୍ସ ଟାଇଟଲ



ଟ୍ରଫି ସହ ଆରାଧ୍ୟା ବର୍ମା।

**ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଆରାଧ୍ୟା ବର୍ମା ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ଏସିଆନ ଟେନିସ ଫେଡେରେଶନ ଟେନିସ ଟୁର୍ନାମେଣ୍ଟର ଡବଲ୍ସରେ ଚାମ୍ପିୟନ ଏବଂ ସିଙ୍ଗଲ୍ସରେ ରନର୍ସଅପ୍ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଡବଲ୍ସରେ ଗୁଜରାଟର ଶାଇଭି ଦଲ୍ଲାଙ୍କୁ ସେ ସାଥିକରି ଖେଳିଥିଲେ। ଫାଇନାଲରେ ଆରାଧ୍ୟା-ଶାଇଭି ଓଡ଼ିଶାର ଆହାନ ଓ ଉତ୍ତର ପ୍ରଦେଶର ନନ୍ଦିନୀଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ମାତ୍ର ସିଙ୍ଗଲ୍ସ ଫାଇନାଲରେ ସେ ଜୟା କପୁରଙ୍କଠାରୁ ୩-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ଆରାଧ୍ୟା ଓଡ଼ିଶାର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପଟିଆସ୍ଥିତ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।

# ପେନ୍‌ଚାକ୍ ସିଲାଟ ଇନ୍‌ଷ୍ଟ୍ରକ୍ଟର ଟ୍ରେନିଂ କ୍ୟାମ୍ପ ଆରମ୍ଭ



ପେନ୍‌ଚାକ୍ ସିଲାଟ ଟ୍ରେନିଂ କ୍ୟାମ୍ପରେ ଭାଗ ନେଇଥିବା କୋଚ୍ ଓ ଅନ୍ୟମାନେ।

**ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟସ୍ତରୀୟ ପେନ୍‌ଚାକ୍ ସିଲାଟ ଇନ୍‌ଷ୍ଟ୍ରକ୍ଟର ଟ୍ରେନିଂ କ୍ୟାମ୍ପ ଶୁକ୍ରବାର ସରବାହାଲଠାରେ ଆରମ୍ଭ ହୋଇଛି। ଓଡ଼ିଶା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ଅରବିନ୍ଦ ବାରିକ, ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ପ୍ରେମ୍ ସିଂ ଥାପା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିବିରରେ ରାଜ୍ୟର ୧୫ ଜିଲାରୁ ପ୍ରଶିକ୍ଷକମାନେ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କୁ ଅନ୍ତର୍ଜାତୀୟ ମେଡାଲିଷ୍ଟ, ରେଫରି ଓ ଜାତୀୟ କୋଚ୍ ପ୍ରେମ୍ ସିଂ ଥାପା ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଶିକ୍ଷଣ ନେବା ପରେ ପ୍ରଶିକ୍ଷକମାନେ ନିଜ ନିଜ ଜିଲାକୁ ଯାଇ ପ୍ରତିଯୋଗୀମାନଙ୍କୁ ତାଲିମ ଦେବେ। ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣି କିପରି ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ଆଣିବେ ସେହି ଲକ୍ଷ୍ୟରେ ଏହି କ୍ୟାମ୍ପ ଆୟୋଜନ କରାଯାଇଥିବା ସମ୍ପାଦକ ପ୍ରେମ୍ ସିଂ ଥାପା ପ୍ରକାଶ କରିଛନ୍ତି।

# ବିପ୍ନେଶ ଭରଦ୍ୱାଜ ଏଆଇସିଏଫ୍‌ର କାମଚଳା ସମ୍ପାଦକ

**ଚେନ୍ନାଇ, ୩।୬ (ପି.ଟି.):** ବିପ୍ନେଶ ଭରଦ୍ୱାଜ ଶୁକ୍ରବାର ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର କାମଚଳା ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ଏହି ପଦବୀରେ ଥିବା ଭରତ ସିଂ ଚୌହାନଙ୍କ ନିର୍ବାଚନ ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ରହିତାଦେଶ ପରେ ଫେଡେରେଶନର ସଭାପତି ଏହି ନିଯୁକ୍ତି ଦେଇଛନ୍ତି। ଖବର ଅନୁସାରେ ଭରଦ୍ୱାଜ ହେଉଛନ୍ତି ଏଆଇସିଏଫ୍‌ର ଉପସଭାପତି। ଆଇନ ଅନୁସାରେ ସେ କାମଚଳା ସମ୍ପାଦକ ହୋଇଛନ୍ତି। ଏଆଇସିଏଫ୍‌ର ବାଇ-ଲ ଅନୁସାରେ ଇସ୍ତଫା, ମୃତ୍ୟୁ ଅବା ଅନ୍ୟ କୌଣସି କାରଣରୁ ଯଦି ଫେଡେରେଶନର କୌଣସି କୌଣସି ପଦବୀ ଖାଲିପଡ଼େ ତେବେ ସେ କ୍ଷେତ୍ରରେ ସଭାପତିଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ନିଯୁକ୍ତି ପାଇଥାନ୍ତି। ତାଙ୍କ କାର୍ଯ୍ୟକାଳ ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ (ଜିବିଏମ୍) ପର୍ଯ୍ୟନ୍ତ ରହିଥାଏ।

# ନାଡାଲ ଫାଇନାଲରେ



ରାଫାଲ ନାଡାଲ

**ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

**ପ୍ୟାରିସ, ୩।୬:** କ୍ଲେ କୋର୍ଟର ରାଜା ରାଫାଲ ନାଡାଲ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ହେଉଛି ତାଙ୍କର ୩୦ତମ ଗ୍ରାଣ୍ଡସ୍ଲାମ ଫାଇନାଲ। ପୂର୍ବ ୨୯ଟି ମଧ୍ୟରୁ ସେ ୨୧ଟିରେ ବିଜୟ ହାସଲ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ନାଡାଲ ୭-୬ (୧୦-୮), ୬-୬ରେ ଅଗ୍ରଣୀ ରହିଥିବା ବେଳେ ବିପକ୍ଷ ଖେଳାଳି ଆଲେକଜାଣ୍ଡର ଜେଭେରେଭ ଆଘାତପ୍ରାପ୍ତ ହୋଇଥିଲେ। ଜେଭରେଭ ତଳେ ପଡ଼ିଯିବା ପରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହୁଇଲ ଚେୟାରରେ କୋର୍ଟ ବାହାରକୁ ନିଆଯାଇଥିଲା। ପରେ ଆଶା ବାଡ଼ି ସହାୟତାରେ ଫେରିଥିଲେ ଓ ନାଡାଲଙ୍କ ସହ କରମର୍ଦ୍ଦନ କରିଥିଲେ। ସେ ମ୍ୟାଚରୁ ଓହରିଯିବାରୁ ନାଡାଲଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସ୍ପାନିଶ ଟେନିସ ଷ୍ଟାର ଫାଇନାଲରେ କାସ୍ପର ରୁଡ୍ କିମ୍ବା ମାରିନ୍ ସିଲିକ୍‌ଙ୍କୁ ଭେଟିବେ।

## ଗଫ୍‌ଙ୍କ ଲାଗି ଡବଲ ସୁଯୋଗ

ଆମେରିକାର ସ୍ୱଳ୍ପ ବୟସ୍କା ଟେନିସ ଖେଳାଳି କୋକୋ ଗଫ୍‌ଙ୍କ ଲାଗି ଦୁଇଟି ଟ୍ରଫି ଜିତିବା ସୁଯୋଗ ସୃଷ୍ଟି ହୋଇଛି। ପ୍ରଥମେ ମହିଳା ସିଙ୍ଗଲ୍ସ ଏବଂ ପରେ ଶୁକ୍ରବାର ସେ ନିଜ ଦେଶର ପାର୍ଟନର ଜେସିକା ପେଗୁଲାଙ୍କ ସହ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ଆମେରିକାର ଅନ୍ୟ ଏକ ଯୋଡ଼ି ମାଡିସନ କିଜ୍ ଓ ଟେଲର ଟାଉନ୍‌ସେଣ୍ଡଙ୍କୁ ୬-୪, ୭-୬ (୭-୪) ସେଟ୍‌ରେ ହରାଇ ଦେଇଛନ୍ତି। ୧୮ ବର୍ଷୀୟା ଗଫ୍‌ଙ୍କ ଲାଗି ଏହା ହେଉଛି ପ୍ରଥମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଫାଇନାଲ। ୨୦୨୧ରେ ସେ ୟୁଏସ୍ ଓପନ ଡବଲ୍ସ ଫାଇନାଲରେ ରନର୍ସ ଅପ୍ ହୋଇଥିଲେ। ୨୦୦୦ ପରେ ଗତବର୍ଷ ଚେକ୍ ରିପବ୍ଲିକର ବାରବୋରା କ୍ରେଜିକୋଭା ପ୍ରଥମ ମହିଳା ଭାବେ ରୋଲାଣ୍ଡ ଗ୍ୟାରୋସଠାରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ଜିତିଥିଲେ। ମୋଟ ଉପରେ ଏହା ହେଉଛି ୭ମ ଦୃଷ୍ଟାନ୍ତ। ଗଫ୍ ଓ ପେଗୁଲା ବର୍ତ୍ତମାନ ଫ୍ରେଞ୍ଚ ଯୋଡ଼ି କାରୋଲିନ୍ ଗାର୍ସିଆ ଓ କ୍ରିଷ୍ଟିନା ମ୍ଲାଡେନୋଭିକ୍‌ଙ୍କୁ ଭେଟିବେ। ଏହିଯୋଡ଼ି ୟୁକ୍ରେନର ଲ୍ୟୁଦମିଲା କିଚେନୋକ୍ ଓ ଲାଟିଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ୨-୬, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଶନିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ଗଫ୍ ପୋଲାଣ୍ଡର ଇଭା ସ୍ୱିଟେକ୍‌ଙ୍କୁ ଭେଟିବେ।

# ଖେଳାଳି ଚୟନ ପ୍ରକ୍ରିୟା ୫ରେ

**ଭୁବନେଶ୍ୱର, ୩।୬ (ସ୍ପୋର୍ଟ୍ସ ବ୍ୟୁରୋ):** ସର୍ବଭାରତୀୟ ବେସାମରିକ ଭଲିବଲ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ପ୍ରକ୍ରିୟା ରବିବାର ସକାଳ ୮ଟା ୩୦ରେ ହେବ। ସ୍ଥାନୀୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିକଟସ୍ଥ ଖେଳ ପଡ଼ିଆରେ ଏହା ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା ବ୍ୟକ୍ତିମାନେ ଭାଗ ନେଇପାରିବେ। ଯେଉଁମାନେ ଭାଗ ନେବାକୁ ଚାହାନ୍ତି ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ସାଇଜର ଫଟୋ ଏବଂ ନିଜର ବିଭାଗ/ଅଫିସରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ସାଙ୍ଗରେ ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଅଧିକ ବିବରଣୀ ପାଇଁ ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ ଓ କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟିଙ୍କ ସହ ଯୋଗାଯୋଗ କରିବା ଲାଗି କୁହାଯାଇଛି। ସୂଚନାଯୋଗ୍ୟ, ସର୍ବଭାରତୀୟ ବେସାମରିକ ପ୍ରତିଯୋଗିତା ଆସନ୍ତା ୨୪ରୁ ୨୮ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବ।

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଆଜିଠାରୁ

**ଚଣ୍ଡିଗଡ଼, ୩।୬ (ପି.ଟି.):** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶନିବାର ପଞ୍ଚକୁଲାଠାରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୧ର ଶୁଭାରମ୍ଭ କରିବେ। ଏହା ଜୁନ୍ ୧୩ ପର୍ଯ୍ୟନ୍ତ ଚାଲିବ। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪ର୍ଥ ସଂସ୍କରଣରେ ସମଗ୍ର ଦେଶରୁ ପ୍ରାୟ ୮,୫୦୦ ଖେଳାଳି, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ ବୋଲି ହରିୟାଣା ସରକାରଙ୍କ ତରଫରୁ ପ୍ରକାଶ କରାଯାଇଛି। ଖେଳାଳିମାନେ ମୋଟ ୧,୮୬୬ ପଦକ ପାଇଁ ପ୍ରତିଯୋଗିତାରେ ଭାଗ ନେବେ।




# ଓଡ଼ିଶା ରନର୍ସ ଅପ୍

**ଭୁବନେଶ୍ୱର, ୩।୬(ସ୍ପୋର୍ଟ୍ସ ବ୍ୟୁରୋ):** ଟେନିସ କ୍ରିକେଟ ଖେଳର ଜାତୀୟ ଚାମ୍ପିୟନଶିପ୍ ଫେଡେରେଶନ କପ୍‌ର ୪ର୍ଥ ସଂସ୍କରଣ ଜଟଣୀସ୍ଥିତ ସେଞ୍ଚୁରିଆନ ୟୁନିଭର୍ସିଟି ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ରାଜ୍ୟର ଦଳ ଅଂଶଗ୍ରହଣ କରିଥିଲେ। ଗ୍ରୁପ୍ ପର୍ଯ୍ୟାୟରୁ

**ଜାତୀୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍**

ଓଡ଼ିଶା, ମହାରାଷ୍ଟ୍ର, ବେଙ୍ଗଲ ଓ ମଧ୍ୟପ୍ରଦେଶ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେଥିରୁ ଓଡ଼ିଶା ଓ ବେଙ୍ଗଲ ଫାଇନାଲକୁ ଉନ୍ନୀତ ହୋଇଥିଲେ। ବେଙ୍ଗଲ ୧୮ରନରେ ଓଡ଼ିଶା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଓଡ଼ିଶା ଦଳର ଜଗତ ଭୋଇ ପ୍ଲେୟର ଅଫ୍ ଦି ଫାଇନାଲ ଏବଂ ଆଦିତ୍ୟ ବାସା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଫେଡେରେଶନ କପ୍ ପ୍ରଦାନ କରିବା ସହ ଅନ୍ୟ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରିୟଦର୍ଶୀ ନିଜେ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନର ଉପଦେଷ୍ଟା ଅଛନ୍ତି। ଏହି ଅବସରରେ ଜାତୀୟ ଟେନିସ କ୍ରିକେଟ ଆସୋସିଏଶନର ସଭାପତି କହ୍ନେୟା ଗୁଜର ଓ ସମ୍ପାଦକ ରିଣ୍ଟୁ ମିତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ନଭେମ୍ବର ୧୦ରୁ କାମ୍ବୋଡ଼ିଆରେ ଅନ୍ତର୍ଜାତୀୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା।

# ପାରାମାଉଣ୍ଟ ଷ୍ଟ୍ରାଇକର୍ସର ବୃହତ୍ ବିଜୟ

**ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାରାମାଉଣ୍ଟ ଷ୍ଟ୍ରାଇକର୍ସ ବୃହତ୍ ବିଜୟ ହାସଲ କରିଛି। ଏହି ଦଳ ଓସ୍କାର ସ୍ପୋର୍ଟିଂକୁ ୨୦୭ ରନରେ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ସିଦ୍ଧାର୍ଥ ଶଙ୍କର ବେହେରାଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୨୭୦ ରନ କରିଥିଲା। ସିଦ୍ଧାର୍ଥ

**ପାରାମାଉଣ୍ଟ ପ୍ରିମିୟର ଲିଗ୍**



ସିଦ୍ଧାର୍ଥ ଶଙ୍କର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଶଙ୍କର ୧୧୦, ସ୍ୱାଗତ ମିଶ୍ର ୪୯ ଓ ବିଦ୍ୟାଧର ବେହେରା ୪୧ ରନ କରିଥିଲେ। ୨୭୧ ରନ ବିଜୟ ଲକ୍ଷ୍ୟର ପିଛାକରି ଓସ୍କାର ୨୫.୫ ଓଭରରେ ୬୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଭିନବ ପାଣି(୧୭ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ପ୍ରତ୍ୟୁଷ ସାହୁ ୪ଟି, ଦୁର୍ଗା ପ୍ରସାଦ ମଲିକ ୩ଟି ଏବଂ ଅଙ୍କିତ ମହାନ୍ତି ୨ଟି ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ସିଦ୍ଧାର୍ଥ ଶଙ୍କର ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ତୁଫେଲ ଅହମଦ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଜୁନ୍ ୪/୨୦୨୨ (୮+୮=୧୬ ପୃଷ୍ଠା) | Dhenkanal, Saturday, June 4/2022 | Page 16 | ପୃଷ୍ଠା-୧




**୧ ଟଙ୍କା ବି ନେଇନି: ରିଙ୍କି ଭୂୟାଁଶର୍ମା**

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ପିପିଇ କିଟ୍ସ ଦୁର୍ନୀତି ଅଭିଯୋଗ ଆସିଥିବାବେଳେ ତାଙ୍କ ସ୍ତ୍ରୀ ରିଙ୍କି ଭୂୟାଁଶର୍ମା ୧ଟଙ୍କା ବି ନେଇ ନ ଥିବା କହିଛନ୍ତି।

୦୮

୦୨

**ବଡ଼ ପରଦାରେ ଦୀପିକା**

‘ଦିଆ ଔର ବାତୀ ହମ୍’ ସିରିଏଲ୍‌ର ନାୟିକା ଦୀପିକା ସିଂ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି।



# ୫୩୧ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

- ପିଲାଙ୍କ ସ୍ୱପ୍ନରେ ଡେଣା ଯୋଡ଼ିଛି: ମୁଖ୍ୟମନ୍ତ୍ରୀ
- ବରଦାନ ବୋଲି ମତବ୍ୟକ୍ତ କଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୫୩୧ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏହାକୁ ଲୋକାର୍ପଣ କରିଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ଜିଲାର ୧୦୫, ଗଞ୍ଜାମର ୨୩୦, କନ୍ଧମାଳର ୭୩, ନବରଙ୍ଗପୁରର ୭୩ ଏବଂ ଅନୁଗୋଳ ଜିଲାର ୫୦ ହାଇସ୍କୁଲ ରହିଛି। ସ୍କୁଲ ରୂପାନ୍ତର କେବଳ ବିଦ୍ୟାଳୟର ଭୌତିକ ରୂପରେ ପରିବର୍ତ୍ତନ ଆଣିନି, ପିଲାମାନଙ୍କ ମାନସିକତା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି। ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଛି। ପ୍ରତ୍ୟେକ ପିଲା ସ୍ୱତନ୍ତ୍ର। ସେମାନଙ୍କ ମଧ୍ୟରେ ଭରିରହିଛି ବିପୁଳ ସମ୍ଭାବନା। ପିଲାମାନଙ୍କ ଆଖିରେ ଥାଏ ସୁନ୍ଦର ଭବିଷ୍ୟତର ସ୍ୱପ୍ନ। ସ୍କୁଲ ରୂପାନ୍ତରଣ ଏହି ସ୍ୱପ୍ନରେ ଡେଣା ଯୋଡ଼ିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବ। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ଼ ରୂପାନ୍ତର ଆଣିଥାଏ। ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବେ ଉପଯୋଗ କରିବା ସହ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଢେଙ୍କାନାଳରୁ ତ୍ରିଶା ପ୍ରିୟଦର୍ଶିନୀ, ଗଞ୍ଜାମରୁ ଅର୍ପିତା ଚୌଧୁରୀ, କନ୍ଧମାଳରୁ ସୋନାଲି କହଁର, ଅନୁଗୋଳରୁ ବିଷ୍ଣୁ ପ୍ରସାଦ ଚଇନି ପ୍ରମୁଖ ଛାତ୍ରୀଛାତ୍ର ସ୍କୁଲ ରୂପାନ୍ତର ସମ୍ପର୍କିତ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ରୂପାନ୍ତରଣ ଛାତ୍ରୀଛାତ୍ରଙ୍କ ପାଇଁ ବରଦାନ। ଏହା ପାଠପଢ଼ା ସହ କ୍ରୀଡ଼ାର ବିକାଶ ଲାଗି ସୁଯୋଗ ଆଣିଛି ବୋଲି ସେମାନେ ମତ ଦେଇଛନ୍ତି। ଏହି ଅବସରରେ ନବରଙ୍ଗପୁରର ଛାତ୍ରୀ ଜୁଇସ ସୁନା ଗମନାଗମନରେ ଭୋଗୁଥିବା ଅସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଅଧିକ ହଷ୍ଟେଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପ୍ରଫୁଲ୍ଲ ମଲ୍ଲିକ, ଉପବାଚସ୍ପତି ରଜନୀକାନ୍ତ ସିଂ, ବିଧାୟକ ଅଙ୍ଗଦ କହଁର, ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ଯୋଡ଼ିହୋଇ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଦୂରଦର୍ଶୀ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ। ୫–ଟି ସଚିବ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଶୋକ ମୀନା, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବ ଭି.କେ. ପାଣ୍ଡିଆନ୍।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

## ପୋଲିସ ମାଡ଼ରେ ମୃତ୍ୟୁ ଅଭିଯୋଗ କଲେ ସ୍ତ୍ରୀ

**ବ୍ରହ୍ମପୁର ଅଫିସ,୩।୬**

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଇନ୍ଦ୍ରାକ୍ଷୀ ଗ୍ରାମର ମିଟୁ ବେହେରା (୩୬)। ସ୍ୱାମୀଙ୍କୁ ପୋଲିସ ପିଟିପିଟିମାରି ଦେଇଛି ବୋଲି ମିଟୁଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଛି।

ପ୍ରକାଶ ଯେ, ଗତ ୧ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଇନ୍ଦ୍ରାକ୍ଷୀରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ମଦ ଓ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ପୃଥକ୍ ୫ଟି ମାମଲା ରୁଜୁ ହୋଇଥିଲା। ମାମଲା ନଂ ୧୮୨/୨୨ରେ ମିଟୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ମିଟୁ ଅସୁସ୍ଥ ହୋଇପଡିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମିଟୁଙ୍କ ସ୍ତ୍ରୀ ସୁପ୍ରିୟା ବେହେରା, ସମ୍ପର୍କୀୟ ସମେତ ଶତାଧିକ ଗ୍ରାମବାସୀ ଏମକେସିଜି ମେଡିକାଲକୁ ଆସିଥିଲେ। ସ୍ୱାମୀଙ୍କୁ ପୋଲିସ ମିଥ୍ୟା ମାମଲାରେ ଗିରଫ କରି ଥାନାରେ ପିଟିପିଟି ଜେଲ ☞ପୃଷ୍ଠା–୨



# ପ୍ରଭାତ ତ୍ରିପାଠୀଙ୍କୁ ଇଡିର ୯ ଘଣ୍ଟା ଜେରା

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ଅର୍ଥତତ୍ତ୍ୱ (ଏଟି) ଚିଟ୍‌ଫଣ୍ଡ ଠକେଇ ମାମଲାରେ ବେଆଇନ ଅର୍ଥ କାରବାରକୁ ନେଇ ବରିଷ୍ଠ ବିଜେଡି ନେତା ତଥା ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଜେରା କରିଛି। ସେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅଧିକାରୀମାନେ ତାଙ୍କୁ ଜେରା ଆରମ୍ଭ କରିଥିଲେ। ସିବିଆଇ ଚାର୍ଜଶିଟ୍ ଆଧାରରେ ଅର୍ଥତତ୍ତ୍ୱ ସଂସ୍ଥାଠାରୁ ପ୍ରଭାତ ୪୨ ଲକ୍ଷ ଟଙ୍କା ନେଇଥିଲେ। ତେଣୁ ଉକ୍ତ ଟଙ୍କା ସେ କେଉଁଠି ନିବେଶ କରିଥିଲେ, କାହାକୁ ଦେଇଥିଲେ ଏଭଳି ଅନେକ ପ୍ରସଙ୍ଗରେ ତଥ୍ୟ ହାସଲ ପାଇଁ ଇଡି ଅଧିକାରୀମାନେ ତାଙ୍କୁ ବହୁ ପ୍ରଶ୍ନ ପଚାରି ଥିବା ସୂଚନା ମିଳିଛି। ୯ ଘଣ୍ଟାର ଜେରା ପରେ ରାତି ପ୍ରାୟ ୮ଟା ୪୫ରେ ପ୍ରଭାତ ଇଡି କାର୍ଯ୍ୟାଳୟରୁ ବାହାରିଥିଲେ।



**ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା**

- ସିବିଆଇ ଦ୍ୱାରା ଗିରଫ ହୋଇଥିଲେ
- ସର୍ତ୍ତମୂଳକ ଜାମିନରେ ଆସିଥିଲେ

ସୂଚନା ଅନୁଯାୟୀ, ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥା ରାଜ୍ୟରେ ପ୍ରାୟ ୫୦୦ କୋଟି ଟଙ୍କା ଠକେଇ କରିଥିଲା। ୨୦୦୮ରୁ ୨୦୧୧ ମଧ୍ୟରେ ପ୍ରଭାତ ରାଜ୍ୟ କୋ-ଅପରେଟିଭ୍ ସଂଘର ସଭାପତି ଥିଲେ। ସେତେବେଳେ ସେ ଉକ୍ତ ସଂସ୍ଥାଠାରୁ ୪୨ଲକ୍ଷ ଟଙ୍କା ନେଇଥିଲେ। ☞ପୃଷ୍ଠା–୨

**ହାଇଦ୍ରାବାଦରେ ନାବାଳିକାଙ୍କୁ ଗଣବଳାତ୍କାର। ନେତାଙ୍କ ପୁଅ ନାଁରେ ଅଭିଯୋଗ!**









# ପାକ୍ସ, ଲାମ୍ପ୍ସ ସମ୍ପାଦକ ରଖିବେନି ଋଣ ପାସ୍‌ବୁକ୍

## ସରକାର ମାନିଲେ କୃଷି ଋଣ ଜାଲିଆତି

**ଯାଜପୁର ଅଫିସ,୩।୬**

ରାଜ୍ୟ ଚାଷୀଙ୍କ କୃଷି ଋଣ ଆକାଉଣ୍ଟକୁ ଜାଲିଆତି କରି ସେମାନଙ୍କୁ ହଇରାଣ କରାଯାଉଥିବା ସରକାର ଶେଷରେ ମାନିଛନ୍ତି। ତେଣୁ କୌଣସି ପରିସ୍ଥିତିରେ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)/ଲାର୍ଜ ଏରିଆ ମଲ୍‌ଟିପରପୋଜ୍ ସୋସାଇଟି (ଲାମ୍ପ୍ସ)ର ସମ୍ପାଦକ କିମ୍ବା ପରିଚାଳନା ନିର୍ଦ୍ଦେଶକ ଋଣ ପାସ୍‌ବୁକ୍ କିମ୍ବା କେସିସି ଚେକ୍‌ବୁକ୍ ନିଜ ପାଖରେ ରଖିବେ ନାହିଁ କିମ୍ବା ଏହାର ବ୍ୟବହାର କରିପାରିବେ ନାହିଁ। ଏହି ମର୍ମରେ ରାଜ୍ୟ ସମବାୟ ସମିତିର ନିବନ୍ଧକ ସମସ୍ତ ଡିଆର୍‌ସିଏସ୍, ଏଆର୍‌ସିଏସ୍ ଏବଂ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ(ସିସିବି)ର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାରେ ନିୟମିତ ବ୍ୟବଧାନରେ ଋଣ ପାସ୍‌ବୁକ୍‌ର ତଦନ୍ତ, ବ୍ୟକ୍ତିଗତ ଭାବେ ଋଣୀଙ୍କୁ ଯୋଗାଯୋଗ, ଋଣ ପରିମାଣ ମଞ୍ଜୁର ସଂକ୍ରାନ୍ତରେ ମୋବାଇଲ ଫୋନକୁ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଆଦି କାର୍ଯ୍ୟ କରିବାକୁ ଦର୍ଶାଯାଇଛି। ତେବେ ଏହି ନିର୍ଦ୍ଦେଶ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ ଚାଷୀଙ୍କୁ ଋଣ ପ୍ରଦାନରେ ସ୍ୱଚ୍ଛତା ରହିବ ବୋଲି ଚାଷୀମାନେ ଆଶାପ୍ରକାଶ କରିଛନ୍ତି।

ରାଜ୍ୟରେ ଚାଷୀ ଆତ୍ମହତ୍ୟା ଅଭିଯୋଗ ଉପରେ ବିରାମ ଲଗାଇବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଚାଷୀଙ୍କୁ ଚାଷ ସମୟରେ ଋଣ ଯୋଗାଇ ଦେଉଛନ୍ତି। ହେଲେ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ବିଭିନ୍ନ ଋଣରେ ସମ୍‌ସିଡି ଥିବାରୁ ଚାଷୀଙ୍କଠାରୁ ପ୍ରଥମେ ୮/୧୦ ହଜାର ଟଙ୍କା ସିଧାସଳଖ ଚାଷୀଙ୍କୁ ମଗାଯାଉଛି। ନ ହେଲେ ଋଣ ମଞ୍ଜୁର କରାଯିବ ନାହିଁ ବୋଲି ଧମକ ଦିଆଯାଉଛି । ଯାଜପୁର ଜିଲା କୋରେଇ ବ୍ଲକ ଜହ୍ନା ଗ୍ରାମ ପଞ୍ଚାୟତ ନରପଦା ଗ୍ରାମର ଗରିବ ଚାଷୀ କିଶୋର ସାହୁ ୨୦୨୧ ଅଗଷ୍ଟରେ ଏଭଳି ଏକ ଅଭିଯୋଗ କରିଥିଲେ। ଏହା ଉଦାହରଣ ହୋଇଥିବାବେଳେ ରାଜ୍ୟର ଚାଷୀ ଋଣ ପାଇବା ସମୟରେ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି। ତେଣୁ ୭।୯।୨୦୧୭ରେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଚାଷୀ ସଦସ୍ୟଙ୍କ ଋଣ ଆକାଉଣ୍ଟ ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି ନିର୍ଦ୍ଦେଶକୁ ଏବେ ବି କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏଆର୍‌ସିଏସ୍ ଓ ଡିଆର୍‌ସିଏସ୍, ସିସିବିର ସୁପରଭାଇଜର, ବ୍ରାଞ୍ଚ ମ୍ୟାନେଜର ଓ ସମ୍ପାଦକ ପ୍ରମୁଖ ନିୟମିତ ଭାବେ ସମସ୍ତ ପାକ୍ସର ଋଣୀ ଚାଷୀଙ୍କ ୫% ଲେଖାଏ ଋଣ ପାସ୍‌ବୁକ୍ ତନଖି କରି ରିପୋର୍ଟ ପ୍ରଦାନ କରିବେ। ବଳକା ଋଣ ପରିମାଣ, ଶୁଝିବା ତାରିଖ ଏବଂ ରିପେମେଣ୍ଟ, ସୁଧ ଆଦି ଋଣୀଙ୍କ ମୋବାଇଲକୁ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଦିଆଯିବ। ସମ୍ପୃକ୍ତ ସଦସ୍ୟଙ୍କୁ ରେଜିଷ୍ଟର୍ଡ ପୋଷ୍ଟ ଜରିଆରେ ଚେକ୍‌ବୁକ୍ ପ୍ରଦାନ କରାଯିବ। ଡିସିସିବିର ବ୍ରାଞ୍ଚ ମ୍ୟାନେଜର ବିୟରର ଚେକ୍‌କୁ ଅନୁମତି ଦେବେ ନାହିଁ। ଏହାବାଦ୍ ବ୍ରାଞ୍ଚ ମ୍ୟାନେଜର ପ୍ରତି ୩ ମାସରେ ଥରେ ପ୍ରତ୍ୟେକ ପାକ୍ସର ଋଣୀଙ୍କ ପାସ୍‌ବୁକ୍ ନିଶ୍ଚିତ ଭାବେ ତଦନ୍ତ କରିବେ। ଏହିସବୁ ନିର୍ଦ୍ଦେଶର ଯଦି ଅନୁପାଳନ ନ ହୁଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନକୁ ଅତି ଗୁରୁତ୍ୱର ଭାବେ ଗ୍ରହଣ କରାଯିବ ବୋଲି ନିବନ୍ଧକ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

## ସବାଇ ଘାସକୁ ଜିଆଇ ଟ୍ୟାଗ୍ ପାଇଁ ଆବେଦନ

**ଭୁବନେଶ୍ୱର,୩।୬(ବ୍ୟୁରୋ):** ସବାଇ ଘାସକୁ ମିଳିବ ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜି.ଆଇ.) ଟ୍ୟାଗ। ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଏ ନେଇ ଆବେଦନ କରିଛି। ନିଗମ ପକ୍ଷରୁ ଆଇପି ଆର୍ଟର୍ନି ପି ସଞ୍ଜୟ ଗାନ୍ଧୀ ଜିଆଇ ଅଧିକାରୀଙ୍କ ନିକଟରେ ଏହି ଆବେଦନ କରିଛନ୍ତି। ସବାଇ ଘାସ ଓଡ଼ିଶା ହସ୍ତଶିଳ୍ପର ଏକ ପ୍ରମୁଖ ଅଂଶ। ଏହା ଉପରେ ନିର୍ଭର କରି ଅନେକ କାରିଗର ନିଜର ପରିବାର ଚଳାଉଛନ୍ତି। ସବାଇ ଘାସରେ ମୁଖ୍ୟତଃ ଆସନ, ପେଡ଼ି, ଡାଲା ଆଦି ବିଭିନ୍ନ ଘରୋପକରଣ ସହ ସୌନ୍ଦର୍ଯ୍ୟକରଣ ସାମଗ୍ରୀ ତିଆରି କରାଯାଉଛି।

## ସଂକ୍ଷେପରେ

### ଡାକ୍ତରଖାନା ସିଡ଼ିରୁ ଖସି ରୋଗୀ ସମ୍ପର୍କୀୟ ମୃତ

**ବାରିପଦା ଅଫିସ,୩।୬:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ୭ମହଲା କୋଠା ସିଡ଼ିରୁ ଖସିପଡ଼ି ଜଣେ ରୋଗୀ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଘୋଡ଼ାବନ୍ଧ ଥାନା ମୁଣ୍ଡାକଟା ଗ୍ରାମର ଦୁଲା ସୋରେନ(୪୫)। ଏ ସଂକ୍ରାନ୍ତରେ ଟାଉନଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁଯାୟୀ, ଗତ ୨୭ତାରିଖରେ ଦୁଲାଙ୍କ ସ୍ତ୍ରୀ ପ୍ରସବ ନିମନ୍ତେ ପିଆର୍ଏମ୍ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରେ ଭର୍ତ୍ତି ହୋଇଥିଲେ। ଗୁରୁବାର ରାତି ଅନିଦ୍ରା ହୋଇ ଦୁଲା ଜଗି ରହିଥିବା ବେଳେ ଶୁକ୍ରବାର ସିଡିରେ ଚାଲୁ ଚାଲୁ ଖସି ପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମେଡିକାଲ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା।

### ରାଜ୍ୟରୁ ୨ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ

**ଭୁବନେଶ୍ୱର, ୩।୬ (ବ୍ୟୁରୋ):** କିଛିଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣିଥରେ ସ୍ୱାଇନ ଫ୍ଲୁ ମୁଣ୍ଡ ଟେକିଛି। ରାଜ୍ୟରୁ ୨ଜଣ ରୋଗୀ ଚିହ୍ନଟ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଦୁଇଜଣଙ୍କ ରକ୍ତ ନମୁନା ଏଚ୍୧ଏନ୍୧ ପଜିଟିଭ ଆସିଛି। ଏମାନଙ୍କ ମଧ୍ୟରେ ଜଣେ ୩୮ ବର୍ଷର ପୁରୁଷ ଥିବାବେଳେ ଅନ୍ୟଜଣେ ୨୮ବର୍ଷର ମହିଳା ରହିଛନ୍ତି। ଉଭୟେ ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଉଭୟ ରୋଗୀଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନ ଥିବା ଡା. ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ଫ୍ଲୁକୁ ନେଇ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୧୯ ପରଠାରୁ ରାଜ୍ୟରେ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ ହେଉଛନ୍ତି। ସାଧାରଣତଃ ପ୍ରାକ୍ ମୌସୁମୀ ଋତୁ ଓ ଶୀତଦିନେ ଏହି ରୋଗ ଦେଖାଯାଏ। ଯଦି କୌଣସି ବ୍ୟକ୍ତିଙ୍କଠାରେ ଥଣ୍ଡା, କାଶ, ଛିଙ୍କ, ଜ୍ୱର, ଦେହହାତ ଘୋଳା ବିନ୍ଧା ଭଳି ଲକ୍ଷଣ ରହୁଛି, ତେବେ ସେମାନେ ଆଇସୋଲେଶନ୍‌ରେ ରୁହନ୍ତୁ। କାରଣ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ଏହି ରୋଗ (ଏଚ୍୧ଏନ୍୧ ଭୂତାଣୁ) ବ୍ୟାପିବା ଆଶଙ୍କା ରହିଛି। ଆଇସୋଲେଶନରେ ରହିବା ଦ୍ୱାରା ଫ୍ଲୁ ସଂକ୍ରମଣକୁ ରୋକାଯାଇପାରିବ ବୋଲି ଡା. ମିଶ୍ର କହିଛନ୍ତି।

### ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ, ଯବାନ ଗୁରୁତର



**ମାଲକାନଗିରି,୩।୬ (ଡି.ଏନ୍.ଏ.)** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରରେ ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ସେ ହେଲେ ନିରଞ୍ଜନ କୁମାର ପାଶ୍ୱାନ। ବିଜାପୁର ଜିଲାର ପେଗ୍ରାପାଲି ଅଞ୍ଚଳରେ ମାଓବାଦୀ ଦମନ ପାଇଁ ୨୧୦ କୋବ୍ରା ବାହିନୀ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ଯବାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଆଇଇଡି ବୋମା ଖଞ୍ଜିଥିଲେ। ଯବାନଙ୍କ ସର୍ଚ୍ଚ ଅପରେଶନ ବେଳେ ଏହା ବିସ୍ଫୋରଣ ହୋଇଥିଲା। ଫଳରେ ନିରଞ୍ଜନ ଆହତ ହୋଇଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।

### ସର୍ଚ୍ଚ ଅପରେଶନ ବେଳେ ହାର୍ଡକୋର ମାଓବାଦୀ ଗିରଫ

**ମାଲକାନଗିରି,୩।୬ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଧାମତରୀ ପୋଲିସ ସର୍ଚ୍ଚ ଅପରେଶନ ବେଳେ ଜଣେ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛି। ତାଙ୍କ ନାମ ମୁକେଶ ଓରଫ ସୁକଲୁଗାୱାଡେ। ତାଙ୍କ ନାମରେ ୨ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଖବରରୁ ଜଣାପଡିଛି ଧାମତରୀ ଥାନା ଅନ୍ତର୍ଗତ ଧଡ଼ପଦରିପାନି ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟକଳାପ ସୂଚନା ପାଇ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଧଡ଼ପଦରିପାନି ଜଙ୍ଗଲରେ ବୁଲୁଥିବା ଯବାନମାନେ ଦେଖିବାକୁ ପାଇଥିଲେ। ତେବେ ସେ ପୋଲିସକୁ ଦେଖି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଯବାନମାନେ ତାଙ୍କୁ କାବୁ କରିନେଇଥିଲେ। ତାଙ୍କୁ ପଚରାଉଚରା କରିବାରୁ ସେ ନିଜ ନାମ ମୁକେଶ ଓରଫ ସୁକଲୁଗାୱାଡେ ବୋଲି କହିଥିଲେ। ସୁକଲୁ ମାଓବାଦୀ କ୍ଷେତ୍ର କମିଟିର ପ୍ଲାଟୁନ ନମ୍ବର ୨୫ର ଡେପୁଟି କମାଣ୍ଡର ଥିଲେ।

# ଦେବଦମ୍ପତିଙ୍କ ବିବାହ ଆଜି

**ସମ୍ବଲପୁର,୩।୬ (ବ୍ୟୁରୋ)**



ଭକ୍ତଙ୍କ କାନ୍ଧରେ ସାକ୍ଷୀ ଗୋପୀନାଥ ନଗର ପରିକ୍ରମାରେ ବାହାରିଛନ୍ତି।

**ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା**

**ସାକ୍ଷୀ ହେବାକୁ ପହଞ୍ଚିଲେ ସାକ୍ଷୀ ଗୋପୀନାଥ**

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଧୁମ୍‌ଧାମରେ ପାଳନ ହେଉଛି। ମାତା ପାର୍ବତୀ ଓ ବମ୍‌ବରାଡ ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ସାକ୍ଷୀ ହେବାକୁ ସାକ୍ଷୀ ଗୋପୀନାଥ ଶୁକ୍ରବାର ନନ୍ଦପଡାରେ ପହଞ୍ଚିଥିଲେ। ସାକ୍ଷୀପଡା ଗୋପୀନାଥ ମନ୍ଦିରରୁ ଠାକୁର ସନ୍ଧ୍ୟାରେ ବାହାରି ନଗର ପରିକ୍ରମା କରିଛନ୍ତି। ଏହି ସମୟରେ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ମୁଖରିତ ହୋଇଥିଲା ସହର।

ଭକ୍ତଙ୍କ କାନ୍ଧରେ ସାକ୍ଷୀ ଗୋପୀନାଥ ଦୁଲଦୁଲି ବାଜା ସହ ସ୍ୱତନ୍ତ୍ର ବିମାନରେ ଆରୁଢ଼ ହୋଇ ବାଲୁଙ୍କେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିଲେ। ବାଟରେ ମହିଳା, ପୁରୁଷ ଭକ୍ତମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ସାକ୍ଷୀପଡା, ଅଶୋକା ଟକିଜ ଛକ, ବୀର ସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀ ଟକିଜ, ଗୋଲବଜାର ଛକ, ସାନସଡକ, ମହାନ୍ତିପଡା ଛକ ପରିକ୍ରମା କରି ରାତି ସାଢ଼େ ୮ଟାରେ ନନ୍ଦପଡାରେ ପହଞ୍ଚିଥିଲେ। ଭକ୍ତମାନେ ଠାକୁରଙ୍କୁ ବନ୍ଦାଣ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଶନିବାର ମାହେନ୍ଦ୍ର ବେଳାରେ ଜଗତ୍‌ଜନନୀ ମାତା ପାର୍ବତୀ ଓ ବାଲୁଙ୍କେଶ୍ୱରଙ୍କ ବିବାହ ହେବ।

ଏହି ଦେବ ବିବାହରେ ଠାକୁର ସାକ୍ଷୀ ହେବା ସହ ଦେବଦମ୍ପତିଙ୍କ ମୁଖ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରିବେ। ପରମ୍ପରାନୁସାରେ ସାତଦିନ ପର୍ଯ୍ୟନ୍ତ ଠାକୁର ନନ୍ଦପଡାଠାରେ ରହିବେ। ଦେବଦମ୍ପତିଙ୍କ ବିବାହ ପାଇଁ ବିଭିନ୍ନ ଶୈବପୀଠ ଓ ବିବାହ ମଣ୍ଡପଗୁଡିକ ରଙ୍ଗିନ ଆଲୋକମାଳାରେ ଝଟକି ଉଠିଛି। ଉତ୍ସବରେ ଯୋଗଦେବା ପାଇଁ ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ବନ୍ଧୁବାନ୍ଧବ ସମ୍ବଲପୁରରେ ପହଞ୍ଚି ସାରିଛନ୍ତି। କନ୍ୟା ମାତାପିତାଙ୍କ ଅସ୍ଥାୟୀ ବାସଭବନରେ ମଧ ଭିଡ ଜମିଛି। ବିବାହ ମଣ୍ଡପକୁ ଫୁଲ, ଆମ୍ବଡାଳ ଓ ବେଲପତ୍ରରେ ସଜ୍ଜିତ କରିବାରେ ଲାଗିପଡିଛନ୍ତି। ନନ୍ଦପଡା ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଲୋକନାଥ ବାବା ଓ ମୁଦିପଡା ଜାଗେଶ୍ୱର ବାବା, ବାଲିବନ୍ଧା ସୋମନାଥ ବାବା, ବୁଢାରଜା ମହାଦେବ, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବା, ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କର ତାରକେଶ୍ୱର ବାବା, ଫାଟକ ମହାକାଳେଶ୍ୱର ପ୍ରଭୃତି ଶୈବପୀଠ ରଙ୍ଗିନ ଆଲୋକମାଳାରେ ଝଟକୁଛି।

## ବଡ଼ ପରଦାରେ ଦୀପିକା ସିଂ



**ମୁମ୍ବାଇ:** ଲୋକପ୍ରିୟ ସିରିଏଲ୍ 'ଦିଆ ଔର ବାତୀ ହମ୍'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଦୀପିକା ସିଂ ଏବେ ବଡ଼ ପରଦାରେ ଦେଖାଯିବେ। ସିରିଏଲ୍‌ରୁ ଲୋକପ୍ରିୟ ହୋଇଥିବା ଅଭିନେତ୍ରୀ ଜଣଙ୍କ ଡିଆଁ ମାରିଛନ୍ତି ବଲିଉଡ୍‌କୁ। ଫିଲ୍ମରେ ଦୀପିକା ଜଣେ ଚୁଲ୍‌ବୁଲି ଝିଅ ମୌସୁମୀ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ମଧ୍ୟବିତ୍ତ ପରିବାରର ଲଭ୍‌ଷ୍ଟୋରୀ ଉପରେ ଆଧାରିତ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଟିଟୁ ଅମ୍ବାନୀ। ଏଥିରେ ତୁଷାର ପାଣ୍ଡେ ତାଙ୍କ ବିପକ୍ଷରେ ଅଭିନୟ କରଛନ୍ତି। ଚଳଚ୍ଚିତ୍ରରେ ରଘୁବୀର ଯାଦବ, ସପ୍ନା ସାନ୍ଦ, ବିଜେନ୍ଦ୍ର କାଲା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଜୁନ୍ ୮ରେ ମୁକ୍ତିଲାଭ କରିବ।

## ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ମାନସ, ସୁଲତା, ସସ୍ମିତ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ରାଜ୍ୟ ସଭା ନିର୍ବାଚନରେ ବିଜେଡିର ୩ ପ୍ରାର୍ଥୀ ସସ୍ମିତ ପାତ୍ର, ସୁଲତା ଦେଓ ଏବଂ ମାନସ ମଙ୍ଗରାଜ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ଥିଲା। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଅବଧି ରହିଥିଲା। ହେଲେ କୌଣସି ପ୍ରାର୍ଥୀ ପ୍ରତ୍ୟାହାର ନ କରିବା ପରେ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ବିରୋଧୀଙ୍କ ପାଖରେ ସଂଖ୍ୟା ନ ଥିବାରୁ ସେମାନେ ପ୍ରାର୍ଥୀ ଦେଇ ନ ଥିଲେ। ଏଣୁ ବିଜେଡି ଯେଉଁ ୩ ଜଣଙ୍କୁ ପ୍ରାର୍ଥୀ କରିଥିବା ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଯାଇଛନ୍ତି। ନିର୍ବାଚିତ ହେବାପରେ ରିଟର୍ନିଂ ଅଫିସରଙ୍କଠାରୁ ୩ ଜଣ ଯାକ ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ପ୍ରଥମ ଥର ଲାଗି ମାନସ ଏବଂ ସୁଲତା ରାଜ୍ୟ ସଭାକୁ ଯାଉଥିବା ବେଳେ ସସ୍ମିତ ଦ୍ୱିତୀୟ ଥର ଲାଗି ରାଜ୍ୟ ସଭା ଯାଉଛନ୍ତି। ଅନ୍ୟପଟେ କଟକ ମେୟର ସୁବାସ ସିଂଙ୍କ ସ୍ଥାନରେ ରାଜ୍ୟ ସଭା ଯାଉଥିବା ନିରଞ୍ଜନ ବିଶିଙ୍କ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ୬ ତାରିଖ ରହିଛି। ତେଣୁ ଏହା ଭିତରେ ଯଦି ସିଏ ନାମାଙ୍କନ ପ୍ରତ୍ୟାହାର ନ କରନ୍ତି ତେବେ ସେ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ରାଜ୍ୟ ସଭା ଯିବେ। ସୂଚନାଯୋଗ୍ୟ ଯେ, ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଏହି ୩ ଆସନ ଲାଗି ରାଜ୍ୟ ସଭା ନିର୍ବାଚନ ଲାଗି ଘୋଷଣା ହୋଇଥିଲା। ସେହିପରି ସୁବାସ ସିଂଙ୍କୁ ବିଜେଡି କଟକ ମେୟର ପ୍ରାର୍ଥୀ କରିବା ପରେ ସେ ସେଥିରେ ବିଜୟୀ ହେଲେ। ଏହାପରେ ତାଙ୍କୁ ରାଜ୍ୟ ସଭାରୁ ଇସ୍ତଫା ଦେବାକୁ ପଡ଼ିଲା। ତାଙ୍କ ସ୍ଥାନରେ ବିଜେଡି ପଶ୍ଚିମ ଓଡିଶାର ଆଦିବାସୀ ନେତା ନିରଞ୍ଜନ ବିଶିଙ୍କୁ ୪ ବର୍ଷ ଲାଗି ରାଜ୍ୟ ସଭା ଉପନିର୍ବାଚନରେ ପ୍ରାର୍ଥୀ କରିଛି।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ଇ-ଅଫିସ ପ୍ଲାଟ୍‌ଫର୍ମ ଶୁଭାରମ୍ଭ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**



ଅନ୍ୟମାନଙ୍କ ଉପସ୍ଥିତିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଇ-ଅଫିସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ବା ବିଶ୍ୱ ଦକ୍ଷତା କେନ୍ଦ୍ର ଆହୁରି ଦକ୍ଷ ହେବ। ଶୁକ୍ରବାର ଏଠାରେ ଇ-ଅଫିସ୍ ପ୍ଲାଟ୍‌ଫର୍ମ ଶୁଭାରମ୍ଭ କରାଯାଇଥିବାବେଳେ ଏଣିକି ସରକାରୀ କାଗଜପତ୍ର କାମ ଏହା ମାଧ୍ୟମରେ କରାଯିବ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏହି ବ୍ୟବସ୍ଥାର ଶୁଭାରମ୍ଭ କରି କହିଲେ, ଆଗାମୀ ଦିନରେ ବିଭାଗ ଅଧୀନରେ ଆସୁଥିବା ରାଜ୍ୟର ସମସ୍ତ ସରକାରୀ ଇଞ୍ଜିନିୟରିଂ କଲେଜ, ପଲିଟେକ୍ନିକ୍, ଆଇଟିଆଇ ଭଳି ଶିକ୍ଷାନୁଷ୍ଠାନରେ ମଧ୍ୟ ଇ-ଅଫିସ୍ ପ୍ଲାଟ୍‌ଫର୍ମ ଲାଗୁ କରାଯିବ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏହା ପାଇଲଟ୍ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ, ଅଫିସ ପରିଚାଳନାରେ ସୁବିଧା ହେବା ସହ ବିଭିନ୍ନ କାର୍ଯ୍ୟରେ ସ୍ୱଚ୍ଛତା ଆସିବ ବୋଲି ପ୍ରମୁଖ ସଚିବ କହିଛନ୍ତି।

ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ୍(ସିଏମ୍‌ଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ କହିଲେ, ଇ-ଅଫିସ ମାଧ୍ୟମରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଡିଜିଟାଲ ପ୍ଲାଟ୍‌ଫର୍ମରେ ପରିଣତ ହେବ। ସ୍ୱଚ୍ଛତା, ଦକ୍ଷତା, ପ୍ରଭାବଶାଳିତା ଏବଂ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ପାଇଁ ଇ-ଅଫିସ୍ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଉପକରଣ। କର୍ମଚାରୀଙ୍କ ପାଇଁ ଇ-ଅଫିସ୍ ଅତ୍ୟନ୍ତ ସୁବିଧାଜନକ ବ୍ୟବସ୍ଥା, ଯାହା କାର୍ଯ୍ୟଭାରକୁ ହ୍ରାସ କରିବା ସହିତ କର୍ମଚାରୀଙ୍କ ଦକ୍ଷତା ସୁନିଶ୍ଚିତ କରିବାରେ ସହାୟକ ହେବ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ରେଘୁ ଜୀ କହିଲେ, ଏଭଳି ବ୍ୟବସ୍ଥାର କାର୍ଯ୍ୟକାରିତା ଦ୍ୱାରା ବିନା କାଗଜପତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଅଫିସ କାର୍ଯ୍ୟ ପରିଚାଳିତ ହେବ ଏବଂ ଅଧିକାରୀଙ୍କ ସହ ଆଲୋଚନା କରି ଠିକ୍ ସମୟରେ ନିଷ୍ପତ୍ତି ନେବାରେ ସହାୟକ ହେବ।

ଇ-ଅଫିସ୍ ବିଷୟରେ ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି)ର ଏସ୍‌ଆଇଓ କବିତା ରୟ ଦାସ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ପ୍ଲାଟ୍‌ଫର୍ମ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନ ସିଏମ୍‌ଜିଆଇ ଦ୍ୱାରା ପରିଚାଳିତ ହେଉଛି। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ପ୍ରିନ୍ସିପାଲ୍ ସଙ୍ଗରନ୍ ଗୋପାଲ ସ୍ୱାଗତ ଭାଷଣ ପ୍ରଦାନ ଓ ଏସ୍‌ଡିଟିଇ ବିଭାଗର ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ଧନ୍ୟବାଦ ଦେଇଥିଲେ।

## ଲୁଣ ବୋଝେଇ ଟ୍ରକରୁ ୫ କୋଟି ଟଙ୍କାର ଗଞ୍ଜେଇ ଜବତ: ୩ ଗିରଫ

**କୋରାପୁଟ,୩।୫(ସ୍ୱ.ପ୍ର.)**

ଅଭିନବ ଉପାୟରେ ଗଞ୍ଜେଇ ଚାଲାଣବେଳେ କୋରାପୁଟ ଜିଲା ଲମତାପୁଟ ପୋଲିସ ଏକ ଲୁଣ ବୋଝେଇ ଟ୍ରକରୁ ୫,୧୮୫ କେଜି ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୫ କୋଟି ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ଉମେଶ ବାବୁ, ସିଂହ ପାଳ ଏବଂ ମାଛକୁଣ୍ଡ ଥାନା ଜୋଡିଆପୁଟ ଗ୍ରାମର ସୁଦର୍ଶନ ଲେନ୍ଦୁ। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ ହୋଇଥିବା ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ଖବରରୁ ଜଣାପଡିଛି ଏକ ୧୪ ଚକିଆ ଟ୍ରକରେ ଲୁଣ ମଧ୍ୟରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ ଏହାକୁ ଧରିବା ପାଇଁ ନନ୍ଦପୁର ଏସଡିପିଓ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିପିଓ ମହାପାତ୍ରଙ୍କ ନେତୃତ୍ୱରେ ଲମତାପୁଟ ପୋଲିସ ଟିକାପୁଟ ଗ୍ରାମ ନିକଟରେ ଏକ ଟ୍ରକରେ ଛତିଶଗଡକୁ ଗଞ୍ଜେଇ ଚାଲାଣ ନେଇ ପ୍ରସ୍ତୁତି ଚାଲିଥିବାବେଳେ ଚଢାଉ କରିଥିଲା। ଟ୍ରକକୁ ଜବତ କରି ତଲାସି କରିବାରୁ ଲୁଣ ବସ୍ତା ତଳେ ୨୨୩ଟି ବସ୍ତାରେ ୫,୧୮୫ କେଜି ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ୫ ଜଣଙ୍କ ମଧ୍ୟରୁ ୨ ଜଣ ଫେରାର ହୋଇଯାଇଥିବାବେଳେ ଉପରୋକ୍ତ ୩ ଜଣଙ୍କୁ ପୋଲିସ ଧରିଥିଲା। ଜବତ ୫ ଟନ ୧୮୫ କେଜି ଗଞ୍ଜେଇର ବଜାର ମୂଲ୍ୟ ୫ କୋଟି ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଚାକିରିରୁ ବହିଷ୍କୃତ ହେଲେ ଶିକ୍ଷକ

**ବାରିପଦା ଅଫିସ/କପ୍ତିପଦା,୩।୬(ଡି.ଏନ.ଏ.)**

ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ମଖିଗଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଚୁକ୍ତିଭିତ୍ତିକ ଶିକ୍ଷକ ଯଯାତି ବାରିକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୬୩୩୦/୨।୬।୨୦୨୨ରୁ ଏହି ସୂଚନା ମିଳିଛି। ଚାକିରିରୁ ବହିଷ୍କାର ସହିତ ଶିକ୍ଷକ ବାରିକ ଦରମା ବାବଦରେ ଗ୍ରହଣ କରିଥିବା ୧୬ଲକ୍ଷ ୯୯ହଜାର ୯୩ଟଙ୍କା ଏକ ମାସ ମଧ୍ୟରେ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟଥା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଜିଲାଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ଭାବେ ଆସିଥିବା ମେସେଞ୍ଜର ପୂର୍ଣ୍ଣଚନ୍ଦ୍ର ଦାସ, ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳନା ସମିତି ଅଧ୍ୟକ୍ଷଙ୍କ ସମ୍ମୁଖରେ ଚିଠି ପ୍ରଦାନ କରାଯିବାରୁ ଶିକ୍ଷକ ବାରିକ ତାହା ଗ୍ରହଣ କରି ନ ଥିଲେ। ପ୍ରଧାନ ଶିକ୍ଷକ ଶିରିଶ ଚନ୍ଦ୍ର କର ବାରମ୍ବାର କହିବା ପରେ ମଧ୍ୟ ସେ କୌଣସି ଚିଠିକୁ ଗ୍ରହଣ କରିବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିବା ପ୍ରଧାନ ଶିକ୍ଷକ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଚାରାଧୀନ ବନ୍ଦୀଙ୍କ...

ପଠାଇଥିଲା। ତେଣୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ସୁପ୍ରିୟା ଅଭିଯୋଗ କରିଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କ୍ଷତିପୂରଣ ଦେବାକୁ ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ଦାବି କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ସଦର ଏସଡ଼ିପିଓ ଶିବଶଙ୍କର ମହାପାତ୍ର, ଟାଉନ ଏସଡ଼ିପିଓ ବିଷ୍ଣୁପ୍ରସାଦ ପତିଙ୍କ ସମେତ ବହୁ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରିବାର ଲୋକେ ପଞ୍ଚନାମା ବେଳେ ଦସ୍ତଖତ ଦେଇ ନ ଥିଲେ। ପୋଲିସ ତରବରିଆ ଭାବେ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଉତ୍ତେଜନାକୁ ଦେଖି ବୈଦ୍ୟନାଥପୁର ପୋଲିସ ସେଠାରେ ଜଗି ରହିଥିଲା। ବ୍ୟବଚ୍ଛେଦ ପରେ ସୁପ୍ରିୟା ଓ ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରି ମୃତଦେହକୁ ହସ୍ତାନ୍ତର କରିଥିଲା। ଏନେଇ ନଂ.୩୦୦/୨୨ରେ ଏକ ଅପମୃତ୍ୟୁ ମାମଲା ହୋଇଛି। ପୋଲିସ ବିରୋଧରେ ମିଟୁଙ୍କ ପରିବାର ଲୋକେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୫ ଦିନ ଭିତରେ ମଣ୍ଡଳକାରାଗାରରେ ୨ ଜଣ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟିଲାଣି।

### ପ୍ରଭାତ ତ୍ରିପାଠୀଙ୍କୁ...

ଅର୍ଥତତ୍ତ୍ୱ ବିରୋଧରେ ଠକେଇ ଅଭିଯୋଗ ଆସିବା ପରେ ସିବିଆଇ ମାମଲା ରୁଜୁ କରି ତଦନ୍ତ କରିଥିଲା। ୨୦୧୪ ଅକ୍ଟୋବର ୩୧ରେ ସିବିଆଇ ପ୍ରଭାତଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ୨୦୧୫ ମାର୍ଚ୍ଚ ୩ରେ ପ୍ରଭାତ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ବେଆଇନ ଅର୍ଥ କାରବାରକୁ ନେଇ ଇଡି ନିଜ ଆଡୁ ମାମଲା ରୁଜୁ କରି ୨୦୧୭ ଅଗଷ୍ଟ ୨୯ରେ ପ୍ରଭାତଙ୍କୁ ପ୍ରଥମେ ଜେରା କରିଥିଲା। ଏହା ଭିତରେ ପ୍ରଭାତ ସିବିଆଇ ମାମଲାକୁ ରଦ୍ଦ କରିବାକୁ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ହେଲେ ହାଇକୋର୍ଟ ୨୦୨୧ ଡିସେମ୍ବର ୧୭ରେ ଉକ୍ତ ପିଟିଶନକୁ ଖାରଜ କରିଦେଇଥିଲେ। ସିବିଆଇ ତଦନ୍ତ କରୁଥିବାବେଳେ ଇଡ଼ି ନିଜ ଆଡୁ ମାମଲା ରୁଜୁ କରି ଅର୍ଥ କାରବାରର ଖୋଳତାଡ଼ ଜାରି ରଖିଛି। ପ୍ରଭାତଙ୍କୁ ପୂର୍ବରୁ ଇଡି ଥରେ ଜେରା କରିଥିବାବେଳେ ପୁଣିଥରେ ହାଜର ହେବାକୁ ନୋଟିସ କରିଥିଲା।

# ଦୁଇଦିନରେ ମାଟିତଳୁ ମିଳିଲା ୨ ହାତୀ କଙ୍କାଳ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

**ଆଠଗଡ଼ ବନଖଣ୍ଡରେ ବନ୍ୟପ୍ରାଣୀ ଅସୁରକ୍ଷିତ**

- ବଡ଼ମ୍ବା ରେଞ୍ଜ୍‌ରୁ ଆଉ ଏକ ହାତୀ କଙ୍କାଳ ଉଦ୍ଧାର
- ଘଟଣା ପଦାକୁ ଆଣିଲା କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍



ଆଠଗଡ଼ ବନଖଣ୍ଡରେ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡିଛନ୍ତି। ଶିକାର ବୃଦ୍ଧି ସହ ଚୋରା ଚାଲାଣ ଓ ବାରମ୍ବାର ହାତୀ ମୃତ୍ୟୁ ଏଭଳି ଆଶଙ୍କା ସୃଷ୍ଟି କରିଛି। ଗୁରୁବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବଡ଼ମ୍ବା ରେଞ୍ଜ୍ ଅଧୀନ ଗୋପପୁର ସେକ୍ସନ ଅନ୍ତର୍ଗତ ଚନ୍ଦ୍ରଗିରି ଜଙ୍ଗଲରେ ଚଢ଼ାଉ କରି ମାଟିତଳୁ ଏକ ଦନ୍ତା ହାତୀର କଙ୍କାଳ ଉଦ୍ଧାର କରିଥିଲା। ଶୁକ୍ରବାର ଅନ୍ୟଏକ ସ୍ଥାନରେ ପୋତାଯାଇଥିବା ଆଉ ଏକ ହାତୀର କଙ୍କାଳ ମିଳିଛି। ଏହି ଘଟଣାକୁ ନେଇ ଦାୟିତ୍ୱରେ ଥିବା ବନ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଧାରା ସନ୍ଦେହଘେରକୁ ଆସିଛି।

କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଳାସିନୀ ନାୟକଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ଶୁକ୍ରବାର ଅପରାହ୍ନରେ ବଡ଼ମ୍ବା ରେଞ୍ଜ୍ ଅନ୍ତର୍ଗତ ଜେନାପାଳ ଗାଁ ଭିତରେ ପଶି ଚନ୍ଦ୍ରଗିରି ପାହାଡ଼ ନିକଟରେ ପହଞ୍ଚିଥିଲେ। ଏକ ବିଲର ସନ୍ଦେହଜନକ ସ୍ଥାନକୁ ଜେସିବି ଦ୍ୱାରା ଖୋଳିଥିଲେ। ୩ ମିନିଟ ଖୋଳିବା ପରେ ଉତ୍କଟ ଦୁର୍ଗନ୍ଧ ବାହାରିଥିଲା। ଆହୁରି ଖୋଳାଯିବାରୁ ହାତୀର ମୁଣ୍ଡ ଭାଙ୍ଗି ଖଣ୍ଡେ ଖପୁରି ପ୍ରଥମେ ବାହାରକୁ ଆସିଥିଲା। ଏହାପରେ ହାତୀର ଅନ୍ୟ ହାଡ଼ସବୁ ବାହାରିଥିଲା। ବ୍ୟବଚ୍ଛେଦ ପାଇଁ ୫ଜଣ ଭେଟେରିନାରି ଡାକ୍ତର ସେଠାରେ ଉପସ୍ଥିତ ଥିଲେ। ହାତୀଟି ମାଈ ଓ ୮-୧୦ ବର୍ଷ ବୟସର ହୋଇଥିବା ସେମାନେ ଅନୁମାନ କରିଛନ୍ତି। ଏଥିସହ ହାଡ଼, ମାଂସ ଆଦି ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ସେଗୁଡ଼ିକୁ ଓ୍ୟୁଏଟିଷ୍ଟିତ ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ପଠାଯିବ। ସାତକୋଶିଆର ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ମେଟାଲ ଡିଟେକ୍ଟର ସାହାଯ୍ୟରେ ହାତୀ ଖପୁରି ଓ ହାଡ଼ଗୁଡ଼ିକୁ ଯାଞ୍ଚ କରିଥିଲେ। ତେବେ କେଉଁଠି ବି ଗୁଳି ବା ଅନ୍ୟ କିଛି ଧାତବ ପଦାର୍ଥ ଥିବାର ସୂଚନା ମିଳି ନ ଥିଲା।

ଘଟଣା ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏଥିରେ ବନ ବିଭାଗର ସମ୍ପୃକ୍ତି ଥିବା ଜଣାପଡୁଛି। ସବୁବେଳେ ଫରେଷ୍ଟର ବା ଗାର୍ଡମାନଙ୍କୁ ନିଲମ୍ବନ କରି ଦୋଷ ଖସାଇ ଦିଆଯାଉଛି। ବଡ଼ମ୍ବା ରେଞ୍ଜର ଏବଂ ତାଙ୍କର ଖାସ୍ ଥିବା ଫରେଷ୍ଟର ଓ ସମ୍ପୃକ୍ତ ଅନ୍ୟମାନେ ଗିରଫ ହେବା ଦରକାର। ଆଠଗଡ଼ ଡିଏଫ୍‌ଓ ମଧ୍ୟ ଏଥିପାଇଁ ଦାୟୀ ରହିବେ। ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର ମୁଖ୍ୟ ପୁରବୀ ପାତ୍ର କହିଛନ୍ତି, ବଡମ୍ବା ରେଞ୍ଜର ସୁରେଶ କୁମାର ଷଡ଼ଙ୍ଗୀ ୨୦୧୧ରେ ଏହିଭଳି ଏକ ହାତୀ ମୃତ୍ୟୁ ଘଟଣାରେ ଗିରଫ ହୋଇ ୬ ମାସ ଜେଲରେ ଥିଲେ। ତେଣୁ ସେ ହାତୀ ମୃତ୍ୟୁ ଚପାଇବାରେ ପାରଙ୍ଗମ ଥିବେ। ଏ ବିଷୟରେ ମୁଁ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଅବଗତ କରିଛି। ଏଭଳି ଅଧିକାରୀ କେମିତି ହାତୀଙ୍କୁ ସୁରକ୍ଷା ଦେବେ ବୋଲି ପୁରବୀ ପ୍ରଶ୍ନ କରିଛନ୍ତି।

ଆଠଗଡ଼ ଡିଏଫ୍‌ଓ କହିଛନ୍ତି, ଆମ ଡିଭିଜନର କର୍ମଚାରୀ ସବୁବେଳେ ସରକାରୀ ଏସ୍‌ଓପି ପାଳନ କରୁଛନ୍ତି। ହାତୀ ସୁରକ୍ଷା ପାଇଁ ଆମେ ସବୁବେଳେ ତତ୍ପର। ଏହି ଘଟଣାରେ କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି, ଏହି ଘଟଣାର ତଦନ୍ତ ହେବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଘଟଣାସ୍ଥଳକୁ ନେଇ ଅଧିକାରୀ ମୁହାଁମୁହିଁ

ହାତୀ ପୋତା ହୋଇଥିବା ସ୍ଥାନକୁ ନେଇ ବଡମ୍ବା ରେଞ୍ଜ ଓ ନରସିଂହପୁର ରେଞ୍ଜ ଅଧିକାରୀଙ୍କ ମଧ୍ୟରେ ଦୁଇଘଣ୍ଟା ଧରି ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବଡ଼ମ୍ବା ରେଞ୍ଜର ସୁରେଶ କୁମାର ଷଡ଼ଙ୍ଗୀ ଓ ଫରେଷ୍ଟର ପ୍ରଦୀପ ପରିଡ଼ା ସେହି ସ୍ଥାନଟି ତାଙ୍କ ରେଞ୍ଜ୍ ଅଧୀନରେ ଆସୁନାହିଁ ବୋଲି ପ୍ରଥମେ କହିଥିଲେ। ତେଣୁ ନରସିଂହପୁର ରେଞ୍ଜର ବିଭୁ ରାୟଙ୍କୁ ଖବର ଦିଆଗଲା। ସେ ରେଞ୍ଜ ମ୍ୟାପ୍ ଧରି ପହଞ୍ଚିଲେ। ବନ ବିଭାଗର ନିଜସ୍ୱ ଆପ୍‌ରେ ଉକ୍ତ ସ୍ଥାନଟି ବଡ଼ମ୍ବା ରେଞ୍ଜ ବୋଲି ଦର୍ଶାଉଥିଲା। କିନ୍ତୁ ଦୁଇ ରେଞ୍ଜର ମାନିବାକୁ ନାରାଜ ଥିଲେ ଓ ସେଠାରେ ଏସିଏଫ୍ ଘନଶ୍ୟାମ ମୁଦୁଲି ମଧ୍ୟ କିଛି ଫଏସଲା କରିପାରିଲେ ନାହିଁ। ତେଣୁ ମାଜିଷ୍ଟ୍ରେଟ ତଥା ନରସିଂହପୁର ତହସିଲଦାର ଡା. ଆଲୋକ ଦେହୁରୀ ତାଙ୍କ ଅମିନଙ୍କୁ ମ୍ୟାପ୍ ଧରି ଆସିବା ପାଇଁ କହିଥିଲେ। ଶେଷରେ ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ପାଲ୍ ଯାଦବ ଆସିବା ପରେ ତାହା ବଡ଼ମ୍ବା ରେଞ୍ଜ ଅଧୀନରେ ଆସୁଛି ବୋଲି କହିଥିଲେ।

# ବିଜେଡି ପାଖ ମାଡ଼ିପାରିଲେନି ବିରୋଧୀ

## ଭାଜପାକୁ ହଟାଇ କଂଗ୍ରେସ ଦ୍ୱିତୀୟ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ବ୍ରଜରାଜନଗର ଉପନିର୍ବାଚନ ଫଳ ବିରୋଧୀଙ୍କୁ ଚକିତ କରିଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ ବିରୋଧୀ ଏକପ୍ରକାର ଚିତ୍‌ପଟାଙ୍ଗ ମାରିଛନ୍ତି। ଏପରି କି ଭୋଟ ହାସଲ କରିବାରେ ବିରୋଧୀ ଦଳଗୁଡ଼ିକ ବିଜେଡିର ପାଖ ମାଡ଼ିପାରି ନାହାନ୍ତି। ଗତ ନିର୍ବାଚନଗୁଡ଼ିକୁ ଯଦି ଦେଖାଯାଏ ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ଭାଜପା ବିଜେଡିକୁ ଟକ୍କର ଦେବା ପରିସ୍ଥିତିକୁ ଆସିପାରୁ ନାହାନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନରେ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଥିବା ବେଳେ ବ୍ରଜରାଜନଗର ଉପନିର୍ବାଚନରେ ମଧ୍ୟ ଉଭୟ ଦଳକୁ ସମଦଶା ଭୋଗିବାକୁ ପଡ଼ିଛି। ଯଦିଓ ଭାଜପାକୁ ପଛରେ ପକାଇ କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଉଠିଛି, ତେବେ ପୁରାତନ ଗଡ଼ କୁହାଯାଉଥିବା ଝାରସୁଗୁଡ଼ାରେ ଦଳ ସେତେଟା ଭଲ ପ୍ରଦର୍ଶନ କରିପାରି ନାହିଁ। ଉଭୟ ଦଳ ତଳ ଉପର ହେଉଥିଲେ ମଧ୍ୟ ବିଜେଡିକୁ କଡ଼ା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଚଳିତ ଉପନିର୍ବାଚନରେ ବିଜେଡି ୯୩ ହଜାର ଭୋଟ ପାଇଥିବା ବେଳେ କଂଗ୍ରେସକୁ ୨୭ ହଜାର ଓ ଭାଜପାକୁ ୨୨ ହଜାର ଭୋଟ ମିଳିଛି। ଉଭୟ ଦଳକୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିଲେ ମଧ୍ୟ ବିଜେଡିଠାରୁ ଅପହଞ୍ଚ ଦୂରତାରେ ରହିଛନ୍ତି। ରାଜନୀତି ଗଣିତ କହୁଛି ଯଦି ବିଜୟୀ ପ୍ରାର୍ଥୀଙ୍କଠାରୁ ନିକଟତମ ପ୍ରାର୍ଥୀଙ୍କର ଭୋଟ ବ୍ୟବଧାନ ୧୦ରୁ ୨୦ ହଜାର କିମ୍ବା ଏହାଠାରୁ କମ୍ ରୁହେ ତେବେ ସେଠାରେ କଡ଼ା ସଂଘର୍ଷ ଅଥବା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଲି ଧରାଯିବ। ତେବେ ଏହି ଉପନିର୍ବାଚନରେ ଭାଜପା ଓ କଂଗ୍ରେସ କେହି ହେଲେ ବିଜେଡି ପାଖ ମାଡ଼ିପାରି ନାହାନ୍ତି।



ପଶ୍ଚିମ ଓଡ଼ିଶାରେ ଭାଜପାର ଦବ୍‌ଦବା ରହିଛି। ଗତ ସାଧାରଣ ନିର୍ବାଚନରେ ଏଠାରୁ ଦଳକୁ ୭ଟି ଲୋକ ସଭା ଆସନ ମିଳିଥିଲା। ଏଥିସହିତ ଅଧିକାଂଶ ବିଧାନସଭା ଆସନ ଜିତି ଭାଜପା କଂଗ୍ରେସକୁ ହଟାଇ ମୁଖ୍ୟ ବିରୋଧୀ ଦଳ ଆସନରେ ବସିଛି। ମାତ୍ର ଗତ ୨/୩ ବର୍ଷରେ ଦଳ ନିଜର ପୂର୍ବ କ୍ରେଜ୍ ରଖିପାରି ନାହିଁ। ଦଳୀୟ କନ୍ଦଳ ଓ ତ୍ରୁଟିପୂର୍ଣ୍ଣ ନିର୍ବାଚନ ରଣନୀତି ଉଭୟ ଦଳର ପ୍ରାର୍ଥୀଙ୍କ ପାଇଁ କାଳ ହୋଇଛି ବୋଲି ରାଜନୀତି ବିଶେଷଜ୍ଞ ମତ ଦେଉଛନ୍ତି।

ବ୍ରଜରାଜନଗର ଆସନ ପ୍ରଥମରୁ କଂଗ୍ରେସ କବ୍‌ଜାରେ ରହି ଆସିଥିଲା। ଲଗାତର ବିଜୟୀ ହେଉଥିବା କଂଗ୍ରେସ ପ୍ରାର୍ଥୀ ଅନୁପ ସାଏ ୨୦୧୪ରେ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେ ବିଜେଡି ଟିକେଟରେ ବ୍ରଜରାଜନଗରରୁ ଲଢ଼େଇ କରିଥିଲେ ମଧ୍ୟ ନିର୍ବାଚନମଣ୍ଡଳୀ ମତଦାତା ତାଙ୍କୁ ଅନ୍ୟ ଦଳରେ ଗ୍ରହଣ କରି ନ ଥିଲେ। ଫଳରେ ଏହାର ଫାଇଦା ନେଇଥିଲେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା। ତେବେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ ମଧ୍ୟ ସେହି ଆସନ ରଖିବାରେ ବିଫଳ ହୋଇଥିଲେ। ୨୦୧୯ରେ କିଶୋର ମହାନ୍ତିଙ୍କୁ ବିଜେଡି ପ୍ରଥମ ଥର ପାଇଁ ବ୍ରଜରାଜନଗର ଆସନରୁ ପ୍ରାର୍ଥୀ କରିଥିଲା। କିଶୋର ଭାଜପା ପ୍ରାର୍ଥୀ ରାଧାରାଣୀଙ୍କୁ ୨୦ ହଜାର ଭୋଟରେ ହରାଇ ପ୍ରଥମ ଥର ପାଇଁ ବ୍ରଜରାଜନଗରରେ ବିଜେଡି ବାନା ଉଡ଼ାଇଥିଲେ। କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଳକାଙ୍କୁ ଏହି ନିର୍ବାଚନମଣ୍ଡଳୀରେ ବିପୁଳ ସମର୍ଥନ ମିଳିଛି। ସ୍ୱାମୀଙ୍କଠାରୁ ପ୍ରାୟ ୪୫ ହଜାର ଅଧିକ ଭୋଟ ପାଇଛନ୍ତି।

### ବ୍ରଜରାଜନଗର ଉପନିର୍ବାଚନ

**କଣ୍ଟା ସାଜିଛି ଦଳୀୟ କନ୍ଦଳ, ତ୍ରୁଟିପୂର୍ଣ୍ଣ ରଣନୀତି**

ଅନ୍ୟପକ୍ଷରେ ଗତ କିଛି ବର୍ଷ ଧରି ଯଦି ଉପନିର୍ବାଚନ କଥା ଦେଖାଯାଏ ତେବେ ବିଜେଡି କୌଣସି ଆସନ ହାତଛଡ଼ା କରିନାହିଁ। ସ୍ୱର୍ଗତ ବିଧାୟକଙ୍କ ସ୍ତ୍ରୀ କିମ୍ବା ପୁତ୍ରମାନଙ୍କୁ ଟିକେଟ ଦେଇ ଉପନିର୍ବାଚନ ଜିତିବା ପରମ୍ପରାକୁ ବଜାୟ ରଖିଛି। ଏହି ଉପନିର୍ବାଚନରେ ମଧ୍ୟ ଏହାକୁ ଦୋହରାଇଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୂର୍ବରୁ ବିଜେପୁର ଉପନିର୍ବାଚନରେ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡି ଟିକେଟ ଦେଇ ସିଟ୍ ହାତେଇଥିଲା। ସେହିପରି ପାଟକୁରା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ଟକ୍କର ଦେବା ପାଇଁ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ଅନ୍ୟପକ୍ଷରେ ଯେଉଁଠି ସ୍ୱର୍ଗତ ବିଧାୟକଙ୍କ ସ୍ତ୍ରୀ ପ୍ରାର୍ଥୀ ହେବାକୁ ରାଜି ହୋଇନାହାନ୍ତି ସେଠାରେ ତାଙ୍କ ପୁଅଙ୍କୁ ବିଜେଡି ଟିକେଟ ଦେଇ ବଂଶଗତ ରାଜନୀତିକୁ ଆଗକୁ ନେବାରେ ସଫଳ ହୋଇଛି। ତିର୍ତ୍ତୋଲ ବିଧାୟକ ଥିବା ବିଷ୍ଣୁ ଚରଣ ଦାସଙ୍କ ବିୟୋଗ ପରେ ତାଙ୍କ ପୁତ୍ର ବିଜୟ ଶଙ୍କର ଦାସ ଏବଂ ପିପିଲି ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁତ୍ର ରୁଦ୍ର ପ୍ରତାପ ମହାରଥୀଙ୍କୁ ବିଜେଡି ଉପନିର୍ବାଚନରେ ପ୍ରାର୍ଥୀ କରିଥିଲା। ଏ ସମସ୍ତ ଉପନିର୍ବାଚନରେ ବିଜେଡି ସବୁ ଆସନକୁ ନିଜ ଅକ୍ତିଆରରେ ରଖିପାରିଛି।

# ଧାମି ଜିତିଲେ ଉପନିର୍ବାଚନ

**ଡେରାଡୁନ୍,୩।୬**



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଚମ୍ପାୱତ୍ ଆସନରୁ ବିଧାନସଭା ଉପନିର୍ବାଚନ ଜିତିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିର୍ମଳା ଗହତୋରିଙ୍କୁ ୫୫,୦୦୦ରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଉପନିର୍ବାଚନ ବିଜୟ ପାଇଁ ଧାମି ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟବାସୀଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ କରିବା ଲାଗି ବିଜୟ ଏକ ନିର୍ଦ୍ଦେଶ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଯୋଗୁ ତାଙ୍କୁ ଲୋକମାନଙ୍କ ଭଲପାଇବା ଓ ଆଶୀର୍ବାଦ ମିଳିଥିବାରୁ ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବାସ୍ତବରେ ଲୋକଙ୍କ ବିଶ୍ୱାସର ବିଜୟ ହୋଇଛି। ଏହା ପଛରେ ଏକ ନୂଆ ଉତ୍ତରାଖଣ୍ଡ ଗଠନ କରିବା ଓ ବିକାଶ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବା ସ୍ୱପ୍ନ ରହିଥିବା ଧାମି କହିଛନ୍ତି।

ଗତ ଫେବୃୟାରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଧାମି ଖାତିମା ଆସନରୁ ଲଢ଼ି ପରାଜିତ ହୋଇଥିଲେ। ତାଙ୍କ ଉପରେ ଭାଜପା କେନ୍ଦ୍ରୀୟ ନେତୃତ୍ୱ ଆସ୍ଥା ପ୍ରକଟ କରି ପୁନର୍ବାର ମୁଖ୍ୟମନ୍ତ୍ରୀ କରାଇବାରୁ ତାଙ୍କୁ ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବାର ଆବଶ୍ୟକତା ଥିଲା। ଚମ୍ପାୱତ ଆସନର ପୂର୍ବତନ ଭାଜପା ବିଧାୟକ କୈଳାସ ଚନ୍ଦ୍ର ଗହତୋରି ଇସ୍ତଫା ଦେଇ ଧାମିଙ୍କ ପାଇଁ ଆସନ ଛାଡ଼ିଦେଇଥିଲେ। ମେ' ୩୧ରେ ଚମ୍ପାୱତ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ୟୁପିରୁ ୧୧, ଛତିଶଗଡ଼ରୁ ୨ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ


**ଲକ୍ଷ୍ନୌ/ରାୟପୁର,୩।୬:** ଉତ୍ତରପ୍ରଦେଶରୁ ରାଜ୍ୟ ସଭାକୁ ୧୧ ଜଣ ଏବଂ ଛତିଶଗଡ଼ରୁ ୨ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉତ୍ତରପ୍ରଦେଶରୁ ନିର୍ବାଚିତ ହୋଇଥିବା ୮ ଭାଜପା ପ୍ରାର୍ଥୀ ହେଲେ ଲକ୍ଷ୍ମୀକାନ୍ତ ବାଜପେୟୀ, ଡ. ରାଧାମୋହନ ଦାସ ଅଗ୍ରୱାଲ, ସୁରେନ୍ଦ୍ର ନାଗର, ଡ. କେ. ଲକ୍ଷ୍ମଣ, ମିଥିଲେଶ କୁମାର, ବାବୁରାମ ନିଶାଦ, ସଙ୍ଗୀତା ଯାଦବ ଏବଂ ଦର୍ଶନା ସିଂ। କପିଲ ସିବଲ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିବାବେଳେ ରାଷ୍ଟ୍ରୀୟ ଲୋକଦଳ ଅଧ୍ୟକ୍ଷ ଜୟନ୍ତ ଚୌଧରୀ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭା ଯାଇଛନ୍ତି। ଉଭୟ ସମାଜବାଦୀ ପାର୍ଟି ସମର୍ଥନରେ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ସମାଜବାଦୀ ପାର୍ଟି ପ୍ରାର୍ଥୀ ଜାଭେଦ ଅଲି ମଧ୍ୟ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ରିଟର୍ନିଂ ଅଫିସର ବ୍ରିଜ୍‌ଭୂଷଣ ଦୁବେ ନିର୍ବାଚିତ ସଦସ୍ୟମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଛନ୍ତି।

ଛତିଶଗଡ଼ରୁ କଂଗ୍ରେସ ପ୍ରାର୍ଥୀ ରାଜୀବ ଶୁକ୍ଲା ଏବଂ ରଞ୍ଜିତ ରଞ୍ଜନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟ ସଭାକୁ ଯାଇଛନ୍ତି। ସାମ୍ବାଦିକରୁ ରାଜନେତା ହୋଇଥିବା ୬୧ ବର୍ଷୀୟ ଶୁକ୍ଲା ପୂର୍ବରୁ ୩ ଥର ରାଜ୍ୟ ସଭା ସଦସ୍ୟ ରହିଥିଲେ। ସେହିପରି ରଞ୍ଜିତ ବିହାରରୁ ପୂର୍ବତନ ଲୋକ ସଭା ସଦସ୍ୟ ଥିଲେ।

# ନ୍ୟାଶନାଲ ହେରାଲ୍ଡ ମାମଲାରେ ରାହୁଲଙ୍କୁ ପୁଣି ସମନ

**ନୂଆଦିଲ୍ଲୀ,୩।୬:** ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପୁଣିଥରେ ସମନ ଜାରି କରିଛନ୍ତି। ଜୁନ୍ ୧୩ରେ ତାଙ୍କୁ ତଦନ୍ତକାରୀ ସଂସ୍ଥାରେ ହାଜର ହେବା ଲାଗି କୁହାଯାଇଛି। ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସହ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ଏମ୍‌ପି ରାହୁଲଙ୍କୁ ଗତ ବୁଧବାର ଇଡି ସମନ ଜାରି କରିଥିଲେ। ରାହୁଲ ବିଦେଶରେ ଥିବାରୁ ଜୁନ୍ ୫ ପର୍ଯ୍ୟନ୍ତ ସମୟ ଦେବାକୁ ସେ ଇଡିକୁ ପତ୍ର ଲେଖିଥିଲେ। କଂଗ୍ରେସ ଦ୍ୱାରା ପରିଚାଳିତ ୟଙ୍ଗ୍ ଇଣ୍ଡିଆ ମାଲିକାନାରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜରେ ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ଜାରି ରହିଛି। ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ର ଆପରାଧିକ ଧାରାରେ ସୋନିଆ ଓ ରାହୁଲଙ୍କ ବୟାନ ରେକର୍ଡ କରିବାକୁ ଇଡି ଅଧିକାରୀ ଚାହୁଁଛନ୍ତି। ତେବେ ଏହା ରାଜନୈତିକ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି।

# ଅଳକାଙ୍କୁ ବିଜୟ ପ୍ରମାଣପତ୍ର



ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତିଙ୍କୁ ରିଟର୍ନିଂ ଅଫିସର ବିଜୟ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ବିଜୟ ଉତ୍ସବ ପାଳିଲା ବିଜେଡି

**ଝାରସୁଗୁଡ଼ା ଅଫିସ,୩।୬**

ବ୍ରଜରାଜନଗର ଉପନିର୍ବାଚନ ଭୋଟ ଗଣତି ଶୁକ୍ରବାର ଝାରସୁଗୁଡ଼ା ବଡ଼େଇମୁଣ୍ଡାସ୍ଥିତ ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରକ୍ରିୟା ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ମୋଟ ୧୪ ଟେବୁଲ୍ କରାଯାଇ ପ୍ରତି ଟେବୁଲ୍‌ରେ ୪ କର୍ମଚାରୀ ନିୟୋଜିତ ହୋଇଥିଲେ। ୨୦ରାଉଣ୍ଡ ଗଣତି କରାଯାଇଥିଲା। ପ୍ରଥମେ ପୋଷ୍ଟାଲ ବାଲଟ ଓ ସାଢେ ୮ଟାରୁ ଇଭିଏମ୍ ଭୋଟ୍ ଗଣତି ହୋଇଥିଲା। ପ୍ରତି ରାଉଣ୍ଡ ଗଣତି ପରେ ଏଜେଣ୍ଟଙ୍କ ଉପସ୍ଥିତିରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଥିଲା।

ପ୍ରାରମ୍ଭରୁ ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ପ୍ରତିଦ୍ୱନ୍ଦ୍ୱୀଙ୍କ ନିକଟରୁ ସବୁ ରାଉଣ୍ଡରେ ଆଗୁଆ ରହୁଥିଲେ। ଶେଷ ରାଉଣ୍ଡ ଫଳାଫଳ ଘୋଷଣା ପରେ ବାହାରେ ଅପେକ୍ଷା କରିଥିବା ବିଜେଡି ନେତୃବୃନ୍ଦ ଓ ସମର୍ଥକ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଜିଲା ପର୍ଯ୍ୟବେକ୍ଷକ ତଥା କଟକ ମେୟର ସୁବାସ ସିଂ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ବିଜୟୀ ପ୍ରାର୍ଥିନୀ ଅଳକା ମହାନ୍ତି, ମହିଳା ପ୍ରଚାର କମିଟି ସଂଯୋଜିକା ଦୀପାଳି ଦାସ ପ୍ରମୁଖ ସାମିଲ ହୋଇଥିଲେ। ୬୬ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହେବା ପରେ ଅଳକା ଏହାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳୀୟ ନେତୃବୃନ୍ଦ ଓ ବ୍ରଜରାଜନଗରବାସୀଙ୍କୁ ପ୍ରଦାନ କରିଛନ୍ତି। ବିଜେଡି ପ୍ରାର୍ଥିନୀ ମହାନ୍ତି ବିଜୟୀ ହୋଇଥିବା ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ଭୋଟ ଗଣତି କେନ୍ଦ୍ରରେ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଦୟାମୟ ପାଢ଼ୀ ବିଜୟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ପ୍ରବୀର ନାୟକ, ପିଡି ଡିଆର୍‌ଡିଏ ତପିରାମ ମାଝି, ଆଲୋମଣି ସେଠୀ, ନିବେଦିତା ପ୍ରଧାନ, ପିଣ୍ଟୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଭୋଟ ଗଣତି କେନ୍ଦ୍ରରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ରାହୁଲ ଜୈନ ପ୍ରମୁଖ ଉପସ୍ଥିତ ରହି ତଦାରଖ କରୁଥିଲେ। ଉପନିର୍ବାଚନରେ ସମୁଦାୟ ୧୧ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ବିଜେଡିର ଅଳକା ମହାନ୍ତି ମୋଟ ୯୩,୯୫୩ ଭୋଟ, କଂଗ୍ରେସର କିଶୋର ଚନ୍ଦ୍ର ପଟେଲ ୨୭,୮୩୧, ଭାଜପାର ରାଧାରାଣୀ ପଣ୍ଡା ୨୨,୬୩୦, ସିପିଆଇର ରମେଶ କୁମାର ତ୍ରିପାଠୀ ୩,୧୦୫, ହିନ୍ଦୁସ୍ଥାନ ନିର୍ମାଣ ଦଳର ବିଜୟ କୁମାର ଜଲାନ ୨୮୪, ସ୍ୱାଧୀନ ପ୍ରାର୍ଥୀ ଆଦିତ୍ୟ ପ୍ରଧାନ ୧,୮୮୪, ସ୍ୱାଧୀନ ପ୍ରାର୍ଥୀ ଅବ୍ୟୟ ଭାରତୀ ଶେଖାୱତ ରାଜପୁତ ଜୈନ ୩୭୧, ସ୍ୱାଧୀନ ପ୍ରାର୍ଥୀ ଦୀନବନ୍ଧୁ ବିଶ୍ୱାଳ ୪୨୫, ମନୋଜ ମେହେର ୪୧୭, ସ୍ୱାଧୀନ ପ୍ରାର୍ଥୀ ସୀତାରାମ ବେହେରା ୩୧୨, ସ୍ୱାଧୀନ ପ୍ରାର୍ଥୀ ସୁପ୍ରିତ କୁମାର ବେହେରା ୬୭୫ ଭୋଟ୍ ପାଇଥିବାବେଳେ ନୋଟାରେ ୧,୫୧୧ଭୋଟ ପଡିଛି। ବିଜେଡିର ଅଳକା ମହାନ୍ତି ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ପଟେଲଙ୍କଠାରୁ ୬୬,୧୨୨ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି।

# ଜାତିଭିତ୍ତିକ ଜନଗଣନା ପାଇଁ ଦାବି

### ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲା ସମାଜବାଦୀ ପାର୍ଟି

**ଭୁବନେଶ୍ୱର,୩।୬(ବ୍ୟୁରୋ):** ବିହାର ଭଳି ଓଡ଼ିଶାରେ ଜାତିଭିତ୍ତିକ ଜନଗଣନା କରିବାକୁ ରାଜ୍ୟ ସମାଜବାଦୀ ପାର୍ଟି ଦାବି କରିଛି। ଏନେଇ ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ୩ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ ଜାତିଭିତ୍ତିକ ଜନଗଣନା ନେଇ ଗତ ବର୍ଷ ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାସ୍ କରାଯାଇଥିଲା। କେନ୍ଦ୍ର ସରକାର ରାଜ୍ୟ ପଛୁଆ ବର୍ଗ କମିଶନଙ୍କୁ ରାଜ୍ୟସ୍ତରରେ ଜନଗଣନା କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ ପଛୁଆ ବର୍ଗ କମିଶନ ଗତ ବର୍ଷ ମେ' ୧ରୁ ଜୁନ୍ ୧୫ ତାରିଖ ମଧ୍ୟରେ ଜାତିଗଣନା କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କୋଭିଡ୍ ସଂକ୍ରମଣ ଯୋଗୁ ଏହା ସ୍ଥଗିତ ହୋଇଯାଇଥିଲା। ରାଜ୍ୟରେ ଇତି ମଧ୍ୟରେ ସଂକ୍ରମଣ ହ୍ରାସ ପାଇଛି। କଟକଣା ମଧ୍ୟ ଉଠାଇ ଦିଆଯାଇଛି। ଏହା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପଛୁଆ ବର୍ଗ କମିଶନଙ୍କ ନିକଟରେ ସମାଜବାଦୀ ପାର୍ଟି ଦାବି କରିଥିଲା। କମିଶନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ଦେଢମାସ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Experienced computer operator with knowledge and practice of tally accounting system required in Bhubaneswar.
Send your detailed Bio-data to
Email: lingarajbis@gmail.com / sahebramkakka@gmail.com

HARRISON® India's leading brand In Locks & Builder's Hardware
Requires
AREA SALES MANAGER
SR. SALES REPRESENTATIVE
SALES REPRESENTATIVE
Minimum Exp. 2 to 5 Years from Hardware Trade
R|P|Locks Co.
resumes@harrisonlocks.com
7678250281

Aarvi Encon Limited
603, B1, Marathon Innova, Marathon Nextgen Complex, Lower Parel (w) Mumbai - 400 013. Website: www.aarviencon.com
Urgently Require for a Steel Plant in Bellary, Karnataka
For CNC Workshop - 50 Nos.
- CNC Operators (Oxyfuel / Plasma Cutting)
For Coke / Pellet Plant& Blast Furnance - 300 Nos.
- Process Operators (Material / Battery Process / CDQ / By Products)
- Operators (Battery Area)
- Boiler Operators (Chimney Heating Recovery)
- Mechanical / Electrical Technicians
- Pointsman
Accommodation and Transportation will be provided by the company.
Apply at bellary@aarviencon.co.in
Call on:- 0251 - 6640722/ 24/ 25/ 26
Whatsapp - 86579 61498

ଆବଶ୍ୟକ
ବାଦାମ ଚାକୀ, ରାଶୀ ଚାକୀ, ବେସନ ଲଡୁ, ନଡ଼ିଆ ଲଡୁ, ସେଁଓ ଲଡୁ, ବାଦାମ ଲଡୁ, ରାଶୀ ଲଡୁ, ଅମୂଲ ଲଡୁ, ପେଡା, ବର୍ଫି, ସୋନପାପୁଡି, ମୁଡୁକି ବିକ୍ରୟ ପାଇଁ ଆଞ୍ଚଳିକ ବ୍ୟବସାୟୀ Bakery or Snacks linere 5yrs experience ଥିବା Marketing Person, ପୁରୁଷ ଓ ମହିଳା ଶ୍ରମିକ ଆବଶ୍ୟକ ।
Contact- 7978550684, 9439010677

JINDAL SCHOOL
Soyabali, Barbil, Keonjhar-758035, Odisha
Affiliated to CBSE, New Delhi
APPOINTMENT

| Sl. No. | Position | Desirable Qualification |
|---|---|---|
| 1. | TGT – Mathematics | Post Graduate in concerned subject as Elective with B.Ed. Minimum 3 yrs. teaching experience in senior classes in CBSE/ICSE schools. CTET will be preferred. |
| 2. | PRT – Physical Education (Lady) | M.P.Ed/B.P.Ed |
| 3. | Counsellor | Post Graduate in Psychology & PG Diploma in Guidance & counseling/ 1Yr experience in student counseling |
| 4. | Office Assistant | Post graduate/Graduate with 3 yrs. of experience in related field & must have good computer skill. |

- Age on 31-Mar-2022: Not more than 40 yrs. Relaxable for suitable candidates.
- Candidates with effective communication skill & good computer skill.
- Emoluments & Perks: As per School norms & salary will not be a constraint for deserving candidates.
- Candidates should e-mail their CV along with a recent passport size photograph to career.jsbarbil@gmail.com by 10th June, 2022.
- Only shortlisted candidates will be called to attend the personal interview.

Principal

WANTED
Lady Office Assistant
Cuttack, Nakhara
Free Accommodation & Fooding + 5000 to 15000/- will be setteled in interview.
7809525452

REQUIRED
Ori- pipes Pvt. Ltd. at 152, New Industrial Estate, Jagatpur, Cuttack-754021, Needs 10 Nos. of graduates to work as Sales and Marketing Executive in certain districts of Odisha. Only experienced candidates may apply to above address or email at- oripipes@yahoo.co.in within 10 days of this publication. Contact No. 9853205500

ଆବଶ୍ୟକ
ଭୁବନେଶ୍ୱର, ଖାରବେଳନଗରରେ ଥିବା ଘର ଦେଖା ଚାହାଁ କରିବା ପାଇଁ ଲୋକ ଦରକାର । ସେ ଲୋକ ତା'ର ପରିବାର ସହିତ ରହିବ।
ଯୋଗାଯୋଗ: ୯୬୪୨୫୦୬୨୨୨
୯୬୪୨୫୦୬୧୫୪

Radhakrishna Institute of Technology & Engineering (RITE), Bhubaneswar
(AICTE Approved, NAAC Accredited, BPUT Affiliated)
Ref. No.:RITE/HR/Advt.
RECRUITMENT OF FACULTY & STAFF
RITE Bhubaneswar is a premier institute offering B.Tech., full time MBA and proposed MCA programs.
RITE Bhubaneswar invites applications from eligible & experienced candidates for following positions:
1.MCA Dept.: Professor/ Associate Professors / Asst. Professors.
2.Dept. of Mgmt. Studies (MBA) : Professor/ Associate Professors/Asst. Professors (HR/Fin./Mkt.)
3.CSE Dept.: Associate/ Asst. Professor
4.Admission Dept.: Admissions Officer
5.Central Library.: Assistant Librarian
SALARY: AS PER AICTE NORMS/ INDUSTRY STANDARDS.
For further details and to download Application form, please visit CAREERS tab on our website: www.riteindia.edu.in
The last date of submission of duly filled applications is 20.06.2022.
The authority reserves the right to reject any or all applications without assigning any reason.
-SD-
DIRECTOR
RITE Bhubaneswar, IDCO Plot-1, IDCO Industrial Estate Barunei, Bhubaneswar - 752 057, India, Phone: 8895199998
Email:riteodisha@gmail.com, Web : www.riteindia.edu.in

REQUIRED
Candidates required for a leading Chartered Accountant Firm for the Post of Audit Executives.
Min.Qualification- CMA/CA Inter,
Salary- Negotiable
Send CV - career@osplmail.com
Plot No.-3029, Ravi Talkies Road, Bhubaneswar-2.
Ph.-8093088313/ 8093088314

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରରେ ହେଭି ଲାଇସେନ୍ସପ୍ରାପ୍ତ ସ୍ଥାୟୀ ଟ୍ରକ୍ ଡ୍ରାଇଭର ଆବଶ୍ୟକ ।
ଯୋଗାଯୋଗ
୮୪୫୫୮୯୮୪୫୬






# ଲେଖା ଭିତରୁ ଉଧେଇଥାଏ ଲେଖାର ଶୈଳୀ

– ଗୀତାଞ୍ଜଳି ଶ୍ରୀ

ଗୀତାଞ୍ଜଳି ଶ୍ରୀଙ୍କ ଜନ୍ମ ୧୨ ଜୁନ୍ ୧୯୫୭ରେ, ଉତ୍ତରପ୍ରଦେଶର ମୈନପୁରୀରେ। ହିନ୍ଦୀ ଭାଷାର ଏହି ପ୍ରତିଭାମୟୀ ଲେଖିକାଙ୍କର ପାଞ୍ଚଟି ଉପନ୍ୟାସ ଓ ବହୁ ଗଳ୍ପ ପ୍ରକାଶ ପାଇଛି। ୨୦୦୦ ମସିହାରେ ପ୍ରକାଶିତ 'ମାଇ' (ମାଆ) ମର୍ଯ୍ୟାଦାଜନକ 'କ୍ରସ୍‌ୱାର୍ଡ ବୁକ୍ ଆୱାର୍ଡ' ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଛି ଓ ୨୦୧୮ରେ ପ୍ରକାଶିତ ଉପନ୍ୟାସ 'ରେତ ସମାଧି' (ବାଲୁକା ସମାଧି)ର ଇଂଲିଶ୍ ଅନୁବାଦ 'Tomb of Sand' ପାଇଁ ତାଙ୍କୁ ମିଳିଛି ୨୦୨୨ର ଅନ୍ତର୍ଜାତୀୟ ବୁକର୍ ପୁରସ୍କାର। ଗୀତାଞ୍ଜଳିଙ୍କ ଜୀବନ ଓ କୃତି ଉପରେ ଏଇ ସଂକ୍ଷିପ୍ତ ଆଲେଖ୍ୟ ସହ ଏଠି ସ୍ଥାନିତ ଗୀତାଞ୍ଜଳିଙ୍କର ଏକ ଚର୍ଚ୍ଚିତ ସାକ୍ଷାତ୍‌କାରର ସମ୍ପାଦିତ କିୟଦଂଶ...



ଗୀତାଞ୍ଜଳି ଶ୍ରୀ କେବେ ଥିଲେ ଉତ୍ତରପ୍ରଦେଶର ମୈନପୁରୀ ଗାଁର ଅଜଣାଅଶୁଣା ଝିଅ, ହେଲେ ୨୬ ମେ ୨୦୨୨ଠୁଁ ହେଲେ ହିନ୍ଦୀ ସାହିତ୍ୟର ଚର୍ଚ୍ଚିତା ଚେହେରା ଅନ୍ତର୍ଜାତୀୟ ବୁକର୍-ଜୟୀ। ଏହିଦିନ ଘୋଷିତ ହେଲା ତାଙ୍କ ଉପନ୍ୟାସ 'ରେତ ସମାଧି' (ବାଲୁକା ସମାଧି)ର ଅନୂଦିତ ଇଂଲିଶ୍ ରୂପ 'Tomb of Sand' ପାଇଁ ୨୦୨୨ର ବୁକର୍ ପୁରସ୍କାର, ଯାହାକୁ ମିଳିତ ଭାବେ ପାଇବେ ଲେଖିକା ନିଜେ ଓ ତାଙ୍କ ଇଂଲିଶ୍ ଅନୁବାଦିକା ଡେଜି ରକ୍‌ୱେଲ। ଗୀତାଞ୍ଜଳିଙ୍କ ବାପା ଅନିରୁଦ୍ଧ ପାଣ୍ଡେ ଥିଲେ ଭାରତୀୟ ପ୍ରଶାସନିକ ସେବାର ପଦସ୍ଥ ଅଧିକାରୀ। ତାଙ୍କର ପୈତୃକ ଗାଁ ଥିଲା ଗାଜିପୁର ଜିଲାର ଗୋଡ଼ଓର। ଗୀତାଞ୍ଜଳି ତାଙ୍କ ନାଁରୁ 'ପାଣ୍ଡେ' ସାଗାଁଟି ଉଡ଼େଇ ଦେଇ ଯୋଡ଼ି ଦେଇଥିଲେ ତାଙ୍କ ମାଆଙ୍କର ପ୍ରଥମ ନାମ 'ଶ୍ରୀ'।

ଲେଡି ଶ୍ରୀରାମ କଲେଜରୁ ଇତିହାସରେ ସ୍ନାତକ ଓ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପାସ୍ ପରେ ସେ ବରୋଦାର ମହାରାଜ ସୟାଜୀରାଓ ବିଶ୍ୱବିଦ୍ୟାଳୟରେ ପ୍ରେମଚାନ୍ଦଙ୍କ ଉପରେ ଗବେଷଣା କରି ପିଏଚ୍.ଡି. ଉପାଧି ହାସଲ କରିଥିଲେ। କିଛିଦିନ ପାଇଁ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ଅଧାପନା କରିବା ପରେ ସେ ସୁରଟର 'ସମାଜ ବିଜ୍ଞାନ ଅଧ୍ୟୟନ କେନ୍ଦ୍ର'ରେ ଉପାଧିଉତ୍ତର ଗବେଷଣାରେ ନିୟୋଜିତ ହୋଇଥିଲେ। ଏହି ସମୟରେ ହିନ୍ଦୀ ସାହିତ୍ୟ ପ୍ରତି ତାଙ୍କର ଉତ୍ସାହ ବଢ଼ିଥିଲା ଓ ସେ ଲେଖିଥିଲେ ତାଙ୍କ ଜୀବନର ପ୍ରଥମ ଗଳ୍ପ, ଯାହାର ଶୀର୍ଷକ ଥିଲା 'ବେଲପତ୍ର' (୧୯୮୭)। ପ୍ରଖ୍ୟାତ ହିନ୍ଦୀ ପତ୍ରିକା 'ହଂସ'ରେ ଗଳ୍ପଟି ପ୍ରକାଶ ପାଇବା ପରେ ଗାଳ୍ପିକା ଭାବେ ତାଙ୍କର ଏକ ପରିଚିତି ସୃଷ୍ଟି ହୋଇଥିଲା। ୧୯୯୧ରେ କେତେକ ଗଳ୍ପକୁ ନେଇ ପ୍ରକାଶ ପାଇଥିଲା ତାଙ୍କର ପୁସ୍ତକ 'ଅନୁଗୁଞ୍ଜ'।

୨୦୧୭ରେ ଉପନ୍ୟାସ 'ମାଇ' (ମାଆ)ର ଇଂଲିଶ୍ ଅନୁବାଦ (ଅନୁବାଦକ: ନୀତା କୁମାର) ନିୟୋଗୀ ବୁକ୍ସ ଦ୍ୱାରା ପ୍ରକାଶ ପାଇବା ପରେ ଲେଖିକା ଭାବେ ଗୀତାଞ୍ଜଳିଙ୍କର ପ୍ରସିଦ୍ଧି ବଢ଼ିଥିଲା। ଉତ୍ତର ଭାରତର ଏକ ମଧ୍ୟବିତ୍ତ ପରିବାରର ତିନି ପିଢ଼ିର ନାରୀ ଓ ପୁରୁଷଙ୍କୁ ନେଇ ଉପନ୍ୟାସର ବିଷୟବସ୍ତୁ ପରିକଳ୍ପିତ ହୋଇଥିଲା। 'ମାଇ'ର ଇଂଲିଶ୍ ଅନୁବାଦ ପାଇଁ ନୀତା କୁମାରଙ୍କୁ ମିଳିଥିଲା କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର। ଏକାଧିକ ଭାରତୀୟ ଭାଷା ସମେତ ସର୍ବିୟା ଓ କୋରିଆ ଭାଷାରେ ମଧ୍ୟ 'ମାଇ' ଅନୂଦିତ ହୋଇଥିଲା। ଏହାର ଉର୍ଦ୍ଦୁ ଅନୁବାଦ କରିଥିଲେ ବସିର୍ ଉନୱାନ୍ ଓ ମୁଖବନ୍ଧ ଲେଖିଥିଲେ ଇନ୍ତିଜାର୍ ହୁସେନ୍। ଫରାସୀ ଓ ଜର୍ମାନୀ ଭାଷାରେ ଅନୁବାଦ କରିଥିଲେ ଯଥାକ୍ରମେ ଆନ୍ନି ମୋଣ୍ଟାଉଟ୍ ଓ ରେନ୍‌ହୋଲ୍‌ଡ ସ୍କେଇନ୍।

ବାବ୍ରୀ ମସ୍‌ଜିଦ୍ ଭଙ୍ଗ ପରେ ପରେ ଗୀତାଞ୍ଜଳି ଲେଖିଥିଲେ ତାଙ୍କର ଦ୍ୱିତୀୟ ଉପନ୍ୟାସ 'ହମାରା ସହର ଇସ୍ ବରଷ୍'। ତାଙ୍କର ଚତୁର୍ଥ ଉପନ୍ୟାସ 'ଖାଲି ଜାଗା' ପ୍ରକାଶ ପାଇଥିଲା ୨୦୦୬ରେ। ଏହା ଇଂଲିଶ୍, ଫରାସୀ ଓ ଜର୍ମାନୀ ଭାଷାରେ ଅନୂଦିତ ହୋଇଥିଲା। 'ରେତ ସମାଧି' ଗୀତାଞ୍ଜଳିଙ୍କ ପଞ୍ଚମ ଉପନ୍ୟାସ, ଯାହାର ବିଷୟ କଳ୍ପନା ଓ ଭାଷା ଥିଲା ଖୁବ୍ ପ୍ରଭାବଶାଳୀ। ବହିଟିର 'ପ୍ରବାହୀ-କଳ୍ପନା' ଓ 'ଭାଷିକ ବିଚକ୍ଷଣତା', 'ଅଭୂତପୂର୍ବ' ଏବଂ 'ଅନାସ୍ୱାଦିତ' ବୋଲି କହିଛନ୍ତି ଆଲ୍‌କା ସରାଓଗୀ। ଉପନ୍ୟାସ ଓ ଗଳ୍ପ ବ୍ୟତୀତ ସାହିତ୍ୟ-ସମାଲୋଚନା ଓ ଗବେଷଣା ବିଶେଷକରି ପ୍ରେମଚାନ୍ଦଙ୍କ ସାହିତ୍ୟ ଗବେଷଣାରେ ଗଭୀର ନିଷ୍ଠା ଥିଲା ଗୀତାଞ୍ଜଳିଙ୍କର। ତାଙ୍କ ଲିଖିତ "Between Two Worlds: An Intellectual Biography of Premchand" ଏକ ଉଚ୍ଚମାନର ଗବେଷଣାଗ୍ରନ୍ଥ। ହିନ୍ଦୀ ସାହିତ୍ୟକୁ ଗୁଣାତ୍ମକ ଅବଦାନ ପାଇଁ ଲେଖିକା ବହୁ ସମ୍ମାନରେ ସମ୍ମାନିତା ହୋଇଛନ୍ତି, ଯହିଁରେ ସାମିଲ 'ଇନ୍ଦୁ ଶର୍ମା କଥା ସମ୍ମାନ ପୁରସ୍କାର' ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତଥା ଜାପାନ ଫାଉଣ୍ଡେସନର ଫେଲୋ ପଦ। ଅନୁବାଦ ପାଇଁ ବୁକର୍ ପୁରସ୍କାର ଲାଭ କରିବାରେ ହିନ୍ଦୀ ଭାଷାର ପ୍ରଥମ ଭାରତୀୟ ଲେଖିକା ଗୀତାଞ୍ଜଳିଙ୍କୁ 'ଧରିତ୍ରୀ'ର ଅନ୍ତରଙ୍ଗ ଅଭିନନ୍ଦନ।

ଭାରତ-ଭାରତୀ




## ସର୍ଜନଶୀଳ ସାହିତ୍ୟ ଏକ ଯାତ୍ରା...

**ପ୍ର:** ଆପଣଙ୍କ ଲେଖାରେ ଥାଏ ଏକ ନିଆରା ଶୈଳୀ। ଏହା ସ୍ୱତଃସ୍ଫୂର୍ତ୍ତ ନା ପୂର୍ବ-ଭାବିତ?

**ଉ:** ସର୍ଜନଶୀଳ ଲେଖାର ଶୈଳୀ ସେଇ ଲେଖା ଭିତରୁ ହିଁ ଉଧେଇଥାଏ। ଲେଖା ସାଙ୍ଗରେ ପ୍ରକଟିତ ହୋଇଚାଲିଥାଏ। ଲେଖାର ବିଷୟ, ଚରିତ୍ର ଓ ଶୈଳୀ ପରସ୍ପରକୁ ପ୍ରଭାବିତ କରିଥାନ୍ତି। ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଗଢ଼ିଥାନ୍ତି।

**ପ୍ର:** 'ମାଇ' ଉପନ୍ୟାସରେ ଆପଣ ମାଆର ପିଠିକୁ ମେଟାଫର ଭାବେ ନେଇଛନ୍ତି। ତା'ର ମୁହଁ, ଛାତି ବା ଚମଧୁଡୁଧୁଡୁ ହାତକୁ ନେଲେ ନାହିଁ କାହିଁକି?

**ଉ:** ସାହିତ୍ୟରେ ଏକ ଯାତ୍ରାର ଆରମ୍ଭ ହୁଏ ଏବଂ ଯିବାବାଟରେ ଆଉ ସବୁ ଆବିଷ୍କୃତ ହୁଏ। ଯେମିତି 'ମାଇ'ରେ ମୁଁ ମାଆର ପିଠିକୁ ଆବିଷ୍କାର କଲି। ଭାବିଲି ମୁହଁ, ଛାତି ବା ହାତଠୁଁ ଅଧିକ ଭାବେ ଏହା ମୁଁ ଚାହୁଁଥିବା କଥା କହି ପାରିବ।

**ପ୍ର:** 'ମାଇ'ରେ ଆପଣ ଅତୀତ ଉପରେ ନିର୍ଭରଶୀଳ। ଆପଣଙ୍କ ବିଷୟ ଅବତାରଣା ପାଇଁ 'ଅତୀତ' କ'ଣ ଅଧିକ ସହାୟୀ?

**ଉ:** ଆମ ଭିତରେ 'ଅତୀତ' ନିତ୍ୟ ଉପସ୍ଥିତ। ଏହା ସଦା ପରିଚିତ। କିନ୍ତୁ ଏଥିରେ 'ବର୍ତ୍ତମାନ'ର ରେଖାପାତ ବି କମ୍ ନୁହେଁ। ଆମେ ଆମର ବର୍ତ୍ତମାନ ଦେଇ ଅତୀତକୁ ଅନବରତ ଗଢ଼ି ଚାଲିଥାଉଁ। 'ମାଇ'ରେ 'ଅତୀତ' ଓ 'ବର୍ତ୍ତମାନ' ଅବିଚ୍ଛିନ୍ନ।

**ପ୍ର:** ଆପଣଙ୍କ ଲେଖାର ସବୁଠୁଁ ବଡ଼ ଅଭିପ୍ରାୟଟି କ'ଣ?

**ଉ:** ମୁଁ ମୋ' ଲେଖାରେ ଖୁବ୍ ସରଳ କଥା କହିଥାଏ ଓ ଏପରି ଭାବେ କହିବାକୁ ଚାହିଁଥାଏ ଯେ ତାହା ଯେପରି ସେଇ ଭାଷାଗୋଷ୍ଠୀର ପ୍ରତିଟି ପାଠକ ବୁଝିପାରିବେ।

**ପ୍ର:** ଆପଣ ଜଣେ ଲେଖିକା। ଲେଖିବାବେଳେ ଆପଣଙ୍କ 'ଲେଖକୀୟ ସତ୍ତା'କୁ ଆପଣଙ୍କ 'ନାରୀସତ୍ତା' ଆବୋରି ବସେ କି?

**ଉ:** ନା। ମୋ' ଲେଖକୀୟ ସତ୍ତା ଉପରେ ମୋ' ନାରୀସତ୍ତା କେବେ ବି ଅଧିକାର ଜାହିର କରେ ନାହିଁ। ସାହିତ୍ୟ କଳ୍ପନାର ବ୍ୟାପାର। ମଣିଷ, ଜୀବଜଗତ ବା ବୃକ୍ଷଲତା ଭିତରକୁ ଅନ୍ତର୍ଯାତ୍ରାର ଏକ ବ୍ୟାପାର। ସତ୍ତାର ବଳ କଷାକଷି ସାହିତ୍ୟରେ ଅବାନ୍ତର।

**ପ୍ର:** ପାଶ୍ଚାତ୍ୟ ଦେଶରେ ଲେଖକ ହେବା ସହଜ କି?

**ଉ:** ଶୁଦ୍ଧ ସୃଜନ-ଶକ୍ତିର ପ୍ରକଟନ କେଉଁଠି ବି ସହଜ ନୁହେଁ। ଜୀବନର ସବୁ ମାର୍ଗରେ କ୍ଲେଶ ଅଛି। ଖାଲି ଲେଖକର ସଂଗ୍ରାମକୁ ମୁଁ ଅନ୍ୟ ସଂଗ୍ରାମଠୁଁ ବଡ଼ କରି ଦେଖେ ନାହିଁ। ଏକଥା ସତ ଯେ, ଭାରତରେ ଲେଖାଲେଖି କରୁଥିବା ଲୋକଙ୍କୁ କମ୍ ମାନ୍ୟତା ମିଳେ। ଏଠି ଲେଖାକୁ ବୃତ୍ତି ଭାବେ କ୍ୱଚିତ୍ ନେଇହୁଏ।

**ପ୍ର:** ଆପଣଙ୍କ ବହିର ଗର୍ଭାଧାନ କିପରି ହୁଏ?

**ଉ:** ଏକ ଭାବନା, ଏକ ସଂଳାପ ବା ଏକ ଚିତ୍ରକଳ୍ପ- ଏଥିରୁ ଯେକୌଣସି ଗୋଟିକ ଦ୍ୱାରା ଏକ ବହିର ଗର୍ଭାଧାନ ହୋଇପାରେ। କିନ୍ତୁ ଲେଖକର ବିନା ପ୍ରଚେଷ୍ଟାରେ ଏହା ହୁଏ ବୋଲି ମୁଁ ମନେକରେନି। ଗୋଟିଏ ଲେଖାକୁ ନିଖୁଣ କରିବା ପାଇଁ ଲେଖକ ତା' ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥାଏ। ସ୍ୱତଃସ୍ଫୂର୍ତ୍ତତା କଳାତ୍ମକ ଲେଖାର ନଗଣ୍ୟ ଅଂଶ ମାତ୍ର।

**ପ୍ର:** ଆପଣ ବିଭିନ୍ନ ବିଷୟ ଲେଖିବାରେ ଆଗ୍ରହୀ ଓ ଆଶା ରଖନ୍ତି ଯେ ଆପଣଙ୍କ ପ୍ରତିଟି ଲେଖାରେ ପାଠକ ଆପଣଙ୍କୁ ନୂଆକରି ଆବିଷ୍କାର କରୁ। ଆପଣଙ୍କ ଗଳ୍ପ/ଉପନ୍ୟାସରେ ଏହା ସମ୍ଭବ ହୋଇଛି କି?

**ଉ:** ସାହିତ୍ୟର ନାନା ଭୂମିକୁ ମୁଁ ମୋ' ଲେଖାରେ ଛୁଇଁବାକୁ ଚେଷ୍ଟା କରିଛି। ମୋର ପ୍ରତ୍ୟେକ ଲେଖାରେ ମୁଁ ଭିନ୍ନ ଭାବେ ପ୍ରତୀତ ହୁଏ- ଏହା ମୋର ଆକାଂକ୍ଷା ନୁହେଁ। ମୋ' ଗଳ୍ପ/ଉପନ୍ୟାସରେ ଯଦିଓ କେବେକେବେ ଏପରି ଘଟିଛି। ମୋତେ ଲାଗେ, ମୁଁ ଏବେ ବି ମୋ' ଈପ୍‌ସିତ ସୃଜନ-ଭୂମିକୁ ମୋ' ଲେଖାରେ ଆବିଷ୍କାର କରିପାରି ନାହିଁ। ଏହା ହେବା ପର୍ଯ୍ୟନ୍ତ ସାଧନା ଜାରି ରଖିବି। ମୋର ଆଗାମୀ ଲେଖା କହିବ, ସେସବୁ ଲେଖାରେ ମୁଁ ଏକା ଲୋକ ନା ଅଲଗା ଅଲଗା!

[ସୌଜନ୍ୟ: Deep Blue Ink.com]

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

## କବିତା

### ରାଜଧାନୀ ରାସ୍ତା

ଦୀପକ କୁମାର ମିଶ୍ର

॥ ୧ ॥
ତହତହ ମୁଣ୍ଡଫଟା ଖରାରେ
ରାଜଧାନୀ ରାସ୍ତା ତରଳିଛି,
ବିଦାରି ହୋଇ ଅଠାପରି
ବୋହିବାକୁ ଲାଗିଲେଣି
ସଦ୍ୟ ବିକୀର୍ଣ୍ଣ ପିଚୁର ପରସ୍ତ...।

ଦରଘୋରା ଚପଲରେ
ନେସି ହୋଇ ଯାଉଥିବା
ପିଚୁକୁ ଘୋଷାରି ଘୋଷାରି
ନିଜ ଭାଗ୍ୟକୁ ଆଦରି
ବିଚରା ବାଟୋଇ
ପାରି ହେଉଛି ପିଚୁ ରାସ୍ତା,
ଜୀବନରେ କଳା କାରନାମାର
କଳଙ୍କ ଓ ଚପଲରେ ଘଷା ପିଚୁ
ସହଜରେ ଛାଡ଼େନାହିଁ ଯେ!

ରାସ୍ତା ମଝିରେ ତିଆରି କଂକ୍ରିଟ୍
ବିଭାଜକ ଗାର, ଗାରରେ ଜକାଜକି
ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି
ରଙ୍ଗବେରଙ୍ଗ କାଗଜଫୁଲ ଗଛ,
ବିନା ପାଣିରେ ବି ଦେଖିବାକୁ
ଟହଟହ, ଚିକ୍କଣ
ଏହି ସହରୀ ରାସ୍ତାର ଛାତିରେ
ବାସହୀନ କାଗଜଫୁଲଗୁଡ଼ିକ
ଝାଞ୍ଜି ମାଡ଼ରେ
ଆସ୍ତେ ଆସ୍ତେ ଶେତା ପଡ଼ିଲେଣି,
ବିଚରା ଫୁଲ ପାଖୁଡ଼ା ସବୁ
ଇତସ୍ତତଃ ଉଡ଼ି ପଡ଼ନ୍ତି ଯାଇ
ରାସ୍ତାର ଖାଲଖମା ଘା'ଗୁଡ଼ିକରେ
ଲାଖି ନେସି ହୋଇ ରହନ୍ତି
ମଲମର ରଙ୍ଗିନ ଲେପ ପରି!

॥ ୨ ॥
ସନ୍ଧ୍ୟା ଆସିଲାଣି, ଛକମାନଙ୍କରେ
ହାଇମାଷ୍ଟ ଲାଇଟ୍ ଜଳିଲାଣି
ପିଚୁବୋଳା ରାସ୍ତା ଏବେ ନିଅନ
ଆଲୁଅରେ
ଝଲସି ଶ୍ୟାମା ସୁନ୍ଦରୀ ମାୟାବିନୀ
ପରି
ଚିକ୍‌ଚିକ୍ ଦିଶୁଛି,
ପିଇଁପାଆଁର ସ୍ୱରରେ
ଭିଡ଼ ଜମିଲାଣି
ଆସ୍ତେ ଆସ୍ତେ ତାତି କମିଲାଣି,
ରାତି ବଢ଼ିଲାଣି,
ସଭିଏଁ ଘରକୁ ଫେରିଲେଣି।

ଏବେ ରାସ୍ତା ସମସ୍ତଙ୍କୁ
ବିଦାୟ ଦେଇ
ଠିକ୍ ଶୋଇବା ପୂର୍ବରୁ
ପୁଣି ସଜ ହେଉଛି...
ପୁଣି ବୋଧେ ଗରାଖ ଆସିବେ
ତା' ଛାତିରେ ମେଶିନ ବସାଇବେ
ବୁକୁ ତା'ର ଖୋଳା ହେବ
ଦେହ ତା'ର ଦୁଲୁକିବ
ଦୁମ୍‌ଦୁମ୍ ଧମ୍‌ଧମ୍ ମୃଦଙ୍ଗ ତାଳରେ
ନୋ-ଏଣ୍ଟ୍ରିର ଫିତା-ବୋର୍ଡ
ପୋତାହୋଇ ଲେଖାହେବ 'କାମ
ଚାଲିଛି...'

ଏମିତି କେତେ ଦିନ ଚାଲିବ
ଏ ଅବାଞ୍ଛିତ ଅନ୍ତହୀନ କାମ,
ଶରୀର ଅବଶ ହେବା ପରେ
ଡାହାଣ ହାତରେ ତା' ଛାତିରେ
ଜଳନ୍ତା ବିଡ଼ିଟିଏ ଖେଞ୍ଚି
ବାମ ହାତରେ
ଧୀରେଧୀରେ ଆଉଁଶି
ମିସ୍ତ୍ରି ଟୋକା କହେ
ବାବୁ କହିଛନ୍ତି ରାସ୍ତା ଛାତିରୁ କାଳେ
ସବୁ କଳା ମିଟ୍‌ମିଟ୍
ରକତ ନିଗିଡ଼ିଗଲେ
ଆହୁରି ଚିକଣିଆ ଦିଶିବ ଏ ସହର!

ମୋ: ୮୨୮୦୨୧୧୦୦୦

### ଲୁହ

ଦୀପ୍ତି ଖଣ୍ଡୁଆଳ

ତୁମ ଶୁଣିବା ବାହାରେ
ଏକ ଅନୁଚ୍ଚାରିତ ଶବ୍ଦ।
ଅଧାଲେଖା ପାଣ୍ଡୁଲିପି...
ଦୁନିଆର ମାଟିରୁ ଅଙ୍କୁରିତ ହେବାପାଇଁ
ଭାଗ୍ୟର ପ୍ରତିକୂଳ ଜଳବାୟୁରେ
ତୁମ ଅଦମ୍ୟ ଉଦ୍ୟମ
ଆଜି ଚିପୁଡୁଛି...
ପରିଜନଙ୍କ ଆଖିର ମାଂସପେଶୀ।

ପଇଁତିରିଶ ବର୍ଷଧରି
ମୋ' ବେସାହାରା ପାଖୁଡ଼ାକୁ
ଖଞ୍ଜୁଥିବା ଫୁଲର କାରିଗର...
କେଉଁ ରଙ୍ଗତୂଳୀରେ
କିପରି ଆଙ୍କିବି ତୁମ ବ୍ୟକ୍ତିତ୍ୱକୁ!


ତୁମେ ମନ୍ତ୍ରପୂତ ମଳୟର
ଅପୂର୍ବ ଅନୁସୃଜନ।
ମୁଁ ଭାବେ ନାହିଁ ଯେ,
ତୁମେ ମୋର କେହି ଜଣେ।
ମେଘ ତୁଟାଇବା ପାଇଁ
ମୋ' ଆଖିର ଆକାଶରୁ
ନିଆଁର ଦଉଡ଼ିରେ ବନ୍ଧା
ତୁମେ ଦେବଦୂତ...

ମାଟିର ମର୍ତ୍ତ୍ୟରୁ ସ୍ୱର୍ଗର ତୋରଣଯାକେ
ତୁମେ ଜ୍ୱଳନ୍ତ ସ୍ତବକ,
ଲୁହର ପାଖୁଡ଼ାରେ
ତୁମେ ଆଜି ବନ୍ଦୀ ମହକ।

ମୋ: ୯୯୩୮୧୪୫୫୩୪

## ପୁସ୍ତକ ପରିଚୟ

### ପଶ୍ଚିମ ଓଡ଼ିଶାର ଜନଜୀବନ ଓ ଲୋକ ସଂସ୍କୃତି




**ଲେଖିକା:** ଶିବପ୍ରିୟା ମିଶ୍ର
**ପ୍ରକାଶକ:** ବନଫୁଲ, କଟକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୫/-

ଆଲୋଚ୍ୟ ଗ୍ରନ୍ଥରେ ମୋଟ ୧୯ଟି ନିବନ୍ଧ ସ୍ଥାନିତ ଏବଂ ସେ ସବୁ ପଶ୍ଚିମ ଓଡ଼ିଶାର ଜନଜୀବନ ଓ ଲୋକ ସଂସ୍କୃତିକୁ ନେଇ। ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ଉତ୍ସବର ସ୍ଥିତି, ନୂଆଁଖାଇ ପର୍ବ, ବ୍ରଜରାଜନଗରର ପର୍ବପର୍ବାଣି, ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ ପରମ୍ପରା, ସମ୍ବଲପୁରୀ ଲୋକନୃତ୍ୟ, ପଶ୍ଚିମ ଓଡ଼ିଶାର ଲୋକଗୀତ ଓ କବିତାରେ ଲୋକ ଆଭୂଷଣର ଝଲକ, ନାମ ସଂକୀର୍ତ୍ତନ ପରମ୍ପରା, ସମ୍ବଲପୁରୀ ଲୋକଗୀତରେ ଆଧ୍ୟାତ୍ମିକ ଭାବନା ଓ ଝୋଟି ଆଦି ବିଭବକୁ ନେଇ ଲେଖିକାଙ୍କ ଦୃଷ୍ଟିକୋଣ ତାଙ୍କ ଅଧିତ ଜ୍ଞାନ ଓ ମୌଳିକ ବିଶ୍ଳେଷଣର ପରିଚୟ ଦିଏ। "କୋଶଲୀ ଭାଷାର କବି ବାଲାଜୀ ମେହେର ଓ ଗୁଁଡିଆ" ଶୀର୍ଷକ ଲେଖାରେ 'ଗୁଁଡିଆ' ଅର୍ଥାତ୍ 'ମଶା' ଚରିତ୍ରରେ କବି ଯେପରି ମାନବ ସମାଜର ସାଦୃଶ୍ୟ ସନ୍ଧାନ କରିଛନ୍ତି, ତା'ର ବିଶ୍ଳେଷଣ ଲେଖିକା ଖୁବ୍ ପ୍ରାଞ୍ଜଳ ଭାବେ କରିଛନ୍ତି। "ମୁଁ ବ୍ରଜରାଜନଗର କହୁଛି"ରେ ବ୍ରଜରାଜନଗର ତା'ର ଚଳନ୍ତି ଇତିହାସ ବଖାଣିଛି ପ୍ରଥମ ପୁରୁଷରେ। ଗ୍ରନ୍ଥର ଶେଷ ନିବନ୍ଧ "ଗଉଁଲିଆ ରାମାୟଣ"। ସମ୍ବଲପୁରୀ/କୋଶଲୀ ଭାଷାରେ ୧୯୨୫ରୁ ୧୯୩୦ ମଧ୍ୟରେ ରଚିତ ଏହି ରାମାୟଣର କବି ହେଉଛନ୍ତି ସ୍ୱର୍ଗତ କପିଳ ମହାପାତ୍ର। ଶିବପ୍ରିୟା ଏହି ଲୋକପ୍ରିୟ ରାମାୟଣର ବିଶ୍ଳେଷଣ କରିଛନ୍ତି ନିଜର ବିଦ୍ୟାବୁଦ୍ଧି ଦେଇ ଅତି ହୃଦୟଘେନା ଭାଷାରେ। ପୁସ୍ତକଟି ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ ଅଧ୍ୟୟନରେ ଯେ ଏକ ପ୍ରୟୋଜନୀୟ ଭୂମିକା ନିର୍ବାହ କରେ, ଏଥିରେ ସନ୍ଦେହ ନାହିଁ।

### ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର ଜନ୍ମ ଶତବାର୍ଷିକୀ ସ୍ମରଣିକା




**ମୁଖ୍ୟ ସମ୍ପାଦକ:** ଡ. ଚିତ୍ତରଞ୍ଜନ ମିଶ୍ର
**ପ୍ରକାଶକ:** ଜି.ଏନ୍. ମହାପାତ୍ର ଫାଉଣ୍ଡେସନ, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ନିଃଶୁଳ୍କ

୨୭୮ ପୃଷ୍ଠାର ଏ/୪ ସାଇଜ୍‌ର ଏହି ସ୍ମରଣିକାଟି ପ୍ରାତଃସ୍ମରଣୀୟ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବକାଶରେ ମେ ୨୦୨୨ରେ ପ୍ରକାଶ ପାଇଛି, ଯାହାର ମୂଳ ସ୍ଥପତି ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଡ. ଗିରିଜାନନ୍ଦନ ମହାପାତ୍ର। ଦ୍ୱି-ଭାଷିକ ଏହି ସ୍ମରଣିକାରେ ୩୩ଟି ଓଡ଼ିଆ ଓ ୧୮ଟି ଇଂଲିଶ୍ ନିବନ୍ଧ ସାଙ୍ଗକୁ ଶତବାର୍ଷିକୀ ଅବସରରେ ବିଭିନ୍ନ ବିଜ୍ଞାନୀ ଓ ବିଦ୍ୱାନ୍‌ମାନଙ୍କର ସମ୍ଭାଷଣ ସ୍ଥାନିତ ହୋଇଛି। ଓଡ଼ିଆ ବିଭାଗରେ ଗୋକୁଳାନନ୍ଦଙ୍କ ବୈଜ୍ଞାନିକ ଅବଦାନ, ସାହିତ୍ୟିକ ସଂରଚନା ଓ ସମାଜ ଜୀବନକୁ ତାଙ୍କର ଅଯାଚିତ କରୁଣାର ବିବରଣ ବହୁ ବିଶିଷ୍ଟ ଲେଖକଙ୍କ ଦ୍ୱାରା ଲିପିବଦ୍ଧ ହୋଇଛି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଶାନ୍ତନୁ କୁମାର ଆଚାର୍ଯ୍ୟ, ଗୋପବନ୍ଧୁ ବେହେରା, ବୈଷ୍ଣବ ଚରଣ ସାମଲ, ସୂର୍ଯ୍ୟମଣି ବେହେରା, ସୁଦର୍ଶନ ପଟ୍ଟନାୟକ, ନିତ୍ୟାନନ୍ଦ ସ୍ୱାଇଁ, ରମେଶ ଚନ୍ଦ୍ର ପରିଡ଼ା, ହରି ପ୍ରସାଦ ଦାସ, ଅଶୋକ କୁମାର ମହାପାତ୍ର ଓ ସୁବାସିନୀ ଲେଙ୍କା ପ୍ରମୁଖ। ଇଂଲିଶ୍ ବିଭାଗଟି ସମୃଦ୍ଧ ହୋଇଛି ବଳରାମ ସାହୁ, ପ୍ରଫୁଲ୍ଲ କୁମାର ଜେନା, ପ୍ରିୟମ୍ବଦା ମହାନ୍ତି ହେଜମାଦି, ବିନାୟକ ରଥ, ଦେବଦାସ ଛୋଟରାୟ, ନିରଞ୍ଜନ ତ୍ରିପାଠୀ, ବୈଷ୍ଣବ ଚରଣ ସିଂହ, ପ୍ରଫୁଲ୍ଲ କୁମାର ମହାନ୍ତି ଓ ଗିରିଜାନନ୍ଦନ ମହାପାତ୍ର ପ୍ରମୁଖ ମହାନୁଭବୀ ବହୁ ଲେଖକଙ୍କ ରଚନାରେ, ଯେଉଁମାନଙ୍କର ବିଜ୍ଞାନ, ଇଞ୍ଜିନିୟରିଂ, ଡାକ୍ତରି ଓ ଅଧ୍ୟାପନା ଆଦି ବିବିଧ ବୃତ୍ତିରେ ବ୍ୟୁତ୍ପତ୍ତି ଥିବା ସହ ବୈଜ୍ଞାନିକ ଗୋକୁଳାନନ୍ଦଙ୍କୁ ଖୁବ୍ ନିକଟରୁ ଦେଖିଛନ୍ତି। ସ୍ମରଣିକାର ସମ୍ପାଦନାମଣ୍ଡଳୀରେ ଅଛନ୍ତି ଡ. ନିତ୍ୟାନନ୍ଦ ସ୍ୱାଇଁ, ଡ. ହୃଷୀକେଶ ମଲ୍ଲିକ ଓ ଶ୍ରୀ ସଂଜିତ୍ କୁମାର ପଟ୍ଟନାୟକ। ଅନ୍ତର୍ଜାତୀୟ ମାନର ଏହି ସ୍ମରଣିକାଟିରେ ସ୍ଥାନିତ ଗୁଣାତ୍ମକ ଫଟୋଗୁଡ଼ିକ ଗୋକୁଳାନନ୍ଦଙ୍କ ଦୁର୍ଲଭ ଜୀବନର ବିରଳ ସ୍ମୃତି-ଲିପି।

## ଦିନିକିଆ କାର୍ତ୍ତିକ

ଶ୍ରୁତକୀର୍ତ୍ତି ତ୍ରିପାଠୀ

ଲଘୁ ଗଳ୍ପ

କାର୍ତ୍ତିକ ମାସ ଆସିବା ପୂର୍ବରୁ ସ୍ତ୍ରୀ ଯୋଜନା କରୁଥିଲେ, ଏ ମାସସାରା ନିଜ ସହିତ ପୂରା ପରିବାର ସଦସ୍ୟଙ୍କୁ କାର୍ତ୍ତିକ ପାଳନ କରିବା ପାଇଁ କେମିତି ମନେଇବେ। ସ୍ୱାମୀ ଏବଂ ପିଲାମାନଙ୍କୁ କହିଲେ, "ଏଥର ସମସ୍ତେ କାର୍ତ୍ତିକ ମାନିବା, ଘରକୁ ମାସଟାଯାକ ଜମା ଆମିଷ ଯେମିତି ନ ଆସେ। ମୁଁ ପୂର୍ବ ବର୍ଷ ଭଳି ଏତେ ପ୍ରକାର ରୋଷେଇ କରିପାରିବି ନାହିଁ।"


ସ୍ୱାମୀ ସାଙ୍ଗେ ସାଙ୍ଗେ ଯୁକ୍ତି ବାଢ଼ିଲେ, କ'ଣ ପିଲାମାନେ! ତମେ ସବୁ ରାଜି ତ? ପିଲାଙ୍କ ଆମ୍ବିଲା ମୁହଁ ଦେଖି ସ୍ୱାମୀ କହିଲେ, ବୁଝିଲ ଘରଣୀ ମହାଶୟା ଏଇ କାର୍ତ୍ତିକ ପାଳନର ତିନୋଟି ପ୍ରକାର ଭେଦ ରହିଛି। ପ୍ରଥମ, ଯିଏ ପୂରା ମାସଟା ଆମିଷ ଖାଆନ୍ତିନି। ଦ୍ୱିତୀୟ, ଯିଏ କେବଳ ପଞ୍ଚକରେ ଆମିଷ ଖାଆନ୍ତି ନାହିଁ। ତୃତୀୟ, ଯେଉଁମାନେ କେବଳ କାର୍ତ୍ତିକ ପୂର୍ଣ୍ଣିମା ଦିନଟି ଆମିଷ ଖାଆନ୍ତି ନାହିଁ। ଆଉ ଆମେ ହେଲୁ ସେଇ ଦିନିକିଆ କାର୍ତ୍ତିକ ପାଳନ କରି ଧର୍ମ ଅର୍ଜନ କଲା ଲୋକ।

ପିଲାମାନେ ସମ୍ମତିସୂଚକ ହସରେ କୁରୁଳି ଉଠୁଥିଲା ବେଳେ ସ୍ତ୍ରୀ ଦାନ୍ତ କଡ଼ମଡ଼ କରି ଚୁପ୍ ରହିବାକୁ ବାଧ୍ୟ ହେଲେ।

ମୋ: ୬୩୭୦୫୧୬୪୭୮

## କାଳକାଳକୁ

"ଯେତେବେଳେ ତମେ ସବୁଠୁଁ
ପ୍ରତିକୂଳ ସ୍ଥିତିରେ ଅଛ,
ସେଠୁ ଘୁଞ୍ଚ ନାହିଁ ଟିପେ ବି; କାରଣ
ଯେଉଁଠି ଉଠିଛି ଜୁଆର,
ଭଟ୍ଟା ପଡ଼ିବ ସେଇଠି।"
–ହାରିଏଟ୍ ବିଚର୍ ଷ୍ଟୋୟେ



**ହାରିଏଟ୍ (ଏଲିଜାବେଥ୍) ବିଚର୍ ଷ୍ଟୋୟେଙ୍କ** ଜନ୍ମ ୧୪ ଜୁନ୍ ୧୮୧୧ରେ, ଆମେରିକାର ଲିଚ୍‌ଫିଲ୍‌ଡିରେ ଓ ପରଲୋକ ୧ ଜୁଲାଇ ୧୮୯୬ରେ ହାର୍ଟଫୋର୍ଡରେ। ସେ ମୋଟ ୩୦ଟି ବହିର ଲେଖିକା, ଯହିଁରେ ସାମିଲ ୧୮୫୨ରେ ରଚିତ ତାଙ୍କର ବିଶ୍ୱ ପ୍ରସିଦ୍ଧ ଉପନ୍ୟାସ "Uncle Tom's Cabin". ଆମେରିକାର ଦାସତ୍ୱପ୍ରଥା ବିଲୋପ ଆନ୍ଦୋଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା ଏହି ବହିଟି। ଖ୍ରୀଷ୍ଟୋଫର କ୍ରୋଫିଲ୍‌ଡ ଛଦ୍ମନାମରେ ମଧ୍ୟ ସେ ଲେଖୁଥିଲେ। ହାରିଏଟ୍ କହନ୍ତି: "ଯେଉଁ କଥା କୁହାଯାଇନି, ଯେଉଁ କାମ କରାଯାଇନି- ତା'ରି ପାଇଁ ସମାଧି ଉପରେ ଝରେ ମଣିଷର ତିକ୍ତତମ ଲୁହ।" ଏବଂ କହନ୍ତି: "ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଅସଲରେ ଗୋଟିଏ, ତାହା ହେଲା ଆଜିର ଦିନ।"

## ଶୋଷ

ପ୍ରଭଞ୍ଜନ ଦାଶ

ଗଳ୍ପ

ଏଇ ନୂଆ ନୂଆ ବୈଶାଖ ଆସିଛି, ହେଲେ ଏ ଟାଇଁ ଟାଇଁ ଖରାଟା ଜ୍ୟେଷ୍ଠଠୁ ବି ବଳିଗଲାଣି। ଚାରିଆଡ଼େ ପାଣିଟୋପାଟେ ପାଇଁ ଡହଳବିକଳ। ସେଥିରେ ପୁଣି ଲସି, ଆଖୁରସ, ପଇଡ଼, ଆଇସ୍କ୍ରିମ୍‌ର ଚାହିଦା ବେଶ୍ ବଢ଼ିଗଲାଣି। ସେଦିନ ପୁରୁଣା ବସ୍‌ଷ୍ଟାଣ୍ଡ ଛକରେ ସୁନ୍ଦର ଠେଲାଟେରେ ଟଟକା ପାଚିଲା ଆମ୍ବର ପସରା ମେଲେଇ ବସିଥିବା ଦୋକାନୀଟି ଗରାଖମାନଙ୍କ ହାତକୁ ନଡ଼ିଆ, କାଜୁ, ଚେରି ପକା ସୁସଜ୍ଜିତ ଆମ୍ବରସର ଗ୍ଲାସ୍‌ଟେ ବଢ଼େଇ ଦଉ ଦଉ କହୁଥିଲା, "ବାବୁ ତାଜା ଆମ୍ବର ରସ, ଭାରି ମିଠା, ଗୋଟେ ଢୋକରେ ଶୋଷ ପୂରା ଗାଏବ।" ସେ ଜରିଗୋଟାଳି ପିଲାଟା ବିକଳ ଚାହାଣିରେ କେତେବେଳୁ ଠିଆ ହେଇଛି, ପାଖରେ ତ ଟଙ୍କାଟେ ନାହିଁ, ହେଲେ ପେଟରେ ଅଛି ପ୍ରବଳ ଶୋଷ। ମନ ହଉଛି ଆମ୍ବରସ ଗିଲାସେ ପିଇବ ହେଲେ ଏଯାଏଁ ସାହସରେ ମନ କଥା କାହାକୁ ମୁହଁ ଖୋଲି କହିପାରୁନି କି ନିଜ ମନର ଲୋଭକୁ ନିଜେ ସମ୍ଭାଳି ପାରୁନି। ତା'ଆଡ଼େ ବି କାହାର ନଜର ନାହିଁ। ମନେ ମନେ ଭାବୁଛି, କାଳେ କୋଉ ବଡ଼ ବଡ଼ିଆ ଲୋକ ତା' ମନ କଥା ବୁଝି ତାକୁ ଗିଲାସେ ଆମ୍ବରସ ଯାଚିବ, ହେଲେ "ଇଏ ତ ସହର ଏଠି କେହି ନୁହେଁ କାହାର।" ଯିଏ ଯାହା ବାଟରେ ଆସି ନିଜ କାମ ସାରି ଯୁଆଡ଼େ ଚାଲିଯାଉଛନ୍ତି। ସମସ୍ତଙ୍କର ଏଠି ନିଜ ପେଟ ଚିନ୍ତା ଆଉ ଏମିତିରେ ବି ବଡ଼ ବଡ଼ ବାବୁମାନଙ୍କ ନଜରରେ ଏ ଅଳିଆ ମଳିଆ ଜରି ଗୋଟାଳି ଛୁଆର ମୂଲ୍ୟ କେତେ? ଏ ଦୁନିଆରେ ତା'ର ପରିଚୟ କ'ଣ? କେତେବେଳୁ ଠିଆ ହେଇ ତା' ପେଟର ଅଧା ଶୋଷ ମଲାଣି, ତଣ୍ଟି ଶୁଖି ଶୁଖି ଆସିଲାଣି। ଏପଟେ ପୁଣି କାନ୍ଧରେ ବଡ଼ ଜରିବସ୍ତାର ଓଜନରେ ଦେହରୁ ଗମ୍‌ଗମ୍ ଝାଳ ପାଣିପରି ନିଗିଡ଼ିଯାଇ ମୁଣ୍ଡଟା ବୁଲେଇ ଦଉଛି। ଆଖିକୁ ଅନ୍ଧାର ଦେଖାଗଲାଣି ତଥାପି ମନରୁ ଆମ୍ବରସର ଲୋଭଟା କମୁନି। ବିଚରା ଆଉ କିଛି ଉପାୟ ନ ପାଇ ଶୋଷର ଦାଉରେ ଧାଇଁଗଲା ଆଗରେ ଥିବା ମ୍ୟୁନିସିପାଲିଟି ନଳକୂଅ ପାଖକୁ। ନଳକୂଅରୁ ମୁହଁ ଲଗେଇ ପାଣି ପିଉଥିବାବେଳେ ନିଜ ମନକୁ ବୁଝେଇ ନିଜେ ବଡ଼ ପାଟିରେ କହିଉଠୁଥିଲା, "ଓଃ କି ଥଣ୍ଡା, ଭାରି ମିଠା, କି ରସୁଆଳିଆ ଆମ୍ବରସ ପୂରା ଅମୃତ...।" ଜରି ଗୋଟାଳି ପିଲାଟିର ଏପରି କଥା ଶୁଣି ପାଖରେ ଥିବା କିଛି ଲୋକ କହୁଥିଲେ, "ହେ ଏଇଟା ଗୋଟେ ପାଗଳଟା।"

ମୋ: ୭୩୨୬୯୫୯୯୯୫



ଧରିତ୍ରୀ
DHARITRI
ଶନିବାର,୪ ଜୁନ୍, ୨୦୨୨



## ସଂକ୍ଷେପରେ

### ସେଣ୍ଟ୍ରାଲ ମାର୍କେଟରୁ ଚୋରି

ବଅଁରପାଳ,୩।୬(ଡି.ଏନ.ଏ.)- ଅନୁଗୋଳ ଜିଲା ନାଲ୍‌କୋ ଥାନା ସେଣ୍ଟ୍ରାଲ ମାର୍କେଟରେ ଥିବା ଅନୁପ ଅମାନ୍ତଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ରୁମ୍ ନମ୍ବର ୨ରେ ରହୁଥିବା ଅରବିନ୍ଦ ସାମଲଙ୍କ ଘରୁ ୩୭୦୦ଟଙ୍କା ସମେତ ଏକ ମୋବାଇଲ ଫୋନ୍ ଚୋରି ହୋଇଛି। ସେହିପରି ୫ ନଂ.ରୁମ୍‌ରେ ରହୁଥିବା ନିଗମାନନ୍ଦ ଭୂତିଆଙ୍କ ୩୦ ହଜାର ଟଙ୍କାର ଏକ ମୋବାଇଲି ଫୋନ, ଏକ ପାୱାର ବ୍ୟାଙ୍କ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ଖୋଲାଥିବାର ସୁଯୋଗ ନେଇ ଏହି ଚୋରି କରିଥିବା ଜଣପାଡ଼ିଛି। ଶୁକ୍ରବାର ସକାଳେ ପରିବାର ଲୋକେ ନାଲ୍‌କୋ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଢିଲା ଯୋଗୁ ଅଞ୍ଚଳରେ ଚୋରି ବଢୁଥିବା ସାଧାରଣରେ ଅଭିଯୋଗ ହୋଇଛି।

### ବାଇକ୍ ଭାଙ୍ଗିଦେଲା ଦନ୍ତା ହାତୀ

**ଛେଣ୍ଡିପଦା,୩।୬(ସ୍ୱ.ପ୍ର.):** ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମ ମୁଣ୍ଡରେ ଥିବା ବିଏସ୍‌ଏନ୍‌ଏଲ୍ ଟାୱାର ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଦନ୍ତାହାତୀ ବାଇକ୍ ଭାଙ୍ଗି ଦେଇଛି। ଘଟଣାରୁ ଜଣାପଡିଛି, କଣଲୋଇ ଗ୍ରାମର ଜଗନ୍ନାଥ ମାଝି ଅପରାହ୍ନରେ ବାଇକ୍ ରଖି ଆମ୍ବ ତୋଟାକୁ ଯାଇଥିଲେ। ଏହି ସମୟରେ ଚୁଡାଖିଆ ଜଙ୍ଗଲରୁ ଏକ ଦନ୍ତାହାତୀ ଆସି ଜଗନ୍ନାଥଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ସେ ଦୌଡ଼ି ପଳାଇଯାଇଥିଲେ। ପରେ ହାତୀଟି ଶୁଣ୍ଢରେ ବାଇକକୁ କଚାଡି ଭାଙ୍ଗି ଦେଇଥିଲା। ଏହାପରେ ପାଟିତୁଣ୍ଡ ଶୁଣି ହତୀଟି ଗ୍ରାମର ଗାଡ଼ା ଆନିକଟ ଆଡକୁ ଚାଲିଯାଇଥିଲା। ୨ ଘଣ୍ଟା ପର୍ଯ୍ୟନ୍ତ ବନ କର୍ମଚାରୀ ନ ପହଞ୍ଚିବାରୁ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

# ରୂପାନ୍ତରଣରେ ସାମିଲ ହେଲା ୫୦ ବିଦ୍ୟାଳୟ

**ଅନୁଗୋଳ ଅଫିସ, ୩।୬**

ଅନୁଗୋଳ ଜିଲାର ୫୦ଟି ବିଦ୍ୟାଳୟ ଶୁକ୍ରବାର ୫-ଟି ରୂପାନ୍ତରଣରେ ସାମିଲ ହୋଇଛି। ଏହାକୁ ମିଶାଇ ଜିଲାରେ ମୋଟ ୧୪୦ ବିଦ୍ୟାଳୟ ଏହି ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଅବଶିଷ୍ଟ ବିଦ୍ୟାଳୟ ଗୁଡ଼ିକ ଖୁବ୍‌ଶୀଘ୍ର ରୂପାନ୍ତରଣ କରାଯିବ। ନୂଆକରି ସାମିଲ ହୋଇଥିବା ବିଦ୍ୟାଳୟ ମଧ୍ୟରେ ଅନୁଗୋଳ ବ୍ଲକରୁ ୧୬ଟି, ବଅଁରପାଳରୁ ୫, ଛେଣ୍ଡିପଦାରୁ ୧, ଆଠମଲ୍ଲିକରୁ ୩, କିଶୋରନଗରରୁ ୧, କଣିହାଁରୁ ୩, ପାଲଲହଡ଼ାରୁ ୧୮ ଓ ତାଳଚେରରୁ ୩ଟି ବିଦ୍ୟାଳୟ ରହିଛି।

ଅନୁଗୋଳ ପିଟିସି ହାଇସ୍କୁଲଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ ଏହି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସ୍କୁଲ କେବଳ ନୂଆ ରୂପ ନେଇନାହିଁ, ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ଆଶା ଓ ସଂକଳ୍ପ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ କହିଥିଲେ, ସରକାରୀ ବିଦ୍ୟାଳୟରେ ଏବେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢ଼ିବାରେ ଲାଗିଛି। ତେଣୁ ୨୦ ପିଲାରୁ କମ୍ ଥିବା ବିଦ୍ୟାଳୟ ବନ୍ଦ ନ କରିବା ଦିଗରେ ସରକାର ବିଚାର କରନ୍ତୁ। ଉଚ୍ଚ ବିଦ୍ୟାଳୟ ପରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର କିଭଳି ଉନ୍ନତି ହେବ ଓ ଉପାନ୍ତ ଅଞ୍ଚଳରେ ଥିବା ଅଭିଭାବକଙ୍କୁ ସଚେତନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ।



ଅନୁଗୋଳ ପିଟିସି ହାଇସ୍କୁଲଠାରେ ମଞ୍ଚାସୀନ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

### ବଡ଼ ହୋଇ ଡାକ୍ତର ହେବି : ବିଷ୍ଣୁପ୍ରସାଦ

ପିଟିସି ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ର ବିଷ୍ଣୁ ପ୍ରସାଦ ଚଇନି ସ୍ମାର୍ଟ ସ୍କୁଲରେ ମିଳୁଥିବା ସୁବିଧା ସମ୍ପର୍କିତ ଅଭିଜ୍ଞତା ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଅତି ସୁନ୍ଦର ଭାବେ ନିଜର ଅଭିଜ୍ଞତା ବାଣ୍ଟିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ ବଡ଼ ହୋଇ ସେ ଡାକ୍ତର ହେବେ ବୋଲି ଚଇନି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଉପସ୍ଥିତ ଶିକ୍ଷକମାନେ କହିଥିଲେ, ରୂପାନ୍ତରଣ ହୋଇଥିବା ସ୍କୁଲ କେବଳ ସ୍ମାର୍ଟ ହୋଇଛି ତାହା ନୁହେଁ, ବରଂ ଆମ ପିଲା, ଶିକ୍ଷକ ଓ ପରିବେଶ ସ୍ମାର୍ଟ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ସାଏ, ପାଲଲହଡ଼ା ବିଧାୟକ ମୁକେଶ ପାଳ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ପ୍ରମୁଖଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରୂପାନ୍ତରଣରେ ସାମିଲ ହୋଇଥିବା ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ କରିବାକୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବେଳେ ସର୍ବଶିକ୍ଷା ଅଭିଯାନର କନିଷ୍ଠ ଯନ୍ତ୍ରୀ ସୁଧାକର ପ୍ରଧାନ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ସ୍କୁଲରେ ଉପସ୍ଥିତ ଥିଲେ। ସେହିପରି ବଅଁରପାଳସ୍ଥିତ ଦିବ୍ୟଦର୍ଶନ ହାଇସ୍କୁଲ ଏହି ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଅତିଥି ଭାବେ ବ୍ଲକ କନିଷ୍ଠ ଯନ୍ତ୍ରୀ ରୋଜଲିନୀ ବାରିକ, ସରପଞ୍ଚ ସବିତା ମହାଳିକ ଯୋଗ ଦେଇଥଲେ। ପ୍ରଧାନଶିକ୍ଷକ ଗନ୍ଧର୍ବ ଚରଣ ଦାସ, ସଞ୍ଜୟ ସାହୁ, ମିଥୁନ ସାହୁ ଓ ସ୍କୁଲର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦାର କୋଶଳା ହାଇସ୍କୁଲ ଏହି ରୂପାନ୍ତରଣରେ ସାମିଲ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ୧୬ନଂ ଜୋନ୍ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କମାର ପ୍ରଧାନ ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭାଲେଣ୍ଟିନା ଦାସ, ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ ଓ ରୋଜାଲିନ ଗଡନାୟକ, ସୁଜିତ କୁମାର ବିଶ୍ୱାଳ, ଯୁଗଳ କିଶୋର ଭୋଇ, ଶ୍ରାବଣୀ କବି, ଶ୍ରୀନିବାସ ସେଠୀ, ଧନଞ୍ଜୟ ମହାନ୍ତି, କୁମୁଦିନୀ ବରାଡ, କର୍ମଚାରୀ ବାବାଜୀ ସାହୁ ଓ ଶ୍ରୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୩।୬(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳି ଗ୍ରାମର ଶାନ୍ତି ମୁଣ୍ଡାଙ୍କୁ ତାଙ୍କ ସ୍ୱାମୀ ସୁରେଶ ମୁଣ୍ଡା ନିର୍ଯାତନା ଦେଉଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୪୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କିଛିଦିନ ହେବ ଯୌତୁକ ଆଣିବାକୁ କହି ଶାନ୍ତିଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ପାଇପ୍ ଚୋରି ଅଭିଯୋଗ, ଜଣେ ଗିରଫ

**କଣିହାଁ,୩।୬(ଡି.ଏନ.ଏ.)**

କଣିହାଁ ଥାନା ପୋଲିସ ପାଇପ୍ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। କଣିହାଁ ଥାନା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, ଏନ୍‌ଟିପିସି ଆଶ୍‌ପଣ୍ଡରେ କାମ ନେଇଥିବା ଠିକାସଂସ୍ଥା ମ୍ୟାନେଜର ଅମିତ ମହାନ୍ତି ବହୁ ଲୁହା ଓ ଫାଇପ ଚୋରିକୁ ନେଇ ଥାନାରେ ୨ ଦିନ ପୂର୍ବରୁ ଅଭିଯୋଗ କରିଥିଲେ। ନଂ. ୧୩୯/୨୨ରେ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ଏଥିରେ ସମ୍ପୃକ୍ତି ଅଭିଯୋଗରେ ଡେରଙ୍ଗ ଗ୍ରାମର ସତ୍ୟନାରାୟଣ ସାହୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଫେରାର ଥିବା ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

# ରଥଯାତ୍ରା ପ୍ରସ୍ତୁତି ବୈଠକ

**ପାଲଲହଡା,୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ଥିବା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇବର୍ଷ ହେଲା କରୋନା ପାଇଁ ବାହାରେ ରଥଯାତ୍ରା ହୋଇ ନ ଥିବାବେଳେ ଚଳିତ ବର୍ଷ କଟକଣା ହଟିଯାଇଥିବାରୁ ପୁଣି ଥରେ ଭକ୍ତ ଓ ଭଗବାନ ଏକାକାର ହେବା ପାଇଁ ପଥ ପରିଷ୍କାର ହୋଇଯାଇଛି। ତେଣୁ ରଥଯାତ୍ରା ପାଳନ ପାଇଁ ପାଲଲହଡା ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସୁଶାନ୍ତ ପତିଙ୍କ ପୌରୋହିତ୍ୟରେ ଏହି ବୈଠକ ବସିଥିଲା। ଏଥିରେ ପାଲଲହଡ଼ା ଗଡ଼ଜାତ ରାଜ୍ୟର ରାଜାସାହେବ ରାମଚନ୍ଦ୍ର ମୁନିପାଲ, ବିଧାୟକ ମୁକେଶ ପାଲ, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଦିଲୀପ କୁମାର ବାଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦେବୋତ୍ତର ପରିଚାଳକ ଜଳଧର ମହାନ୍ତି ବୈଠକ ପରିଚାଳନା କରିଥିଲେ। ଚଳିତବର୍ଷ ପରମ୍ପରାକୁ ବଜାୟ ରଖି ଧୁମ୍‌ଧାମରେ ରଥଯାତ୍ରା ପାଳନ କରିବା ସହିତ ସାମାଜିକ ଗଣମାଧ୍ୟମରେ ସିଧାପ୍ରସାରଣ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଏବଂ ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଧାୟକ, ଅଧିକାରୀ ଓ ଅନ୍ୟମାନେ।

# ଅକ୍ସିଜେନ କନ୍‌ସେନଟ୍ରେଟର ପ୍ରଦାନ

**ଖମାର,୩।୬ (ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କେଜିଏଫ୍‌ଏସ୍ ତରଫରୁ ଗୋଟିଏ ଅକ୍ସିଜେନ କନସେନ୍‌ଟ୍ରେଟର ପ୍ରଦାନ କରାଯାଇଛି। ରୋଗୀମାନଙ୍କ ସେବାରେ ଏହା ବେଶ୍ ଉପଯୋଗୀ ହେବ ବୋଲି ଖମାର ମେଡିକାଲ ଅଧିକାରୀ ଶଶିକାନ୍ତ ବେହେରା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖମାର ସରପଞ୍ଚ ଚକାଡୋଲା ନାଏକ, କେଜିଏଫ୍‌ଏସ୍‌ର ଖମାର ଶାଖା ମୁଖ୍ୟ ବ୍ରଜମୋହନ ଡାକୁଆ, କ୍ଲଷ୍ଟର ମ୍ୟାନେଜର ନିରଞ୍ଜନ ବେହେରା, ଆଇଟି ଅଫିସର ରଞ୍ଜନ ସେଠୀ, ଖମାର ମେଡିକାଲର ସମସ୍ତ କର୍ମଚାରୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ କର୍ମକର୍ତ୍ତାମାନେ।

# ସାଙ୍ଗଠନିକ ସମୀକ୍ଷା ବୈଠକ

**ପାଲଲହଡା,୩।୬(ଡି.ଏନ.ଏ.)**

ପାଲଲହଡା ବ୍ଲକ ବିଜେଡିର ସାଙ୍ଗଠନିକ ସମୀକ୍ଷା ବୈଠକ ଶୁକ୍ରବାର ଶରତ ଚନ୍ଦ୍ର କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ଟି ପଞ୍ଚାୟତର ବିଜେଡି ସଭାପତି, ସମ୍ପାଦକ, ଛାତ୍ର ଜନତା ଦଳ, ବିଜୁ ଜନତା ଦଳର କର୍ମକର୍ତ୍ତା ତଥା ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ବିଧାୟକ ମୁକେଶ ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଗତ ପଞ୍ଚାୟତ ନିର୍ବାଚନରେ ଦଳର ପ୍ରଦର୍ଶନ ସମ୍ପର୍କରେ ବିଧାୟକ ସମୀକ୍ଷା କରିବା ସହ ଆଗାମୀ ରଣନୀତି ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା, ପ୍ରତି ଘର ସହିତ ସମ୍ପର୍କ ସ୍ଥାପନ କରିବା ତଥା ଗାଁର ସମସ୍ୟା ବିଷୟରେ ଅବଗତ କରି ତା'ର ସମାଧାନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିରେ ଜିଲା ଉପସଭାପତି ନରେନ୍ଦ୍ର କୁମାର ଭୁକ୍ତା ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ ଦାସ ଉପସ୍ଥିତ ଥିଲେ। ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାମଲ, ସବ୍ୟସାଚୀ କପରଦାର ପ୍ରମୁଖ ସହଯୋଗ କରିଥିଲେ। ବିଜେଡି ବ୍ଲକ ସଭାପତି ଗଙ୍ଗାଧର ଜିତ ସଭା ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ବିଧାୟକ ଓ କର୍ମକର୍ତ୍ତାମାନେ।


**DISTRICT PROJECT OFFICE, SAMAGRA SIKSHA, SAMBALPUR**
Letter No.990/Ped Dtd.3.6.2022

**SHORT TENDER CALL NOTICE**

Sealed tenders are invited from interested eligible DTP Centre for DTP of Manuscript on Scheme of lesson (Class I to X) & Work Book (Class III to X) for details visit website www.sambalpur.nic.in.
Last date of receipt of tender: **20.06.2022.**
Opening of tender: **Dt.21.06.2022 at 4.00 P.M.** in Office Chamber of D.P.C., S.S., Sambalpur.
Authority reserves the right to accept or reject all or any of the tenders without assigning any reason thereof.

By the order of Collector-cum-Chairman
**Sd./- District Project Coordinator**
**SS, Sambalpur**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-I-Home-(Jud.)29/2022 Lr. No. 21771 Dt. 2nd Jun. 2022

No. B-252

**Invitation for Bids**

**Bid Identification No. OSD C.E. (B) - 08/2022-23**

| | | | |
|---|---|---|---|
| 1. | The OSD Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of Judicial Court Building at Jajpur (G+4)" amounting to Rs.57,41,00,000/- (Approximate)** as detailed below. | | |
| 2. | Nature of Work | : | Building works |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Super Class |
| 6. | Availability of Bid documents in the website | : | From Dt.21.06.2022 to 17.00 hours of Dt.07.07.2022. |
| 7. | Date of opening of Bids | : | Dt.08.07.2022 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- OSD Chief Engineer (Buildings)**
**Odisha, Bhubaneswar**
**OIPR-34117/11/0024/2223**

**THE BOLANGIR-KALAHANDI-NUAPADA REGIONAL CO-OPERATIVE MILK PRODUCERS' UNION LTD.**
**INSIDE VETERINARY HOSPITAL CAMPUS, HATISALPADA, BOLANGIR, DIST.-BOLANGIR -767001 (ODISHA), Tel:06652-230334**
**Email-omfedbknmul@yahoo.com**
**Website: www.bknmilkunion.com**

**TENDER NOTICE FOR PURCHASE OF BULK MILK COOLER,DG SET & STABILISER UNDER WODC FUND**

Sealed Tenders in separate envelopes i.e. Technical & Financial are invited from the Manufacturer/ Authorised Distributors for supply of Bulk milk cooler 2KL (3 Phase), DG set 15KVA (3 Phase) and Servo Stabiliser 15 KVA oil cooled (3 Phase) for the period of 12 month from the date of finalization of tender. The tender documents shall be downloaded at BKN Co-op Milk Union Office website mentioned below on payment of Rs.1120.00 (Rupees One Thousand +GST 12%) only inform of DD in favour of Bolangir-Kalahandi-Nuapada Regional Co-operative Milk Producers Union Ltd. payable at Bolangir from 04.06.2022 to 27.06.2022. In such cases, the cost of tender paper Rs. 1120/- i.e (Rs. 1000+12% GST ) in shape of Demand Draft must be accompanied with Technical Bid of the tender which shall be received up to 1 P.M. on dtd 27.06.2022 and shall be opened on the same day i.e. 27.06.2022 at 3 P.M. (Tech Bid) and 28.06.2022 at 3 PM (Price bid) at BKN Milk Union Head Office in presence of Bidders. Any addendum, corrigendum or update shall be posted only on BKN website.
BKN reserves the right to cancel any or all the offers without assigning any reason thereof. For details please visit our website www.bknmilkunion.com.

**Sd./- General Manager**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.5136/PSC. Dt.3.6.22**
**(2PE-05-21/22) (DR-I)**

**No.D-57:** It is for information of all concerned that, pursuant to Advt. No. 09 of 2021-22, 48 (Forty eight) candidates bearing following PPSAN have been allowed to face the interview to determine their eligibility for recruitment to the post of Assistant Professor, Teacher Education (History). The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 16.06.2022, 17.06.2022 & 18.06.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of candidates |
|---|---|---|
| 16.06.2022 | 10.30 A.M. | **00097379, 00089298, 00091437, 00111508, 00092811, 00094434, 00112737, 00091005, 00037336, 00091286 , = 10 candidates** |
| | 02.45 P.M. | 00094605, 00087579, 00087786, 00069113, 00111880, 00085884 **=06 candidates** |
| 17.06.2022 | 10.30 A.M. | 00088880, 00086860. 00065187, 00092530, 00090095, 00096232, 00064994, 00088229, 00089489; 00086669 **= 10 candidates** |
| | 02.45 P.M. | 00112474, 00070369, 00094527, 00088944, 00089238, 00112489 **=06 candidates** |
| 18.06.2022 | 10.30 A.M. | 00092419, 00071753, 00112302, 00111096, 00112001, 00063304, 00094745, 00091451, 00112199, 00090519 **= 10 candidates** |
| | 02.45 P.M. | 00111801, 00024085, 00112378, 00098091, 00090347, 00077539 **=06 candidates** |

**Note:** - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.
The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above.
THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.
**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./- Additional Secretary**
**OIPR-12002/11/0069/2223**

यूनियन बैंक Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଚ୍ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨
**ଡିମାଣ୍ଡ ନୋଟିସ୍**

**ଆମର ଗୋଷାଣିନୂଆଗାଁ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ତା.୦୩.୦୧.୨୦୨୨ରିଖରେ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋଷାଣିନୂଆଗାଁ ଶାଖାର** ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଗୋଷାଣିନୂଆଗାଁ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ମେସର୍ସ ଭୁବନେଶ୍ୱରୀ ଏଜେନ୍ସି, ୧) ରାଜେନ୍ଦ୍ର କୁମାର ମହାପାତ୍ର, ପିତା: ଶ୍ରୀ ଦଣ୍ଡପାଣି ମହାପାତ୍ର, ସା.: ସାନ ବଜାର, ମେନ୍ ରୋଡ୍, ଗଞ୍ଜାମ-୭୬୦୦୦୨, ୨) ଶ୍ରୀମତୀ ସଞ୍ଜୁକ୍ତା ମହାପାତ୍ର, ସ୍ୱାମୀ: ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ର, ସା.: ସାନ ବଜାର, ମେନ୍ ରୋଡ୍, ଗଞ୍ଜାମ-୭୬୦୦୦୨ | ଏସ୍‌ଓଡିଜିଏନ୍ (୦୧୭୨୩୧୧୦୦୦୦୦୬୧୮)/ ଟ.୧୭,୦୦,୦୦୦/- ଟିଏଲ୍‌୦୦୯ (୦୧୭୨୩୦୧୦୦୦୮୩୯୯୪)/ ଟ.୧,୫୦,୦୦୦/- ୟୁଜିଇସିଏଲ୍ (୦୧୭୨୩୦୧୦୦୦୮୫୦୦୮)/ ଟ.୩,୪୦,୦୦୦/- | ୨୧.୦୫.୨୦୨୨ / ୨୧.୦୫.୨୦୨୨ ସୁଦ୍ଧା ଟ.୧୭,୧୫,୪୮୧/- + ଟ.୧୭,୭୯୧.୪୯ + ଟ.୨,୮୩,୩୩୩.୩୬= ଟ.୨୦,୧୬,୬୦୫.୮୫ ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | ଶ୍ରୀ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୧୪, ଖାତା ନଂ.: ୧୧୦୩/୪୪, ପରିମିତ କ୍ଷେତ୍ର: ଏକର୦.୦୦୫ଡିସିମିଲି, ରେଭିନ୍ୟୁ ମୌଜା: ମାଧବପୁର, ସା.: ସାନ ବଜାର, ମେନ୍ ରୋଡ୍, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଜେ. ଇନ୍ଦିରାଙ୍କ ଗୃହ, ପଶ୍ଚିମ: ଜେ. ସୂର୍ଯ୍ୟ ରାଓଙ୍କ ଗୃହ, ଉତ୍ତର: ଶ୍ରୀ ପ୍ରଫୁଲ୍ଲ ସାହୁଙ୍କ ଗୃହ, ଦକ୍ଷିଣ: ମେନ୍ ରୋଡ୍ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ବ୍ରହ୍ମପୁର
ତାରିଖ: ୦୩.୦୬.୨୦୨୨

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ
DHARITRI
ଶନିବାର, ୪ ଜୁନ୍, ୨୦୨୨



# ନୂଆ ରୂପରେ ୧୦୫ ସ୍କୁଲ୍

ଢେଙ୍କାନାଳ ଅଫିସ୍, ୩।୬

ବଦଳିଛି ବିଦ୍ୟାଳୟ ରୂପରେଖ। ସଜଡ଼ାଯାଇଛି ଭିତ୍ତିଭୂମି। ପରିବର୍ତ୍ତନ ହୋଇଛି ପରିବେଶ। ବାରଣ୍ଡାରୁ ବଗିଚା, ସ୍ମାର୍ଟ ଶ୍ରେଣୀଗୃହଠାରୁ ଆରମ୍ଭ କରି ଲାବୋରେଟୋରି ଯାଏ ସବୁକିଛି ଚମକୁଛି। ଏଭଳି ଉନ୍ନତଧରଣର ବିଦ୍ୟାଳୟରେ

## ବାତାବରଣ ବଦଳିଛି, ପିଲାଙ୍କ ଆଗ୍ରହ ବଢ଼ିଛି: ମନ୍ତ୍ରୀ

ପାଠ ପଢ଼ିବାର ସୁଯୋଗ ପାଇଥିବାରୁ ଏହାକୁ ନେଇ ଉତ୍ସାହିତ ଅଛନ୍ତି ଢେଙ୍କାନାଳ ଜିଲାର ୧୦୫ ସ୍କୁଲର ଛାତ୍ରୀଛାତ୍ର।

'୫-ଟି' ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଢେଙ୍କାନାଳ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ନୂଆ ରୂପ ନେଇଛି ୧୦୫ ବିଦ୍ୟାଳୟ। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହାକୁ ଭର୍ଚୁଆଲ୍ ମୋଡ୍‌ରେ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ପୌରାଞ୍ଚଳର ୮ନଂ. ୱାର୍ଡ ମହିଷାପାଟସ୍ଥିତ ଆଦର୍ଶ ସ୍କୁଲ ପରିସରରେ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଖଣିମନ୍ତ୍ରୀ ତଥା କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ସରକାରୀ ସ୍କୁଲ ପ୍ରତି ଯେତେବେଳେ ସମସ୍ତେ ମୁହଁ ମୋଡୁଥିଲେ, ସେତେବେଳେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଉନ୍ନତୀକରଣ ଭଳି ଐତିହାସିକ ନିଷ୍ପତ୍ତି ନେଇଥିଲେ। ଏବେ ସରକାରୀ ସ୍କୁଲର ବାତାବରଣ ବଦଳିଛି। ପିଲାମାନଙ୍କ ପାଠପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଶିକ୍ଷା ଓ ଶିକ୍ଷାୟତନ ପାଇଁ ପରିବର୍ତ୍ତନର ପର୍ବ। ଏଥିପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଜିଲାର ୪୧ ବିଦ୍ୟାଳୟ ଏଥିରେ ସାମିଲ ହୋଇସାରିଛନ୍ତି। ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ, ବିଧାୟିକା, ଜିଲା ପରିଷଦ ସଭାନେତ୍ରୀ ଏବଂ ଜିଲାପାଳ।

### ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ତ୍ରିଶା

ଢେଙ୍କାନାଳରେ ଅନୁଷ୍ଠିତ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ତ୍ରିଶା ପ୍ରିୟଦର୍ଶିନୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବାର୍ତ୍ତାଳାପ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଭବିଷ୍ୟତ ଯୋଜନା ବିଷୟରେ ପଚାରିଥିଲେ। ଉତ୍ତରରେ ତ୍ରିଶା କହିଥିଲେ, ସେ ଜଣେ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ସଂକ୍ଷେପରେ

## କାମାକ୍ଷାନଗର ଥାନାର ନୂତନ ଅଧିକାରୀ



କାମାକ୍ଷାନଗର, ୩।୬(ଡି.ଏନ୍.ଏ.)
ଢେଙ୍କାନାଳ ଜିଲା କାମାକ୍ଷାନଗର ଆଦର୍ଶ ଥାନାର ନୂତନ ଅଧିକାରୀ ଭାବେ ଶରତ କୁମାର ମହାଲିକ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏଥିପୂର୍ବରୁ ସେ ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ଥିଲେ। କାମାକ୍ଷାନଗର ଥାନାରେ କାର୍ଯ୍ୟରତ ଥାନାଧିକାରୀ ସୁନୀଲ କୁମାର କରଙ୍କ କେନ୍ଦୁଝର ଜିଲାକୁ ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ଶରତଙ୍କୁ ନିଯୁକ୍ତି ଦିଆଯାଇଛି। ନୂତନ ଥାନାଧିକାରୀ ନିଜ ପ୍ରତିକ୍ରିୟାରେ କୁହନ୍ତି, କାମାକ୍ଷାନଗର ଅଞ୍ଚଳରେ ଶାନ୍ତିଶୃଙ୍ଖଳାକୁ ଅଗ୍ରାଧିକାର ଦେବେ। ଆମ ପୋଲିସ, ଟ୍ରାଫିକ୍ ବ୍ୟବସ୍ଥା, '୫-ଟି' ଅଧୀନ ବିଭାଗୀୟ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ଚାନ୍ଦା ନ ଦେବାରୁ ମରଣାନ୍ତକ ଆକ୍ରମଣ

ହିନ୍ଦୋଳ, ୩।୬(ଡି.ଏନ୍.ଏ.):
ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ରୂପାଲି ପୋଖରୀ କାର୍ଯ୍ୟ ଚାଲୁଥିବାବେଳେ ଚାନ୍ଦା ମାଗିବାକୁ ନେଇ ଗଣ୍ଡଗୋଳ ହୋଇଛି। ପୋଖରୀ କାମ ନେଇଥିବା ଠିକାଦାରଙ୍କ ପୁଅଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ୧୦ଦିନ ହେଲା ରୂପାଲି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ହିନ୍ଦୋଳ ଏନ୍‌ଏସିରୁ ବିଧିବଦ୍ଧ ଭାବେ ଟେଣ୍ଡର ନେଇ ଏହି କାମ କରୁଛନ୍ତି ସଦାନନ୍ଦ ସେଠୀ। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ସଦାନନ୍ଦଙ୍କ ପୁଅ ସୁଜିତ କାମ ତଦାରଖ କରୁଥିବାବେଳେ ଗ୍ରାମର ବିଜୟ ନାଏକ ପହଞ୍ଚି ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେଲେ କାମ କରାଇ ଦେବେନାହିଁ ବୋଲି ଧମକ ଦେଇଥିଲେ। ସୁଜିତ ଚାନ୍ଦା ନ ଦେବାରୁ ବିଜୟ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାର୍‌ପିଟ କରିଥିଲେ। ଏଥିରେ ତାଙ୍କ ଛାତି ଏବଂ ହାତରେ କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ସୁଜିତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଅଟୋରିକ୍ସା ଚାଳକଙ୍କଠାରୁ ଲୁଟ୍ ମାମଲା
## ୨ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଢେଙ୍କାନାଳ ଅଫିସ, ୩।୬:
ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ମହିଷାପାଟସ୍ଥିତ ୫୫ନଂ. ଜାତୀୟ ରାଜପଥରେ ଗତ ମେ' ୨୨ରେ ଅଟୋରିକ୍ସା ଚାଳକ ଅଞ୍ଜନ ସାହୁଙ୍କଠାରୁ ଲୁଟ୍ ହୋଇଥିଲା। ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୫୦୦ ଟଙ୍କା ନେଇଯାଇଥିଲେ। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଟାଉନ ଥାନା ପୋଲିସ ଜୟଗୋପାଳ ସାହିର ସରୋଜ କୁମାର ଦଳେଇ ଏବଂ କାରିଗର ସାହିର ମହେଶ୍ୱର ବେହେରା ଓରଫ ଟିଟନ୍‌ଙ୍କୁ ଗିରଫ କରିଛି। ଉଭୟଙ୍କ ନିକଟରୁ ବାଇକ୍, ଭୁଜାଲି, ମୋବାଇଲ ଜବତ କରାଯାଇଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# କୂଅରୁ ମିଳିଲା ଯୁବକଙ୍କ ମୃତଦେହ

ପରଜଙ୍ଗ, ୩।୬(ଡି.ଏନ୍.ଏ.)

## ଶରୀରରେ କ୍ଷତଚିହ୍ନ, ହତ୍ୟା ସନ୍ଦେହ ଦୃଢ଼ୀଭୂତ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ବଡ଼ଝରା ଗ୍ରାମ ଆଶ୍ରମ ଛକ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳିପାରିନାହିଁ। ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତେଣୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଯୁବକଙ୍କ ଆନୁମାନିକ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ। ତାଙ୍କର ମୃତ୍ୟୁ ୪-୫ ଦିନ ତଳେ ହୋଇଥିବା ଅନୁମାନ କରାଯାଉଛି।

ସୂଚନାଯୋଗ୍ୟ, ପରିତ୍ୟକ୍ତ ହୋଇଥିବାରୁ ଉକ୍ତ କୂଅର ପାଣି କେହି ବ୍ୟବହାର କରୁନାହାନ୍ତି। ତେବେ କୂଅ ଆଖପାଖରେ ପ୍ରବଳ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ସନ୍ଦେହରେ ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ମୃତଦେହ କୂଅରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଏବଂ ଢେଙ୍କାନାଳରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ମୃତଦେହ ଫୁଲିଯାଇଥିବାରୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ତେବେ ପିଠି ଏବଂ ଶରୀରର ବିଭିନ୍ନ ସ୍ଥାନରେ ମାରଣାସ୍ତ୍ରରେ ଆକ୍ରମଣ ଚିହ୍ନ ସ୍ପଷ୍ଟ ଜଣାପଡୁଛି। ଯୁବକଙ୍କ ପରିଚୟ ଜାଣିବାକୁ ସ୍ଥାନୀୟ ପୋଲିସ ବିଭିନ୍ନ ଥାନା ସହ ଯୋଗାଯୋଗ ଚଳାଇଛି। ମୃତଦେହ ବାହାର କରାଯାଇ ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ପଠାଯାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ପକ୍ଷରୁ ଛାନ୍‌ଭିନ୍ ଆରମ୍ଭ ହୋଇଛି।



ଘଟଣାସ୍ଥଳରେ ଜନଗହଳି।

# ରିମାଣ୍ଡ ଆବେଦନ ରାୟ ସଂରକ୍ଷିତ

ଢେଙ୍କାନାଳ ଅଫିସ, ୩।୬

## ଲାଞ୍ଚ ନେଇ ଏସ୍‌ଡିପିଓ ଧରାପଡ଼ିବା ମାମଲା

ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ଏସ୍‌ଡିପିଓ ମଳୟ କିଶୋର ନାୟକଙ୍କ ରିମାଣ୍ଡ ଆବେଦନ ଉପରେ ଶୁଣାଣି ଶୁକ୍ରବାର ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହୋଇଛି। ଅଦାଲତ ରାୟକୁ ସଂରକ୍ଷିତ ରଖିଥିବାବେଳେ ୬ ତାରିଖରେ ଏହା ପ୍ରକାଶ ପାଇବ ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଭିଜିଲାନ୍ସ) ରାକେଶ ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଫେରାର ଥିବା ଏସ୍‌ଡିପିଓଙ୍କ ସ୍ତ୍ରୀ ରୀତା ପହାପାତ୍ରଙ୍କ ସନ୍ଧାନ ମିଳିନାହିଁ। ଫଳରେ ସମ୍ପତ୍ତିର ପୂର୍ଣ୍ଣାଙ୍ଗ ଆକଳନ ହୋଇପାରି ନ ଥିବା ଜଣାପଡ଼ିଛି।

ରାସୋଳ ଥାନା କାରନ୍ଦାଠାରେ ପଥର ଲିଜ୍‌ଧାରୀ ଦୁଃଖବନ୍ଧୁ ସାହୁଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେବାବେଳେ ବୁଧବାର କଟକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ ଏସ୍‌ଡିପିଓ ନାୟକ। ଗିରଫ ପରେ ତାଙ୍କୁ ଗୁରୁବାର ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନର ଶୁଣାଣି ୭ ତାରିଖକୁ ଧାର୍ଯ୍ୟ କରାଯିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିବାବେଳେ ଏହାର ଶୁଣାଣି ଶୁକ୍ରବାର ହୋଇଥିଲା। ତେବେ ଅଦାଲତ ରାୟକୁ ସଂରକ୍ଷିତ ରଖିଥିବାବେଳେ ୬ ତାରିଖରେ ଏହା ସାର୍ବଜନୀନ ହେବ ବୋଲି ଜଣାପଡ଼ିଛି।

# ସାଇକେଲ ଚଳାଇ ସଚେତନ କଲେ

ଢେଙ୍କାନାଳ ଅଫିସ, ୩।୬

ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଏବଂ ସାଇକେଲ୍ ଆଣ୍ଡ ଆଡ୍‌ଭେଞ୍ଚର ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର 'ବିଶ୍ୱ ସାଇକେଲ ଦିବସ' ପାଳିତ ହୋଇଯାଇଛି। ସ୍ଥାନୀୟ ବାଜିଚୌକଠାରୁ ପ୍ରାୟ ୫୦ଜଣ ସାଇକେଲ ଆରୋହୀ ରାଲିରେ ବାହାରି ମିନିଷ୍ଟାଡିୟମ୍ ଦେଇ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଯାଇଥିଲେ। ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସମସ୍ୟାର ସରଳ ସମାଧାନ, ସୁଲଭତା ଭଳି ବୈଶିଷ୍ଟ୍ୟ ସାଇକେଲ ଚାଳନାକୁ ଲୋକପ୍ରିୟ କରାଇପାରିଛି। ଏହା ଏକ ଉତ୍ତମ ବ୍ୟାୟାମ। ତେଣୁ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରାଇବା ଉଦ୍ଦେଶ୍ୟରେ ଏଭଳି ଅଭିନବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାକୁ ପୌରାଧକ୍ଷା ଜୟନ୍ତୀ ପାତ୍ର ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ସାଇକେଲ ଆରୋହୀମାନେ 'ସାଇକେଲ ଚଳାନ୍ତୁ, ସୁସ୍ଥ ରୁହନ୍ତୁ' ବାର୍ତ୍ତା ବାଣ୍ଟିଥିଲେ। ସାଇକେଲ କ୍ଲବର ଦେବାଶିଷ ସାହୁ, ଇନ୍ଦ୍ରଜିତ୍ ସାହୁ, କାହ୍ନାଜୀ ମହାରଣା, ସୌଭାଗ୍ୟ ବରାଳ, ପ୍ରତାପ ନାଏକ ପ୍ରମୁଖ ସହଯୋଗ କରିଥିଲେ।




ବିଶ୍ୱ ସାଇକେଲ ଦିବସରେ ବାହାରିଥିବା ସଚେତନତାମୂଳକ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ସାଇକେଲ ଆରୋହୀମାନେ।



ଅନୁଗୋଳ ରାଜକିଶୋରପଡ଼ାସ୍ଥିତ ଶିବ ମନ୍ଦିରରେ ଶିବ ବିବାହ ଉପଲକ୍ଷେ ଠାକୁରଙ୍କୁ ସାହି ପରିକ୍ରମା କରାଯାଉଛି। (ଫଟୋ-ବୁବୁ)

## ମଦ ଦୋକାନରେ ଭଙ୍ଗାରୁଜା, ୪.୫୦ ଲକ୍ଷ ଲୁଟ୍ ଅଭିଯୋଗ

କାମାକ୍ଷାନଗର, ୩।୬

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରାଳରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ଶୁକ୍ରବାର ମଧ୍ୟାହ୍ନରେ ବଡ଼ ଧରଣର ଲୁଟ୍‌ପାଟ୍ ହୋଇଛି। ଦୋକାନରେ ପଶି କେତେଜଣ ଦୁର୍ବୃତ୍ତ ଆତଙ୍କରାଜ ସୃଷ୍ଟି କରିବା ସହ ଭଙ୍ଗାରୁଜା କରିଛନ୍ତି। ୪ ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିବା ଦୋକାନ ମାଲିକ ମଧୁସୂଦନ ସାହୁ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଥାନାଧିକାରୀ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଖବର ଲେଖାଯିବା ଯାଏ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ପୁରୁଣା ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଦାବି


ଢେଙ୍କାନାଳ ଅଫିସ, ୩।୬

ପୁରାତନ ପେନସନ୍ ବ୍ୟବସ୍ଥା ପ୍ରଚଳନ ଦାବିରେ ନ୍ୟାଶନାଲ ପେନ୍‌ସନ୍ ସ୍କିମ୍ (ଏନ୍‌ପିଏସ୍)ରେ ଅନ୍ତର୍ଭୁକ୍ତ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନେଇ ସ୍ଥାନୀୟ ଲକ୍ଷ୍ମୀଧର ହାଇସ୍କୁଲରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରୀ ହାଇସ୍କୁଲ ଇନିସିଆଲ୍ ଆପ୍ଏଣ୍ଟି ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ୍ ଏଥିରେ ଅଧ୍ୟକ୍ଷତା କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ ଏବଂ ଏହି ଦାବିପୂରଣ ଲାଗି ଏକଜୁଟ୍ ହେବାକୁ ଆହ୍ୱାନ ଦେଇଥିଲେ। ୨୦୦୫ରୁ ସରକାର ନୂତନ ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏନ୍‌ପିଏସ୍‌ରେ ଜଣେ ସରକାରୀ କର୍ମଚାରୀ ୧୫ରୁ ୨୦ବର୍ଷ ଚାକିରି କରି ଅବସର ନେବା ପରେ ମାତ୍ର ୧୫୦୦ରୁ ୨୦୦୦ ଟଙ୍କା ପେନ୍‌ସନ୍ ପାଉଛନ୍ତି। ଏଥିରେ ଚଳିବା କଷ୍ଟକର। ସମସ୍ୟାକୁ ଉପଲବ୍ଧି କରି ରାଜସ୍ଥାନ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, କେରଳରେ ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯାଇଛି। ଓଡ଼ିଶାରେ ମଧ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ନିରାକାର ବେହେରା, ବୈରାଗୀ ସେଠୀ, ସୁଶାନ୍ତ ପାଢ଼ୀ, ସୁକାନ୍ତ ସାହୁ, ପ୍ରଶାନ୍ତ ନାଥ, ଧନେଶ୍ୱର ମୁର୍ମୁ, ସୁଧାଂଶୁ ପଣ୍ଡା, ଯଶୋବନ୍ତ ମହାପାତ୍ର, ମହେଶ୍ୱର ପ୍ରଧାନ, ବିଷ୍ଣୁ ମଲ୍ଲିକ ପ୍ରମୁଖ ନିଜସ୍ୱ ମତାମତ ରଖିଥିଲେ। ଆନ୍ଦୋଳନ କରିବା ପାଇଁ ଜିଲାସ୍ତରରେ ୯ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି। ଶିକ୍ଷକ ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟରଙ୍କ ପାଖରେ ପହଞ୍ଚିବ ଭାଜପା

ଢେଙ୍କାନାଳ ଅଫିସ, ୩।୬

ମୋଦି ସରକାରଙ୍କ ୮ବର୍ଷ ଶାସନ ପୂର୍ତ୍ତି ଅବସରରେ ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୧୧ପୃଷ୍ଠା ସମ୍ବଳିତ ଜନକଲ୍ୟାଣକାରୀ ଯୋଜନାର ପୁସ୍ତିକା ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଏହି ଅବସରରେ ସେ କହିଲେ, ଦଳର ରାଷ୍ଟ୍ରୀୟ ସଭାପତି ଜଗତ ପ୍ରସାଦ ନଡ୍ଡାଙ୍କ ନିର୍ଦ୍ଦେଶରେ ୧୫ ତାରିଖ ମଧ୍ୟରେ ଉକ୍ତ ପୁସ୍ତିକାକୁ ଜିଲାର ସମସ୍ତ ଭୋଟରଙ୍କ ପାଖରେ ପହଞ୍ଚି ବଣ୍ଟନ କରାଯିବ। ୧୫ ଦିନ ମଧ୍ୟରେ ସବୁ ବ୍ଲକରେ ସମ୍ମିଳନୀ କରାଯାଇ କେନ୍ଦ୍ରର ଜନକଲ୍ୟାଣମୂଳକ କାର୍ଯ୍ୟ, ବୈଦେଶିକ ନୀତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କେବେ ଶେଷ ହେବ ବୋଲି ପ୍ରଶ୍ନ କରିଥିଲେ। ରାଜପଥ ନିର୍ମାଣରେ ହେଉଥିବା ବିଳମ୍ବକୁ ନେତୃବୃନ୍ଦ ସ୍ୱୀକାର କରିଛନ୍ତି। ଖୁବ୍‌ଶୀଘ୍ର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଶତ୍ରୁଘ୍ନ ଜେନା, ନିରଜ ନଳିନୀ ମହାଳିକ, ସୁନୀଲ ଶର୍ମା, ନବକିଶୋର ଗୁରୁ, ରତିକାନ୍ତ ସାହୁ, ମାତୃପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ପାଣି ପାଇଁ ରାସ୍ତାରେ ମହିଳା

ହିନ୍ଦୋଳ, ୩।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିର ୧୦ନଂ. ୱାର୍ଡରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର ଅଞ୍ଚଳର ବହୁସଂଖ୍ୟାରେ ମହିଳା ହିନ୍ଦୋଳ-ଗୁଡ଼ିଆକାଟେଣୀ ରାସ୍ତାରେ ହାଣ୍ଡିମାଠିଆ ରଖି ଆନ୍ଦୋଳନ କରିଥିଲେ। ଫଳରେ ଦୁଇଘଣ୍ଟା ଧରି ଯାତାୟାତ ପ୍ରଭାବିତ ହୋଇଥିଲା।

## ୧୦ନଂ. ୱାର୍ଡରେ ଉତ୍କଟ ଜଳସଙ୍କଟ

ଅଭିଯୋଗ ଅନୁଯାୟୀ, ୱାର୍ଡବାସୀଙ୍କୁ ପାଇପ୍ ସହାୟତାରେ ଜଳ ଯୋଗାଣ କରାଯାଉଛି। ହେଲେ ଖରାଦିନେ ପର୍ଯ୍ୟାପ୍ତ ପରିମାଣର ପାଣି ଆସୁନାହିଁ। ପ୍ରବଳ ଗ୍ରୀଷ୍ମପ୍ରବାହ କାରଣରୁ ଭୂତଳ ଜଳସ୍ତର ହ୍ରାସ କାରଣରୁ ନଳକୂପ ଅଚଳ ହୋଇପଡ଼ିଛି। ଏବେ ଏଭଳି ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ପାଣି ଅଭାବରୁ ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ସେମାନେ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିଥିବା କହିଛନ୍ତି।

ଅନ୍ୟପଟେ ଏହି ସୂଚନା ପାଇବା ପରେ ସହକାରୀ ଜିଲାପାଳ ଗଜାନନ ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଟ୍ୟାଙ୍କର ସହାୟତାରେ ଜଳଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।



ଜଳସଙ୍କଟ ପ୍ରତିବାଦରେ ମହିଳାମାନେ ହାଣ୍ଡିମାଠିଆ ରଖି ହିନ୍ଦୋଳ-ଗୁଡ଼ିଆକାଟେଣୀ ରାସ୍ତା ଅବରୋଧ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଜୁନ୍ ୪/୨୦୨୨ Dhenkanal, Saturday, June 4/ 2022

# ପିପିଇ ଦୁର୍ନୀତିରେ ବିଶ୍ୱଶର୍ମା ଦମ୍ପତି

## ମହାମାରୀ ବେଳେ ସହଯୋଗୀଙ୍କୁ ଚଢ଼ା ଦରରେ କିଟ୍ସ ଅର୍ଡର ଦେଇଥିଲେ



**କୋଭିଡ୍-୧୯ ମହାମାରୀ ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ। ସେହି ସମୟରେ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ (ପିପିଇ) କିଟ୍ସ ଯୋଗାଣ ପାଇଁ ମୋଟ ୪ଟି କମ୍ପାନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଡର ଦିଆଯାଇଥିଲା। ସେଥିରୁ ୩ କମ୍ପାନୀ ସହ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କ ସମ୍ପର୍କ ରହିଛି। ବିଶ୍ୱଶର୍ମାଙ୍କ ପ୍ରଭାବ ଓ ହସ୍ତକ୍ଷେପ ଯୋଗୁ ଆସାମର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍)କୁ ଏହି ୩ କମ୍ପାନୀ ବଜାର ମୂଲ୍ୟଠାରୁ ଚଢ଼ା ଦରରେ ଡାକ୍ତରୀ ଉପକରଣ ଯୋଗାଇଦେଇଥିଲେ ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ ଏକ ନ୍ୟୁଜ୍ ୱେବ୍‌ସାଇଟ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଏହି ଦୁର୍ନୀତି ପଦାକୁ ଆସିବା ପରେ ଆସାମ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି।**

ନୂଆଦିଲ୍ଲୀ/ଗୁଆହାଟୀ,୩।୬

ଆସାମ ସରକାରଙ୍କଠାରୁ ଆର୍‌ଟିଆଇ ଆଇନ ବଳରେ ମିଳିଥିବା ଉତ୍ତର ଅନୁସାରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ଶର୍ମାଙ୍କ ଜଣେ ପୂର୍ବତନ ବ୍ୟବସାୟିକ ସହଯୋଗୀ ମହାମାରୀ ମୁକାବିଲା ସମ୍ପର୍କିତ ସାମଗ୍ରୀର ସର୍ବାଧିକ ଲୋଭନୀୟ ଅର୍ଡର ପାଇଥିଲେ। ବିଶ୍ୱଶର୍ମାଙ୍କ ପରିବାର ସହ ଘନିଷ୍ଠ ସମ୍ପର୍କ ଥିବା ବ୍ୟବସାୟୀ ଘନଶ୍ୟାମ ଧନୁକାଙ୍କ କମ୍ପାନୀ ଏବଂ ରିଙ୍କିଙ୍କ ମାଲିକାନାରେ ଥିବା ଜେସିବି ଇଣ୍ଡଷ୍ଟ୍ରିଜ୍‌କୁ ରାଜ୍ୟର ଭାଜପା ସରକାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିଲେ ବୋଲି ଏକ ନ୍ୟୁଜ୍ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ଏନ୍‌ଏଚ୍‌ଏମ୍‌ରୁ ମିଳିଥିବା ଆର୍‌ଟିଆଇ ତଥ୍ୟାନୁସାରେ ୨୦୨୦ ମାର୍ଚ୍ଚ ୨୫ରେ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି କରାଯିବା ପରେ ଗୁଆହାଟୀ ବ୍ୟବସାୟୀ ରାଜୀବ ବୋରା ପିପିଇ କିଟ୍ସ ଯୋଗାଇବା ପାଇଁ ଆସାମ ସରକାରଙ୍କଠାରୁ ସବୁଠୁ ବଡ଼ କଣ୍ଟ୍ରାକ୍ଟ ପାଇଥିଲେ। ଅର୍ଡର ଆନେକ୍ସଚର୍ ଅନୁସାରେ ଏଜିଲ୍ ଆସୋସିଏଟ୍ସ ସେହି ବର୍ଷ ଏପ୍ରିଲ ୧୦ରେ ଏନ୍‌ଏଚ୍‌ଏମ୍‌କୁ ୧୦,୦୦୦ ପିପିଇ କିଟ୍ସ ଯୋଗାଇ ଦେଇଥିଲା।

ସେହିପରି ଲକ୍‌ଡାଉନ୍ ଘୋଷଣା ପୂର୍ବରୁ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ସ୍ୱାସ୍ଥ୍ୟ ବିଭାଗ ପ୍ରକୃତ ମୂଲ୍ୟଠାରୁ ଅଧିକ ୯୯୦ ଟଙ୍କାରେ ପିପିଇ କିଟ୍ସ ମଗାଇଥିଲେ। ବିଶ୍ୱଶର୍ମାଙ୍କ ସ୍ତ୍ରୀଙ୍କ ମାଲିକାନାରେ ଥିବା ଜେସିବି ଇଣ୍ଡଷ୍ଟ୍ରିଜ୍ ଏବଂ ତାଙ୍କ ପରିବାରର ବ୍ୟବସାୟିକ ସହଯୋଗୀ ଘନଶ୍ୟାମ ଧାନୁକାଙ୍କ ମିଡ୍‌ଟାଇମ୍ ହେଲ୍‌ଥକେୟାର ଏହି ଅର୍ଡର ପାଇଥିଲେ, ଯେତେବେଳେ କି ଏନ୍‌ଏଚ୍‌ଏମ୍‌କୁ ଅନ୍ୟ ଏକ କମ୍ପାନୀ ମାତ୍ର ୬୦୦ ଟଙ୍କାରେ ପିପିଇ କିଟ୍ସ ଯୋଗାଇଥିଲା। ରିପୋର୍ଟ ଅନୁଯାୟୀ ଏଜିଲ୍ ଆସୋସିଏଟ୍ସକୁ କିଟ୍ସ ପିଛା ୨,୨୦୫ ଟଙ୍କାରେ ଅର୍ଡର କରାଯାଇଥିଲା। କିନ୍ତୁ ୱାର୍କ ଅର୍ଡରରେ ଏହାର ମୂଲ୍ୟ ୨,୨୦୦ ଟଙ୍କା ବୋଲି ଉଲ୍ଲେଖ ରହିଛି। ଏଜିଲ୍ ଆସୋସିଏଟ୍ସ ମାଲିକ ରାଜୀବ ବୋରା ବର୍ତ୍ତମାନ ଡିଜିଟେକ୍ ମିଡିଆ ଆଣ୍ଡ ପ୍ରାଇଭେଟ୍



ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା

ଲିମିଟେଡ୍‌ର ନିର୍ଦ୍ଦେଶକ ଅଛନ୍ତି। ୨୦୦୯ ମସିହା ପର୍ଯ୍ୟନ୍ତ ରିଙ୍କି ଏବଂ ରାଜୀବଙ୍କ ସ୍ତ୍ରୀ ଅଞ୍ଜନା ବୋରା ଏହି କମ୍ପାନୀର ପ୍ରତିଷ୍ଠାତା ସହନିର୍ଦ୍ଦେଶିକା ଥିଲେ। ୨୦୦୯ରେ ରିଙ୍କି କମ୍ପାନୀ ଛାଡ଼ିବା ପରେ ରାଜୀବ ଓ ତାଙ୍କ ସ୍ତ୍ରୀ ଏହାର ନିର୍ଦ୍ଦେଶକ ହୋଇଥିବା କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ଦସ୍ତାବିଜରୁ ଜଣାପଡ଼ିଛି। କୋଲକାତାରେ ରହୁଥିବା ଡିଜିଟେକ୍‌ର କେତେଜଣ ନିବେଶକଙ୍କ ପରିଚୟ ଆର୍‌ବିଏସ୍ ରିଟେଲର୍ସ (ବର୍ତ୍ତମାନ ବଶିଷ୍ଠ ରିଟେଲର୍ସ) ସହ ରହିଛି। ହିମନ୍ତଙ୍କ ପୁଅ ନନ୍ଦିଲ ବିଶ୍ୱଶର୍ମା ଏହି ରିଟେଲର୍ସ ସଂସ୍ଥାର ଜଣେ ବଡ଼ ଅଂଶୀଦାର ହୋଇଥିବାବେଳେ ଘନଶ୍ୟାମଙ୍କ ବାପା ଅଶୋକ ଧାନୁକା ଏହାର ନିର୍ଦ୍ଦେଶକ ଅଛନ୍ତି। ଡିଜିଟେକ୍‌ର ନିବେଶକମାନେ ପଦ୍ମାବତୀ ଟ୍ରେଡର୍ସ (ଇଣ୍ଡିଆ) ପ୍ରା.ଲିଃ.ରେ ସେମାନଙ୍କ ପୁଞ୍ଜି ଖଟାଇଥିବା ମନେକରାଯାଉଛି। ଏହି କମ୍ପାନୀରେ ଧାନୁକା ବାପପୁଅ ନିର୍ଦ୍ଦେଶକ ଅଛନ୍ତି। ଏହା ପୂର୍ବରୁ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଓ ବାପା ସ୍ୱର୍ଗତ କୈଳାସ ନାଥଶର୍ମା କମ୍ପାନୀର ଡାଇରେକ୍ଟର ଥିଲେ।

## ୧ ଟଙ୍କା ବି ନେଇନି: ରିଙ୍କି ଭୂୟାଁଶର୍ମା



ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପରିବାର ସହ ଜଡ଼ିତ ୩ଟି କମ୍ପାନୀକୁ କୋଭିଡ୍-୧୯ ମହାମାରୀ ବେଳେ ଅତ୍ୟାବଶ୍ୟକ ଡାକ୍ତରୀ ଉପକରଣ ଯୋଗାଣ ପାଇଁ ଅର୍ଡର ଦିଆଯାଇଥିବା ବିଷୟକୁ ତାଙ୍କ ସ୍ତ୍ରୀ ରିଙ୍କି ଭୂୟାଁଶର୍ମା ଖଣ୍ଡନ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଅଣାଯାଇଥିବା ଅଭିଯୋଗ ଉପରେ ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ରିଙ୍କି କହିଥିଲେ, ଏହା ଏକ ଭିତ୍ତିହୀନ ଖବର। ୨୦୨୦ ମାର୍ଚ୍ଚରେ ମହାମାରୀ ଆସିବାବେଳେ ଆସାମରେ ଗୋଟିଏ ହେଲେ ପିପିଇ କିଟ୍ସ ନ ଥିଲା। ସେ ବ୍ୟକ୍ତିଗତ ଭାବେ କେତେକ ବ୍ୟବସାୟିକ ସଂସ୍ଥାକୁ ଯାଇ ପ୍ରାୟ ୧୫୦୦ ପିପିଇ କିଟ୍ସ ଏନ୍‌ଏଚ୍‌ଏମ୍-ଆସାମକୁ ଯୋଗାଣ କରାଇଥିଲେ। ତେବେ ସେ ଏଥିରୁ ୧ ଟଙ୍କା ବି ଲାଭ ନେଇନାହାନ୍ତି ବୋଲି ରିଙ୍କି କହିଛନ୍ତି।

## ସିବିଆଇ ତଦନ୍ତ ଦାବିକଲେ ବିରୋଧୀ

ପିପିଇ କିଟ୍ସ ଏବଂ ହ୍ୟାଣ୍ଡ ସାନିଟାଇଜର କିଣା ଦୁର୍ନୀତି ପ୍ରସଙ୍ଗରେ ବିରୋଧୀ କଂଗ୍ରେସ, ରାଇଜୋର ଦଳ ଏବଂ ଆସାମ ଜାତୀୟ ପରିଷଦ ସିବିଆଇ ତଦନ୍ତ ଦାବି କରିଛନ୍ତି। ଆସାମ କଂଗ୍ରେସ ସଭାପତି ଭୂପେନ୍ କୁମାର ବୋରା କହିଛନ୍ତି, ଆସାମର ଜନତା ଲକ୍‌ଡାଉନ୍ ବେଳେ ଦୁର୍ଦ୍ଦଶା ଭୋଗୁଥିବାବେଳେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ତାଙ୍କ ପରିବାର ପିପିଇ କିଟ୍ସ ବ୍ୟବସାୟ ଚଳାଇଥିଲେ। ବଜାର ଦରଠାରୁ ୬୫% ଅଧିକ ମୂଲ୍ୟରେ ଅର୍ଡର ଦିଆଯାଇଥିଲା। ଏହି ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ। ସେହିପରି ବିରୋଧୀ ଦଳ ନେତା ଦେବବ୍ରତ ସାଇକିଆ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାର ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଛନ୍ତି। ବିଶ୍ୱଶର୍ମାଙ୍କ ସାହସ ଥିଲେ ସିବିଆଇ ତଦନ୍ତ ପାଇଁ ସୁପାରିସ କରନ୍ତୁ ବୋଲି କହିଛନ୍ତି। ଇତିମଧ୍ୟରେ କଂଗ୍ରେସ ନେତାମାନେ ସିବିଆଇ ଏବଂ ଇଡି ଦ୍ୱାରା ତଦନ୍ତ ଦାବିରେ ଗୁଆହାଟୀରେ ପିପିଇ କିଟ୍ସ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ସଂକ୍ଷେପରେ

### ପୁଣି ବଢ଼ିଲା କରୋନା ଚିନ୍ତା

#### ଦିନକରେ ୪ ହଜାର ସଂକ୍ରମିତ

**ନୂଆଦିଲ୍ଲୀ,୩।୬:** କୋଭିଡ୍ ସଂକ୍ରମଣ ପୁଣିଥରେ ବଢ଼ିବା ଆରମ୍ଭ ହୋଇଛି। ଶୁକ୍ରବାର ୪,୦୪୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ମାର୍ଚ୍ଚ ୧୧ ପରେ ସର୍ବାଧିକ ଦୈନିକ ସଂକ୍ରମଣ। ଏଥିସହିତ ୨୪ ଘଣ୍ଟାରେ ୧୦ ଜଣଙ୍କ ଜୀବନ ଯାଇଛି। ଫଳରେ ଦେଶରେ ମହାମାରୀର ଆଉ ଏକ ଲହର ଆରମ୍ଭ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସଂକ୍ରମଣ ରୋକିବା ଲାଗି କେନ୍ଦ୍ର ସରକାର ମହାରାଷ୍ଟ୍ର, କେରଳ, ତେଲଙ୍ଗାନା, କର୍ନାଟକ ଓ ତାମିଲନାଡୁ ସରକାରଙ୍କୁ ପତ୍ର ଲେଖିଛନ୍ତି। କୋଭିଡ୍ ପୂର୍ବ ଲହର ବେଳେ ହଟ୍‌ସ୍ପଟ ସାଜିଥିବା ମହାରାଷ୍ଟ୍ରରେ ପୁଣିଥରେ ସଂକ୍ରମଣ ବଢ଼ିବା ଦେଖାଦେଇଛି। ଚଳିତ ସପ୍ତାହରେ ସେଠାରେ ସଂକ୍ରମଣ ହାର ୮ ପ୍ରତିଶତ ଅତିକ୍ରମ କରିଛି।

### ସୋନିଆଙ୍କ ପରେ ପ୍ରିୟଙ୍କା କୋଭିଡ୍ ପଜିଟିଭ୍

**ନୂଆଦିଲ୍ଲୀ,୩।୬:** କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେବାର ଦିନକ ପରେ ତାଙ୍କ ଝିଅ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ କରୋନା ହୋଇଥିବା ଜଣାପଡ଼ିଛି। ସେ ଏନେଇ ଟୁଇଟ୍ କରି ଜଣାଇଛନ୍ତି। ସେ ଘରେ ନିଜକୁ ସଙ୍ଗରୋଧରେ ରଖିଥିବାବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ନବସଂକଳ୍ପ କର୍ମଶାଳାରେ ଯୋଗଦେବାକୁ ଦୁଇଦିନିଆ ଲକ୍ଷ୍ନୌ ଗସ୍ତରେ ଯାଇଥିବା ପ୍ରିୟଙ୍କା ଗସ୍ତ କାଟ୍‌ଛାଣ୍ଟ କରି ଦିଲ୍ଲୀ ଫେରିଯାଇଥିଲେ।

### ଦୁର୍ଘଟଣା ପରେ ୭ ଦଗ୍ଧ

**ହାଇଦ୍ରାବାଦ,୩।୬ (ଆଇଏଏନ୍‌ଏସ୍):** ହାଇଦ୍ରାବାଦରୁ ଗୋଆ ଯାଇଥିବା ଏକ ଘରୋଇ ବସ୍ ଶୁକ୍ରବାର ସକାଳେ କର୍ନାଟକର କାଲାବୁରାଗୀ ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡିସିଏମ୍ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କାରୁ ବସ୍‌ଟି ରାସ୍ତା ପାର୍ଶ୍ୱ ଏକ ଖାତକୁ ଖସିପଡ଼ିବା ସହ ଏଥିରେ ନିଆଁ ଲାଗିଯାଇଥିଲା। ଏଥିରେ ୭ଜଣ ପୋଡ଼ିହୋଇ ପ୍ରାଣ ହରାଇଥିବାବେଳେ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଗୁଲ୍‌ବର୍ଗାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଲାବ୍‌ରୁ ଗ୍ୟାସ୍ ଲିକ୍: ୨୦୦ ମହିଳା ଅସୁସ୍ଥ

**ବିଶାଖାପାଟଣା,୩।୬ :** ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଥିବା ଏକ ରାସାୟନିକ ଲାବରେଟୋରିରୁ ଶୁକ୍ରବାର ଆମୋନିଆ ଗ୍ୟାସ୍ ଲିକ୍ ହେବାରୁ ନିକଟସ୍ଥ ଏକ ପୋଷାକ କାରଖାନାରେ କାମ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ମହିଳା ଅସୁସ୍ଥ ହୋଇପଡ଼ିଛନ୍ତି। ଅଚ୍ୟୁତପୁରମ୍‌ରେ ଥିବା ପୋରସ୍ ଲାବରେଟୋରିରୁ ଗ୍ୟାସ୍ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। ଏହାର ପ୍ରଭାବରେ ଏସ୍‌ୟୁଜେଡ୍‌ରେ ଥିବା ପୋଷାକ କାରଖାନାର ମହିଳା କର୍ମଚାରୀମାନେ ଆଖିରେ ଯନ୍ତ୍ରଣା ଅନୁଭବ କରିବା ସହ ମୁଣ୍ଡ ବୁଲାଇବା ଓ ବାନ୍ତି ହେବା ଦେଖାଯାଇଥିଲା। କେତେଜଣ ମହିଳା ଅଚେତ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ପୋଷାକ କାରଖାନାକୁ ବନ୍ଦ କରିଦିଆଯିବା ସହ କର୍ମଚାରୀମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିଲା।

## ନାବାଳିକାଙ୍କୁ ମର୍ସିଡିଜ୍‌ରେ ଗଣବଳାତ୍କାର

### ଅଭିଯୁକ୍ତଙ୍କ ମଧ୍ୟରେ ବିଧାୟକଙ୍କ ପୁଅ

ହାଇଦ୍ରାବାଦ,୩।୬

ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ପବ୍‌ପାର୍ଟିରୁ ଫେରୁଥିବା ଜଣେ ନାବାଳିକାଙ୍କୁ ମର୍ସିଡିଜ୍ କାର୍ ଭିତରେ ଗଣବଳାତ୍କାର କରାଯାଇଛି। ବଳାତ୍କାର କରିଥିବା ସ୍କୁଲ ଛାତ୍ରମାନଙ୍କ ମଧ୍ୟରେ ଜଣେ ବିଧାୟକଙ୍କ ପୁଅ ଥିବା ଅଭିଯୋଗ ହୋଇଛି।

ପୋଲିସ କହିବା ଅନୁସାରେ ୫ ଅଭିଯୁକ୍ତ ରାଜନୈତିକ ପ୍ରଭାବଶାଳୀ ପରିବାରର। ସେମାନେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପାଠ ପଢ଼ନ୍ତି। ଜଣେ ବିଧାୟକଙ୍କ ପୁଅ ମଧ୍ୟ ଏହି ଜଘନ୍ୟ କାଣ୍ଡରେ ସମ୍ପୃକ୍ତ ଅଛନ୍ତି। ଶନିବାର ସନ୍ଧ୍ୟାରେ ୧୭ ବର୍ଷୀୟା ଝିଅ ଜଣେ ସାଙ୍ଗ ସହ ଏକ ପବ୍ ପାର୍ଟିକୁ ଯାଇଥିଲେ। ତାଙ୍କ ସାଙ୍ଗ ସେଠାରୁ ଶୀଘ୍ର ଚାଲିଯାଇଥିଲେ। ତେଣୁ ସେ ଅନ୍ୟ କେତେଜଣ ଛାତ୍ରଙ୍କ ସହ



କ୍ଲବ୍‌ରୁ ଫେରିଥିଲେ। ଛାତ୍ରମାନେ ତାଙ୍କୁ ଘରେ ଛାଡ଼ିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେମାନେ ଏକ ମିଠା ଦୋକାନକୁ ଯାଇ ସେଠାରୁ ଫେରୁଥିବାବେଳେ ୫ ଅଭିଯୁକ୍ତ ଜୁବିଲି ହିଲ୍‌ସରେ ମର୍ସିଡିଜ୍ କାର୍ ଅଟକାଇଥିଲେ। କାର୍ ଭିତରେ ପୀଡ଼ିତାଙ୍କୁ ଜଣେ ପରେ ଜଣେ ବଳାତ୍କାର କରିବା ବେଳେ ଅନ୍ୟମାନେ ବାହାରେ ଜଗି ରହିଥିଲେ। ଘରେ ଝିଅଙ୍କ ଦେହରେ କ୍ଷତଚିହ୍ନ ଦେଖି ତାଙ୍କ ବାପା ସେନେଇ ପଚାରିଥିଲେ। ପୀଡ଼ିତା ତାଙ୍କୁ ସବୁ କଥା କହିବାରୁ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ବଡ଼ବଡ଼ିଆଙ୍କ ପୁଅ ହୋଇଥିବାରୁ ପୋଲିସ ପ୍ରଥମେ ମର୍ଯ୍ୟାଦାହାନି ମାମଲା ରୁଜୁ କରିଥିଲା। କିନ୍ତୁ ପୀଡ଼ିତା ବିସ୍ତୃତ ବୟାନ ଦେବା ପରେ ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଏବଂ ଆଇପିସି ଦଫା ୩୭୬ ବଳରେ ବଳାତ୍କାର ମାମଲା ରୁଜୁ ହେଲା। ନାବାଳକମାନଙ୍କୁ କ୍ଲବ୍‌କୁ କାହିଁକି ପ୍ରବେଶ ଅନୁମତି ଦିଆଗଲା ବୋଲି ଏହି ଘଟଣା ପରେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ପୋଲିସ ସିସିଟିଭି କ୍ୟାମେରା ଓ ପାରିପାର୍ଶ୍ୱିକ ପ୍ରମାଣ ଭିତ୍ତିରେ ତଦନ୍ତ ଚଳାଇଥିବା କହିଛି।

## ପିମ୍ପୁଡ଼ି କାମୁଡ଼ାରେ ଶିଶୁ ମୃତ

ଲକ୍ଷ୍ନୌ, ୩।୬

ଉତ୍ତର ପ୍ରଦେଶର ମହୋବା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପିମ୍ପୁଡ଼ି କାମୁଡ଼ିବାରୁ ଜଣେ ୩ ଦିନର ଶିଶୁଙ୍କ ପ୍ରାଣ ଚାଲିଯାଇଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏପରି ହୋଇଥିବା ତାଙ୍କ ଘରଲୋକ କହିଛନ୍ତି। ମାମଲା ଚପାଇଦେବା ପାଇଁ ଡାକ୍ତର ତାଙ୍କୁ ୬,୫୦୦ ଟଙ୍କା ଯାଚିଥିବା ପରିବାର ଅଭିଯୋଗ ଆଣିଛନ୍ତି। କୁଲପାହାଡ ତହସିଲ ଅନ୍ତର୍ଗତନ୍ ମୁଧାରୀ ଗ୍ରାମର ସୁରେନ୍ଦ୍ର ରେକୱାର ମେ ୩୦ରେ ତାଙ୍କ ଗର୍ଭବତୀ ସ୍ତ୍ରୀ ସୀମାଙ୍କ ପ୍ରସବ ପାଇଁ ଡାକ୍ତରଖାନା ନେଇଥିଲେ। ପ୍ରବସ ପରେ ଡାକ୍ତରଖାନା କର୍ମଚାରୀ ଶିଶୁଟିକୁ ନ୍ୟୁବର୍ନ ୱାର୍ଡରେ ରଖିଥିଲେ। ୱାର୍ଡ ଅସନା ହୋଇ ପଡ଼ି ରହିଥିବାବେଳେ ସେଠାରେ ମାଳ ମାଳ ପିମ୍ପୁଡ଼ି ଥିବା ପରିବାର ଲୋକେ କହିଛନ୍ତି।

## ହରିନୀ 'ନ୍ୟାଶନାଲ ସ୍ପେଲିଙ୍ଗ୍ ବି' ବିଜୟିନୀ

**ୱାଶିଂଟନ,୩।୬:** ଭାରତୀୟ ବଂଶୋଦ୍ଭବ ହରିନୀ ଲୋଗାନ ଚଳିତବର୍ଷର 'ନ୍ୟାଶନାଲ ସ୍ପେଲିଙ୍ଗ୍ ବି' ପ୍ରତିଯୋଗିତା ଜିତିଛନ୍ତି। ୯୦ ସେକେଣ୍ଡରେ ୨୧ଟି ୱାର୍ଡର ସ୍ପେଲିଙ୍ଗ୍ କହି ସେ ଏହି ଟାଇଟଲ୍‌ର ଅଧିକାରୀ ହୋଇଛନ୍ତି। ହରିନି ଟେକ୍ସାସ୍‌ରେ ଅଷ୍ଟମ ଶ୍ରେଣୀରେ ପାଠପଢ଼ନ୍ତି। ପ୍ରତିଯୋଗିତାରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଆଉଜଣେ ଭାରତୀୟ ବଂଶୋଦ୍ଭବ ବିକ୍ରମ ରାଜ। ସେ ଡେନ୍‌ଭରରେ ୭ମ ଶ୍ରେଣୀର ଛାତ୍ର। ହରିନୀ ୨୧ଟି ଶବ୍ଦର ଠିକ୍ ସ୍ପେଲିଙ୍ଗ୍ କହିଥିବାବେଳେ ବିକ୍ରମ ମାତ୍ର ୧୫ଟି ଠିକ୍ ଉତ୍ତର ଦେଇଥିଲେ। ତେବେ ଆସନ୍ତା ବର୍ଷ ପୁଣି ପ୍ରତିଯୋଗିତାରେ ସାମିଲ ହେବା ସହ ବିଜୟୀ ହେବେ ବୋଲି ବିକ୍ରମ କହିଛନ୍ତି। ଗତବର୍ଷ ୧୪ ବର୍ଷର ଜାଇଲା ଅଭାଣ୍ଟଗାରଡେ ନ୍ୟାଶନାଲ ସ୍ପେଲିଙ୍ଗ୍ ବି ପ୍ରତିଯୋଗିତା ଜିତିଥିଲେ।



## କାନପୁରରେ ହିଂସା: ୬ ଆହତ

### ଭାଜପା ନେତାଙ୍କ ମନ୍ତବ୍ୟକୁ ନେଇ ବିବାଦ

କାନପୁର୍,୩।୬

ଭାଜପା ନେତା ନୁପୁର ଶର୍ମା ଏକ ଟେଲିଭିଜନ ବିତର୍କରେ ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଏକ ମୁସଲମାନ ସଂଗଠନ ଉତ୍ତରପ୍ରଦେଶ କାନପୁରସ୍ଥିତ ପରେଡ୍ ମାର୍କେଟ ବନ୍ଦ ଡାକରା ଦେଇଥିଲା। ଏହାକୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିବାରୁ ପରେଡ୍ ଚୌକରେ ଗୋଷ୍ଠୀସଂଘର୍ଷ ଘଟି ୬ ଜଣ ଆହତ ହୋଇଛନ୍ତି। ପୋଲିସ ୧୬ ଜଣଙ୍କୁ ଗିରଫ କରିଛି। ଶୁକ୍ରବାର ନମାଜପାଠ ପରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ବଜାର ବନ୍ଦ କରିବାକୁ ଆସିବାରୁ ସଂଘର୍ଷର



ସୂତ୍ରପାତ ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଉତ୍ତେଜନା ଲାଗିରହିଥିବାରୁ ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଟିଭି ବିତର୍କରେ ବିବାଦୀୟ ମନ୍ତବ୍ୟ ଦେଇ ମୁସଲମାନଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବାରୁ ନୁପୁରଙ୍କ ବିରୋଧରେ ମହାରାଷ୍ଟ୍ରର ଠାଣେ ଓ ଦକ୍ଷିଣ ମୁମ୍ବାଇରେ ଦୁଇଟି ମାମଲା ରୁଜୁ ହୋଇଛି। ଜ୍ଞାନବାପି ମସ୍‌ଜିଦ ବିବାଦକୁ ନେଇ ଏକ ଟିଭି ବିତର୍କ କାର୍ଯ୍ୟକ୍ରମରେ ନୁପୁର କହିଥିଲେ, ଜ୍ଞାନବାପି ମସ୍‌ଜିଦ ପରିସରରୁ ଶିବଲିଙ୍ଗ ମିଳିଥିଲେ ହେଁ ମୁସଲମାନ ସମ୍ପ୍ରଦାୟ ଏହାକୁ ଏକ ଝରଣା କହି ହିନ୍ଦୁ ବିଶ୍ୱାସକୁ ପରିହାସ କରୁଛନ୍ତି। ମୁସଲମାନ ଧର୍ମଗ୍ରନ୍ଥର କେତେକ ଉକ୍ତିକୁ ନେଇ ଲୋକେ ମଜା କରିପାରନ୍ତି। ନୁପୁରଙ୍କ ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଉତ୍ତେଜନା ଦେଖାଦେବା ସହ ତାଙ୍କୁ ବଳାତ୍କାର ଧମକ ମିଳିଥିଲା।

## କଶ୍ମୀରରେ ବଢ଼ୁଛି ଟାର୍ଗେଟ କିଲିଂ

ନୂଆଦିଲ୍ଲୀ,୩।୬

ଜମ୍ମୁ-କଶ୍ମୀରରେ ହିନ୍ଦୁଙ୍କୁ ଟାର୍ଗେଟ କିଲିଂ ବଢ଼ିବାରେ ଲାଗିଛି। ଗତ ମାର୍ଚ୍ଚରୁ ଅଦ୍ୟାବଧି ୧୩ ଜଣଙ୍କୁ ଟାର୍ଗେଟ କିଲିଂ କରାଗଲାଣି। ଏଥିଯୋଗୁ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା ବଢ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକରେ ଉପତ୍ୟକାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅନୁଷ୍ଠିତ ଏହି ବୈଠକରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ, ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲା, ସିଆର୍‌ପିଏଫ୍ ଡିଜି କୁଲ୍‌ଦୀପ ସିଂ



ଅମିତ୍ ଶାହା

ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ମୁଖ୍ୟ ପଙ୍କଜ ସିଂ ଯୋଗଦେଇଥିଲେ।

ବୈଠକରେ ଅମରନାଥ ଯାତ୍ରା ପାଇଁ ହୋଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। କଶ୍ମୀରରେ ଗତ ୩ ଦିନ ମଧ୍ୟରେ ୩ ଜଣଙ୍କୁ ଟାର୍ଗେଟ କିଲିଂ କରାଗଲାଣି।

### ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କଲେ ଶାହା

ଗୁରୁବାର ଜଣେ ବ୍ୟାଙ୍କ ମ୍ୟାନେଜର ଏବଂ ବାହାର ରାଜ୍ୟର ଜଣେ ଶ୍ରମିକଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିଲେ। କୁଲ୍‌ଗାମରେ ବ୍ୟାଙ୍କ ମ୍ୟାନେଜର ବିଜୟ କୁମାରଙ୍କ ହତ୍ୟା ପାଇଁ ଲସ୍କର-ଇ-ତୋଇବାର ଛାୟା ସଂଗଠନ ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଛି। ଏହା ପୂର୍ବରୁ ସାମ୍ବା ସେକ୍ଟରରେ ଜଣେ ୩୬ ବର୍ଷୀୟ ହିନ୍ଦୁ ଶିକ୍ଷୟିତ୍ରୀଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ। ଦୁଇମାସ ମଧ୍ୟରେ କଶ୍ମୀରୀ ପଣ୍ଡିତ କର୍ମଚାରୀ ରାହୁଲ ଭଟ୍ଟ ଏବଂ ଡ୍ୟୁଟିରେ ନ ଥିବା ୩ ଜଣ ପୋଲିସଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଛନ୍ତି।

### ଉପତ୍ୟକା ଛାଡ଼ିଲେଣି ବହୁ ପଣ୍ଡିତ

**ଶ୍ରୀନଗର,୩।୬ :** ଜମ୍ମୁ-କଶ୍ମୀରରେ ଟାର୍ଗେଟ କିଲିଂ ସଂଖ୍ୟାକୁ ଦେଖି ବହୁ ପ୍ରବାସୀ ହିନ୍ଦୁ ଓ କଶ୍ମୀରୀ ପଣ୍ଡିତ କର୍ମଚାରୀ ଏବଂ ସେମାନଙ୍କ ପରିବାର ଉପତ୍ୟକା ଛାଡ଼ିଛନ୍ତି। ଏହା ୧୯୮୯ରୁ ୧୯୯୫ ମଧ୍ୟରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନକୁ ମନେ ପକାଇ ଦେଉଛି। ବାରାମୁଲା ଟ୍ରାଞ୍ଜିଟ୍ କ୍ୟାମ୍ପରେ ୩୫୦ରୁ ଉର୍ଦ୍ଧ୍ୱ ପରିବାର ରହିଥିବାବେଳେ ସେଥିରୁ ଅଧା ପଳାଇଗଲେଣି। ଟାର୍ଗେଟ କିଲିଂ ବଢ଼ିଚାଲିଥିବାରୁ ନିଜକୁ ଅସୁରକ୍ଷିତ ଅନୁଭବ କରୁଥିବା ଜଣେ କଶ୍ମୀରୀ ପଣ୍ଡିତ କହିଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ